

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୭ ସେପ୍ଟେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 17 SEPTEMBER 2020
Vol.No. 30 ■ No. 236 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA
A Fully +2 Science Residential College
Dibyasingpur, Udala,
Dist: Mayurbhanj




2nd Admission is going on
SUMMER COURSE:- 2nd Batch Admission
Starts from: Dt.19.03.2020 and Class Starts
From:- 2nd April (Thursday)
ଏହି SUMMER COURSE FEE କେବଳ ମାତ୍ର
୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।
*For better development of students are taught by highly and well experienced faculties.*
Contact No: 9437294587, 9438232419, 9437443950,


# ଜୀବିକା କାର୍ଯ୍ୟକ୍ରମ ଜରିଆରେ ଗାଁ ଲୋକଙ୍କ ରୋଜଗାର ବଢ଼ାଇବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ




ଭୁବନେଶ୍ୱର,୧୬।୯ (ନି.ପ୍ର): କୋଭିଡ ଜନିତ ଆର୍ଥିକ ମାନ୍ଦା ଅବସ୍ଥାରୁ ଗ୍ରାମାଂଚଳର ଲୋକମାନଙ୍କୁ ସୁରକ୍ଷିତ ରଖିବା ପାଇଁ ଅର୍ଥନୈତିକ କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିପାଇଁ ବିଭିନ୍ନ ଜୀବିକା ପ୍ରକଳ୍ପକୁ ଅଧିକ ପାଣ୍ଠି ଯୋଗାଇବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି ।

ଆଜି କୋଭିଡ ପରିଚାଳନା ବିଷୟରେ ସମୀକ୍ଷା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ନରେଗା ସମେତ ଅନ୍ୟ ଜୀବିକା କାର୍ଯ୍ୟକ୍ରମ ଜରିଆରେ ଯେପରି ଗାଁ ଲୋକମାନେ ଅଧିକରୁ ଅଧିକ ରୋଜଗାର ପାଇପାରିବେ, ସେଥିପ୍ରତି ଦୃଷ୍ଟି ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ସେହିପରି କୃଷି, ମତ୍ସ୍ୟଚାଷ, ଉଦ୍ୟାନ କୃଷି, ଜଙ୍ଗଲ, ମୃତିକା ସଂରକ୍ଷଣ ପାଇଁ ସେ ଘୋଷଣା କରିଥିବା ପ୍ୟାକେଜକୁ ଠିକ୍ ଭାବରେ କାର୍ଯ୍ୟ କରିବା ସର୍ବୋଚ୍ଚ ପ୍ରାଥମିକତା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଏତଦ୍‌ବ୍ୟତୀତ ଚାଷୀ, ମିଶନ ଶକ୍ତିର ମା ମାନେ ଏମଏସଏମଇ ଓ ବୁଣାକାର ମାନଙ୍କୁ ଅଧିକ ଋଣ ସହାୟତା ସୁନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ଭାରତର ପ୍ରଥମ ତୈମାସିକ ଆର୍ଥିକ ଅଭିବୃଦ୍ଧି ବିଯୁକ୍ତ ୨୩ ପ୍ରତିଶତ ଥିବାରୁ ଆମର ଲୋକମାନଙ୍କୁ ଏହାର କୁପ୍ରଭାବରୁ ସୁରକ୍ଷିତ ରଖିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ ।

ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ବିଭାଗର ଡାକ୍ତର, ସ୍ୱାସ୍ଥ୍ୟକର୍ମୀଙ୍କ ସମେତ ସମସ୍ତ କୋଭିଡ ଯୋଦ୍ଧାଙ୍କ କାର୍ଯ୍ୟର ଉଚ୍ଚପ୍ରଶଂସା କରିଥିଲେ । ରାଜ୍ୟରେ କୋଭିଡ ଆରୋଗ୍ୟଙ୍କ ସଂଖ୍ୟା ୧.୨୫ ହଜାରରେ ପହଂଚିଥିବାରୁ ଏବଂ କେବଳ ଗତ ୫ ସପ୍ତାହ ମଧରେ ଏକ ଲକ୍ଷରୁ ଅଧିକ ରୋଗୀ ଆରୋଗ୍ୟ ଲାଭ କରିଥିବାରୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ ଏବଂ କୋଭିଡ ଯୋଦ୍ଧା ତଥା ଡାକ୍ତର, ସ୍ୱାସ୍ଥ୍ୟକମୀ ମାନଙ୍କୁ ସେମାନଙ୍କ କାମ ପାଇଁ ଅଭିନନ୍ଦନ ଜଣାଇଥିଲେ ।

ରାଜ୍ୟର ଅନ୍ୟ ଅଂଚଳମାନଙ୍କରେ କୋଭିଡ ନିୟମର କଡାକଡି ଅନୁପାଳନ ସନ୍ତୋଷଜନକ ଥିବାବେଳେ ଭୁବନେଶ୍ୱର କଟକରେ କମିଶନରେଟ ଅଞ୍ଚଳରେ ଏହା ସେତେଟା ଉତ୍ସାହଜନକ ନଥିବାରୁ ଭୁବନେଶ୍ୱର କଟକ କମିଶନରେଟ ଅଞ୍ଚଳରେ କୋଭିଡ ନିୟମ କାର୍ଯ୍ୟକାରିତା ଉପରେ ପୋଲିସ ମହାନିର୍ଦ୍ଦେଶକ ପ୍ରତ୍ୟକ୍ଷ ଦୃଷ୍ଟି ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଆଲୋଚନାରେ ଅନ୍ୟ ମାନଙ୍କ ମଧରେ ପୋଲିସ ମହାନିର୍ଦ୍ଦେଶକ, ଭୁବନେଶ୍ୱର-କଟକର

▶▶ପୃଷ୍ଠା ୭

## ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୧୬।୯ (ନି.ପ୍ର): ଆଜି ଖୋର୍ଦ୍ଧା ଜିଲ୍ଲାରେ ୮୭୬ଟି ନୂଆ କରୋନା ମାମଲା ସାମନାକୁ ଆସିବା ପରେ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢି ୨୮୧୪୭ ହୋଇଛି । ରାଜା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୨୧୯୬, ବାଲେଶ୍ୱର ଜିଲ୍ଲାରେ ୫୬୧୦, ବରଗଡ ଜିଲ୍ଲାରେ ୪୭୫୮, ଭଦ୍ରକ ଜିଲ୍ଲାରେ ୪୧୩୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗିର ଜିଲ୍ଲାରେ ୩୨୦୨ . ବୌଦ୍ଧ ଜିଲ୍ଲାରେ ୧୧୬୪, କଟକ ଜିଲ୍ଲାରେ ୧୪,୧୧୩, ଦେବଗଡ ଜିଲ୍ଲାରେ ୪୪୦, ଢେଙ୍କାନାଳ ଜିଲ୍ଲାରେ ୨୭୫୦. ଗଜପତି ଜିଲ୍ଲାରେ ୩୨୩୩, ଗଂଜାମ ଜିଲ୍ଲାରେ ୧୯୩୬୯, ଜଗତସିଂହପୁର ଜିଲ୍ଲାରେ ୩୩୭୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାଜପୁର ଜିଲ୍ଲାରେ ୬୧୬୮ , ଝାରସୁଗୁଡା ଜିଲ୍ଲାରେ ୨୮୧୫, କଳାହାଣ୍ଡି ଜିଲ୍ଲାରେ ୨୧୯୩, କନ୍ଧମାଳ ୩୦୯୦, କେନ୍ଦ୍ରାପଡା ଜିଲ୍ଲାରେ ୩୪୦୮, କେନ୍ଦୁଝର ଜିଲ୍ଲାରେ ୩୦୭୧ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୫୦୩୬ , ମାଲକାନଗିରି ଜିଲ୍ଲାରେ ୨୯୦୭, ମୟୁରଭଂଜ ଜିଲ୍ଲାରେ ୬୦୧୯. ନବରଙ୍ଗପୁର ଜିଲ୍ଲାରେ ୨୩୧୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାରେ ୩୯୨୫, ନୂଆପଡା ଜିଲ୍ଲାରେ ୧୮୨୦ , ପୁରୀ ଜିଲ୍ଲାରେ ୭୧୩୦, ରାୟଗଡା ଜିଲ୍ଲାରେ ୬୩୮୧. ସମ୍ବଲପୁର ଜିଲ୍ଲାରେ ୪୩୫୮ . ସୁବର୍ଣ୍ଣପୁର ଜିଲ୍ଲାରେ ୧୯୯୦ ଓ ସୁନ୍ଦରଗଡ ଜିଲ୍ଲାରେ ୫୮୫୦ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।ରାଜ୍ୟପୁଲରେ ଆକ୍ରାନ୍ତଙ୍କ ସଂଖ୍ୟା ବଢି ୧୮୬୧ ହୋଇଛି ।

## କଟକରେ ମାଲବାହୀ ଟ୍ରେନ ଲାଇନଚ୍ୟୁତ

ଭୁବନେଶ୍ୱର,୧୬।୯ (ନି.ପ୍ର): କଟକ ଶିଖରପୁର ଲେବଲ କ୍ରସିଂ ନିକଟରେ ଏକ ମାଲବାହୀ ଟ୍ରେନ ଲାଇନଚ୍ୟୁତ ହୋଇଛି । ମାଲବାହୀ ଟ୍ରେନଟି ଭଦ୍ରକରୁ ଖୋର୍ଦ୍ଧା ଆସୁଥିଲା । ଏହି ଟ୍ରେନର ଗୋଟିଏ ବଗି ଲାଇନଚ୍ୟୁତ ହୋଇଛି । ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ରେଳବାଇର ଟେକ୍ନିକାଲ ଟିମ ଓ ଆରପିଏଫ ଘଟଣା ସ୍ଥଳରେ ପହଂଚିଥିଲେ । ତେବେ ଏହା ଦ୍ୱାରା ଯାତ୍ରୀ ବାହୀ ଟ୍ରେନ ଚଳାଚଳରେ କୌଣସି ଅସୁବିଧା ହୋଇ ନ ଥିବା ଜଣା ପଡିଛି ।

## ରାଜ୍ୟରେ ଆଜି କରୋନାରୁ ଆରୋଗ୍ୟ ହେଲେ ୪୧୨୧ ଆକ୍ରାନ୍ତ

ଭୁବନେଶ୍ୱର,୧୬।୯ (ନି.ପ୍ର): ରାଜ୍ୟରେ ଆଜି ଗୋଟିଏ ଦିନରେ ସର୍ବାଧିକ ୪୧୨୧ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଥିରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୭୫୨ ଜଣ ଆକ୍ରାନ୍ତ ବ୍ୟକ୍ତି ସୁସ୍ଥ ହୋଇ ଘରକୁ ଯାଇଛନ୍ତି । ଏଥି ସହିତ ରାଜ୍ୟରେ କରୋନାରପ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧ ଲକ୍ଷ ୨୯ ହଜାର ୮୫୯କୁ ବୃଦ୍ଧି ପାଇଛି । ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ କଟକ ଜିଲ୍ଲାରୁ ଆଜି ଦ୍ୱିତୀୟ ସର୍ବାଧିକ ୪୪୦ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ପୁରୀ ଜିଲ୍ଲାରୁ ୨୭୫ ଜଣ, ଯାଜପୁର ଜିଲ୍ଲାରୁ ୨୭୨ ଜଣ, ନୂଆପଡ଼ା ଜିଲ୍ଲାରୁ ୨୬୮ ଜଣ, ଅନୁଗୁଳ ଜିଲ୍ଲାରୁ ୧୮୭ ଜଣ, ବରଗଡ଼ ଜିଲ୍ଲାରୁ ୧୮୧ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧୫୦ ଜଣ, ମୟୂରଭଞ୍ଜ ଜିଲ୍ଲାରୁ ୧୨୬ ଜଣ, ସୁବର୍ଣ୍ଣପୁର ଜିଲ୍ଲାରୁ ୧୨୨ ଜଣ, କୋରାପୁଟ ଜିଲ୍ଲାରୁ ୧୧୯ ଜଣ, ବାଲେଶ୍ୱର, ବଲାଙ୍ଗୀର ଜିଲ୍ଲାରୁ ୧୦୮ ଜଣ ଲେଖାଏଁ ଓ ଗଂଜାମ ଜିଲ୍ଲାରୁ ୧୦୩ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ଜଗତସିଂହପୁର ଜିଲ୍ଲାରୁ ୯୭ ଜଣ, କେନ୍ଦୁଝର ଜିଲ୍ଲାରୁ ୮୩ ଜଣ, ବୌଦ୍ଧ ଜିଲ୍ଲାରୁ ୭୬ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୭୫ ଜଣ, କନ୍ଧମାଳ ଜିଲ୍ଲାରୁ ୬୯ ଜଣ, ଝାରସୁଗୁଡ଼ା ଜିଲ୍ଲାରୁ ୬୬ ଜଣ, ସୁନ୍ଦରଗଡ଼ ଜିଲ୍ଲାରୁ ୬୪ ଜଣ, ଭଦ୍ରକ ଜିଲ୍ଲାରୁ ୬୨ ଜଣ, ରାୟଗଡ଼ା ଜିଲ୍ଲାରୁ ୬୧ ଜଣ, ସମ୍ବଲପୁର ଜିଲ୍ଲାରୁ ୬୦ ଜଣ, ନୟାଗଡ଼ ଜିଲ୍ଲାରୁ ୫୬ ଜଣ, କଳାହାଣ୍ଡି ଜିଲ୍ଲାରୁ ୫୧ ଜଣ, ଗଜପତି ଜିଲ୍ଲାରୁ ୨୯ ଜଣ, ଦେବଗଡ଼, ନବରଙ୍ଗପୁର ଜିଲ୍ଲାରୁ ୨୪ ଜଣ ଲେଖାଏଁ ଓ ମାଲକାନଗିରି ଜିଲ୍ଲାରୁ ୧୩ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

## ବିଧାନସଭା ଅଧିବେଶନ ପୂର୍ବରୁ ବିଧାୟକଙ୍କ ହେବ କରୋନା ଟେଷ୍ଟ



ଭୁବନେଶ୍ୱର,୧୬।୯ (ନି.ପ୍ର): ଆଗାମୀ ୨୯ ତାରିଖରୁ ଓଡ଼ିଶା ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେଉଛି । ତେବେ ଏହି ଅଧିବେଶନ ପୂର୍ବରୁ ସବୁ ବିଧାୟକଙ୍କ କରୋନା ପରୀକ୍ଷା କରାଯିବ । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏସମ୍ପର୍କରେ ବିଏମସି ଓ କ୍ୟାପିଟାଲ ହସପିଟାଲ କର୍ତ୍ତୃପକ୍ଷଙ୍କୁ ପତ୍ର ଲେଖାଯାଇଛି । ଏ ସମ୍ପର୍କରେ ମିଳିଥିବା ସୂଚନା ଅନୁସାରେ ଆଗାମୀ ୨୭ ଓ ୨୮ ତାରିଖରେ ବିଧାନସଭା ପରିସରରେ ସ୍ୱତନ୍ତ୍ର କ୍ୟାମ୍ପ କରାଯାଇ ସବୁ ବିଧାୟକ, ସେମାନଙ୍କ ଡ୍ରାଇଭର ଓ ବ୍ୟକ୍ତିଗତ ସୁରକ୍ଷା କର୍ମୀ, ବିଧାନସଭାର ସଚିବ ଓ ସବୁ କର୍ମଚାରୀଙ୍କ ଆରଟିପିସିଆର ପରୀକ୍ଷା କରାଯିବ । ମୁଖ୍ୟମନ୍ତ୍ରୀ, ସବୁ ମନ୍ତ୍ରୀ, ବିରୋଧୀଦଳ ନେତାଙ୍କ ଅଫିସ କର୍ମଚାରୀଙ୍କ ଟେଷ୍ଟ କରାଯିବ । ସେହିପରି ଅକ୍ଟୋବର ୪ ରେ ପୁଣି ଥରେ ପରୀକ୍ଷା କରାଯିବ । ଅଧିବେଶନ ମଝିରେ କୌଣସି କାହାକୁ ଅସ୍ୱାଭାବିକ ଲାଗିଲେ ପୁଣିଥରେ ଆଂଟିଜେନ ପରୀକ୍ଷା କରା ଯାଇ ପାରିବ ବୋଲି ସୂଚନା ମିଳିଛି । ଏଠାରେ ଉଲ୍ଲେଖ କରା ଯାଇ ପାରେ ଯେ ଆସନ୍ତା ସେପ୍ଟେମ୍ବର ୨୯ରୁ ରାଜ୍ୟ ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେବା ନେଅ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଧାନସଭାର ଏହି ଅଧିବେଶନ ଆଗାମୀ ଅକ୍ଟୋବର ୭ ପର୍ଯ୍ୟନ୍ତ ଚାଲିବ । ଏଥିରେ ମୋଟ ୮ଟି କାର୍ଯ୍ୟ ଦିବସ ରହିବ । ଅକ୍ଟୋବର ୨ ଗାନ୍ଧି ଜୟନ୍ତୀ ପାଇଁ ବିଧାନସଭା ବନ୍ଦ ରହିବ । ତେବେ ଅକ୍ଟୋବର ୪ ତାରିଖ ରବିବାର ହେଲେ ମଧ ବିଧାନସଭାର ଅଧିବେଶନ ଚାଲିବ ବୋଲି ସୂଚନା ଦିଆ ଯାଇଛି ।

## କଟକ ଭୁବନେଶ୍ୱରସ୍ଥିତ କୋଭିଡ୍ ହସ୍ପିଟାଲକୁ ସାରା ରାଜ୍ୟରୁ ରୋଗୀ ଆସିପାରିବେ: ମୁଖ୍ୟ ଶାସନ ସଚିବ




ଭୁବନେଶ୍ୱର,୧୬।୯ (ନି.ପ୍ର): କଟକ-ଭୁବନେଶ୍ୱର ସ୍ଥିତ କୋଭିଡ୍ ହସ୍ପିଟାଲକୁ କୋଭିଡ୍ ରୋଗୀମାନଙ୍କୁ ପଠାଇବା ନିମନ୍ତେ ସରକାର ବାରଣ କରିନାହାନ୍ତି । ସରକାର ଟ୍ୱିନ୍-ସିଟିରେ ସୃଷ୍ଟି କରିଦ୍ୱବା ଚିକିତ୍ସା ସୁବିଧା ସାରା ରାଜ୍ୟର ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ କହିଛନ୍ତି । ରୋଗୀମାନଙ୍କୁ ଉପଯୁକ୍ତ ଡାକ୍ତରୀ ପରାମର୍ଶ ଓ ଅମ୍ଳଜାନ ଆଦି ସହାୟତା ସହକଟକ ଓ ଭୁବନେଶ୍ୱରର ରେଫରାଲ୍ ହସ୍ପିଟାଲ ପଠାଇବା ପାଇଁ ସରକାରୀ ନିର୍ଦ୍ଦେଶନାମାରେ କୁହାଯାଇଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର କହିଛନ୍ତି । ଶ୍ରୀ ମହାପାତ୍ର କହିଛନ୍ତି ଯେ, ଜଣେ ରୋଗୀ ଯେପରି ସୁରକ୍ଷିତ ଭାବେ ରେଫରାଲ ହସ୍ପିଟାଲରେ ପହଂଚି ପାରିବେ ସେ ବିଷୟରେ ବିଭାଗୀୟ ନିର୍ଦ୍ଦେଶନାମାରେ କୁହାଯାଇଛି । କ୍ରିଟିକାଲ ଚିକିତ୍ସା ବ୍ୟବସ୍ଥାକୁ ଅଧିକ ଶୃଙ୍ଖଳିତ କରିବା ଏହାର ଉଦ୍ଦେଶ୍ୟ । ଆସିଲା ବେଳେ ଯେପରି ରୋଗୀଙ୍କର ଅମ୍ଳଜାନ ଅଭାବ ନ ହୁଏ, ହାଇପକସିଆ ନ ହୁଏ ଏ ସବୁ ବିଷୟରେ ଯତ୍ନବାନ ହେବା ପାଇଁ ଜିଲ୍ଲାସ୍ତରରେ କାର୍ଯ୍ୟରତ ଚିକିତ୍ସକ ଏବଂ ସ୍ୱାସ୍ଥ୍ୟ ଅଧିକାରୀ ମାନଙ୍କୁ କୁହାଯାଇଛି । ଆସିବା ବେଳେ ରୋଗୀ ନିଜେ କି କି ସତର୍କତା ଅବଲମ୍ବନ କରିବା ଦରକାର ତାହା ମଧ୍ୟ ସମ୍ପୃକ୍ତ ଡାକ୍ତର ରୋଗୀଙ୍କୁ ସଠିକ୍ ଭାବେ ବୁଝାଇବେ । ରୋଗୀଙ୍କୁ ଉପଯୁକ୍ତ ପ୍ରାରମ୍ଭିକ ଚିକିତ୍ସା, ପରାମର୍ଶ ଓ ଉପଯୁକ୍ତ ବ୍ୟବସ୍ଥା ସହ ପଠାଇଲେ ରୋଗୀଙ୍କର ଅବସ୍ଥାରେ ବିଶେଷ ଅବନତି ହେବ ନାହିଁ ଏବଂ ତାଙ୍କ ଜୀବନ ରକ୍ଷାର ସମ୍ଭାବନ ବଢ଼ିବ ବୋଲି ଶ୍ରୀ ମହାପାତ୍ର ସ୍ପଷ୍ଟ କରିଛନ୍ତି ।

## ରାଜ୍ୟରେ ଆଉ ୧୧ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୬୫୬ ହେଲା




ଭୁବନେଶ୍ୱର,୧୬।୯ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୧ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୬୫୬ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ପୁରୀ ଓ ସମ୍ବଲପୁର ଜିଲ୍ଲାର ୩-୩ ଜଣ ତଥା ଖୋର୍ଦ୍ଧା ଜିଲ୍ଲାର ୨ ଜଣ ଥିବା ବେଳେ କଳାହାଣ୍ଡି, ମୟୁରଭଂଜ ଓ ସୁନ୍ଦରଗଡ ଜିଲ୍ଲାର ଜଣେ ଜଣେ ଅଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ କଳାହାଣ୍ଡି ଜିଲ୍ଲାର ଜଣେ ୫୯ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ଖୋର୍ଦ୍ଧା ଜିଲ୍ଲାର ଜଣେ ୬୧ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଖୋର୍ଦ୍ଧା ଜିଲ୍ଲାର ଜଣେ ୫୨ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହରେ ପୀଡିତ ଥିଲେ । ମୟୁରଭଂଜ ଜିଲ୍ଲାର ଜଣେ ୪୫ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ପୁରୀ ଜିଲ୍ଲାର ଜଣେ ୪୫

▶▶ପୃଷ୍ଠା ୭

## ମାଲକାନଗିରି ବିଧାୟକ ଆଦିତ୍ୟ ମାଢୀ କରୋନା ଆକ୍ରାନ୍ତ

ଭୁବନେଶ୍ୱର,୧୬।୯ (ନି.ପ୍ର): ମାଲକାନଗିରିର ବିଧାୟକ ଆଦିତ୍ୟ ମାଢୀ କରୋନା ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି । କରୋନା ଚିହ୍ନଟ ହେବା ପରେ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଛି । ମିଳିଥିବା ସୂଚନା ଅନୁସାରେ, ଗତ କିଛି ଦିନ ଧରି ସେ ଅସୁସ୍ଥ ଥିଲେ ଓ ଏହାପରେ ତାଙ୍କର କୋଭିଡ୍-୧୯ ଟେଷ୍ଟ କରାଯାଇଥିଲା । ଏହାପରେ ନମୁନା ପଜିଟିଭ୍ ଆସିଥିଲା । ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିବାରୁ ଭୁବନେଶ୍ୱର ଏମସରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି ।

## ଗୋଟିଏ ଦିନରେ ୪୨୭୦ କରୋନା ଆକ୍ରାନ୍ତ ଚିହ୍ନଟ

### ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୬୨୯୨୦କୁ ବୃଦ୍ଧି




ଭୁବନେଶ୍ୱର,୧୬।୯ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୪୨୭୦ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୬୨୯୨୦ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୧୨୫୭୩୮ ଜଣ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୩୬୪୭୩ ରହିଛି । ଆଜି ଚିହ୍ନଟ ହୋଇଥିବା ୪୨୭୦ ଜଣଙ୍କ ମଧ୍ୟରୁ ୨୪୭୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୭୯୨ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ୮୭୬ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଅନୁଗୁଳ ଜିଲ୍ଲାରେ ୧୪୭ , ବାଲେଶ୍ୱର ଜିଲ୍ଲାରେ ୧୫୦ ଜଣ, ବରଗଡ ଜିଲ୍ଲାରେ ୧୮୩ , ଭଦ୍ରକ ଜିଲ୍ଲାରେ ୫୫, ବଲାଙ୍ଗିର ଜିଲ୍ଲାରେ ୯୭, ବୌଦ୍ଧ ଜିଲ୍ଲାରେ ୨୨ ,କଟକ ଜିଲ୍ଲାରେ ୩୭୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଦେବଗଡ ଜିଲ୍ଲାରେ ୧୮. ଢେଙ୍କାନାଳ ଜିଲ୍ଲାରେ ୬୩, ଗଜପତି ଜିଲ୍ଲାରେ ୫୮, ଗଂଜାମ ଜିଲ୍ଲାରେ ୬୮,

▶▶ପୃଷ୍ଠା ୭

## ବନ୍ୟା କ୍ଷୟକ୍ଷତିର ଆକଳନ କଲେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଦଳ



ଭଦ୍ରକ,୧୬।୯ (ନି.ପ୍ର): ଗତ କିଛି ଦିନ ତଳେ ବୈତରଣୀ ନଦୀରେ ବନ୍ୟା ଆସି ଭଦ୍ରକ ଜିଲ୍ଲାର ବ୍ୟାପକ କ୍ଷତି ଘଟାଇଛି । ବହୁ ଘର ଭାଙ୍ଗିଥିବା ବେଳେ ହଜାର ହଜାର ହେକ୍ଟର ଜମିର ଫସଲ ହାନୀ ହୋଇଛି । ଏହି ବନ୍ୟାର କ୍ଷୟକ୍ଷତି ଆକଳନ ନିମନ୍ତେ ଆଜି ଭଦ୍ରକରେ ଏକ କେନ୍ଦ୍ରୀୟ ଟିମ୍ ପହଞ୍ଚି ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି । କେନ୍ଦ୍ର ଗୃହ

▶▶ପୃଷ୍ଠା ୭

# ଖୋର୍ଦ୍ଧା ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ସତ୍ୟଜିତ୍ ସେନାପତିଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ

ଭୁବନେଶ୍ୱର,୧୬।୯ (ନି.ପ୍ର): ପୂର୍ବତନ ବାଲୁଗାଁ ନଗରପାଳ ତଥା ଖୋର୍ଦ୍ଧା ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଶ୍ରୀ ସତ୍ୟଜିତ୍ ସେନାପତିଙ୍କ ଅକାଳ ବିୟୋଗରେ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଏବଂ ବିରୋଧୀ ଦଳ ନେତା ଶ୍ରୀ ପ୍ରଦୀପ୍ତ କୁମାର ନାଏକ ଗଭୀର ଶୋକ ବ୍ୟକ୍ତ କରିବା ସହ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରି ସ୍ୱର୍ଗତଃ ଆତ୍ମାର ସଦଗତି କାମନା କରିଛନ୍ତି । ଜଣେ ଦକ୍ଷ ସଂଗଠକ ଏବଂ ଯୁବନେତା ଭାବେ ସ୍ୱର୍ଗତଃ ସେନାପତି ଅଳ୍ପ ସମୟ ମଧ୍ୟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ଛାତ୍ର ଜୀବନରୁ ରାଜନୀତିରେ ପାଦ ଦେଇଥିବା ସ୍ୱର୍ଗତଃ ସେନାପତି ସର୍ବଦା ନିଜ ଦାୟିତ୍ୱକୁ ସଠିକ୍ ଭାବେ ସଂପାଦନା କରୁଥିଲେ । ତାଙ୍କର ଏହି ଅକାଳ ବିୟୋଗରେ ସ୍ଥାନୀୟ ଅଂଚଳରେ ଶୋକର ବାତାବରଣ ସୃଷ୍ଟି ହୋଇଛି । ସ୍ୱର୍ଗତଃ ସେନାପତିଙ୍କ ବିୟୋଗ ପାର୍ଟୀ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିବା ସହ ଏଭଳି ଦୁଃଖଦ ସମୟରେ ପ୍ରଭୁ ଶ୍ରୀ ଜଗନ୍ନାଥ ସ୍ୱର୍ଗତଃ ମହାନ୍ତିଙ୍କ ପରିବାରବର୍ଗଙ୍କୁ ଅସୀମ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରିବାକୁ ଶ୍ରୀ ମହାନ୍ତି ଏବଂ ଶ୍ରୀ ନାଏକ ପ୍ରାର୍ଥନା କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ସାଂସଦ ଅପରାଜିତା ଷଡଙ୍ଗୀ, ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ, ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାଶିସ ଆଚାର୍ଯ୍ୟ, ରାଜ୍ୟ ସଂପାଦକ କାଳନ୍ଦୀ ସାମଲ ଓ ଟଙ୍କଧର ତ୍ରିପାଠୀ, ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ଠାକୁର ରଣଜିତ୍ ଦାଶ ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି ।

## ମାନବାଧିକାର ମିଶନର କାର୍ଯ୍ୟକାରୀ ବୈଠକ

ଭଦ୍ରକ, ୧୬/୯ (ହି.ସ.) - ବେସରକାରୀ ସଂଗଠନ ଓଡିଶା ରାଜ୍ୟ ମାନବାଧିକାର ମିଶନର କାର୍ଯ୍ୟକାରୀ ବୈଠକ ଭଦ୍ରକରେ ଅନୁଷ୍ଠିତ ହୋଇଯାଇଛି । ମିଶନର ସଭାପତି ଦିଲୀପ କୁମାର ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଗଠନକୁ ସୁଦୃଢ଼ କରିବା ଓ ମାନବାଧିକାର ସଂପର୍କିତ ସମସ୍ୟା ରାଜ୍ୟ ସରକାରଙ୍କ ପାଖେ ଉପସ୍ଥାପନ କରାଯିବା ନେଇ ଆଲୋଚନା ହୋଇଥିଲା । ପରେ ମନୋନୀତ କର୍ମକର୍ତ୍ତାଙ୍କ ତାଲିକା ଘୋଷଣା ହୋଇଥିଲା । ଆଇନଜୀବୀ ମନୋଜ କୁମାର ରାୟ ରାଜ୍ୟ ଉପସଭାପତି, ନିରୋଦ କୁମାର ଆଇଚ ଜିଲା ଉପସଭାପତି, ସନ୍ତୋଷ କୁମାର ନାୟକ ସଭ୍ୟ, ରାଜୀବ ଲୋଚନ ରାୟ ବନ୍ତ ବ୍ଲକ ସଭାପତି, ଅକ୍ଷୟ କୁମାର ମହାପାତ୍ର ଜିଲା ଉପସଭାପତି, ସଭ୍ୟ ଭାବେ ଶିବାନନ୍ଦ ଦାସ ଅଧିକାରୀ, ମୂରଲୀ ଓଝାଙ୍କ ନାମ ଘୋଷଣା କରାଯାଇଥିଲା । ବୈଠକରେ ରାଜ୍ୟ ଉପସଭାପତି ଇନ୍ଦ୍ରଜିତ ସାହୁ, ଜିଲା ସଭାପତି ଜୟନ୍ତ ସେନାପତିଙ୍କ, ଦେବରାଜ ପାତ୍ର, ଉମେଶ ସ୍ୱାଇଁ, ପ୍ରମୋଦ ଦାଶ, ଅଶୋକ ପରିଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର,୧୬।୯ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ବିଶ୍ୱ ଗଣତନ୍ତ୍ର ଦିବସ ଅବସରରେ କହିଛନ୍ତି ଯେ, ସମଗ୍ର ବିଶ୍ୱ ଅଭୂତପୂର୍ବ କୋଭିଡ୍-୧୯ ଆହ୍ୱାନକୁ ସମ୍ମୁଖୀନ ହେଉଥିବାବେଳେ ସହଭାଗିତାରେ ନୀତି ନିର୍ଦ୍ଧାରଣ ଓ ତୃଣମୂଳସ୍ତରରୁ ଜନସାଧାରଣଙ୍କୁ ସଶକ୍ତ କରିବା ପରି ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖିବା ନିହାତି ଜରୁରୀ । ମହାମାରୀ ବିରୋଧୀ ଆମର ସଂଗ୍ରାମ ମୂଳରେ ଜନସାଧାରଣଙ୍କୁ ରଖିବା ପାଇଁ ଆମ୍ଭେମାନେ ପ୍ରତିବଦ୍ଧ ହେବା ଉଚିତ ବୋଲି ସେ କହିଛନ୍ତି ।

# ବର୍ଷା ଓ ବନ୍ୟାଜଳ ନିଷ୍କାସନ ପାଇଁ ଇନ୍ଦୁପୁର ସରପଂଚଙ୍କ ଦାବି

### ଜିଲ୍ଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

କେନ୍ଦ୍ରାପଡା,୧୬।୯ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅଧିନ ଇନ୍ଦୁପୁର ପଂଚାୟତର କେତେକ ଅଂଚଳ ଜଳ ଆବଦ୍ଧ ଥିବାରୁ ବନ୍ୟା ଓ ବର୍ଷାଜଳ ନିଷ୍କାସନ ପାଇଁ ଜିଲ୍ଲାପାଳଙ୍କ ଠାରେ ଦାବି କରାଯାଇଛି । ସରପଂଚ ରୀନା ମଲ୍ଲିକଙ୍କ ନେତୃତ୍ୱରେ ଗ୍ରାମବାସୀ ମାନେ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ନିବେଦନ କରିଛନ୍ତି । ବିରୂପା ନଦୀ, ଘେରିବନ୍ଧ ଓ ଅନ୍ୟପଟରେ ପଟ୍ଟାମୁଣ୍ଡାଇ କେନାଲ ବନ୍ଧ ଆବଦ୍ଧ ଭିତରେ ଇନ୍ଦୁପୁର ଗ୍ରାମ ପଂଚାୟତ ଥିବାରୁ ବର୍ଷାଋତୁରେ ଓ ବନ୍ୟା ସମୟରେ ଏହି ଅଂଚଳରେ ଜଳ ଗଚ୍ଛିତ ରହି ପଂଚାୟତର ୧୨ଟି ୱାର୍ଡ ଯୋଗାଯୋଗରୁ ବିଚ୍ଛିନ୍ନ ହୋଇଯାଉଛି । ନଦୀରେ ବନ୍ୟା ହେଲେ ବନ୍ଧରୁ ଘଳିଆ ବାଟେ ଜଳ ଝରିଆସି ୱାର୍ଡ ଗୁଡିକ ଜଳମଗ୍ନ ହୋଇ ଯାଉଥିବାରୁ ବହୁ କଚାଘର କ୍ଷତିଗ୍ରସ୍ତ ହେଉଥିବା ଦେଖାଦେଇଛି । ଗ୍ରାମବାସୀଙ୍କ ବହୁ ଘର ଭାଙ୍ଗିଯିବା ସହ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଏ । ଏହାର ସ୍ଥାୟୀ ପ୍ରତିକାର କରିବା ପାଇଁ ଜିଲ୍ଲା ପ୍ରଶାସନ ଅଗ୍ରାଧିକାର ଭିତିରେ ବିଚାର କରିବାକୁ ସରପଂଚ ଶ୍ରୀମତୀ ମଲ୍ଲିକ ଦାବି କରିଛନ୍ତି ।

# ବସ୍ତି ଉଚ୍ଛେଦ ପୂର୍ବରୁ ଥଇଥାନ ଦାବିରେ ବସ୍ତିବାସିନ୍ଦା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ବାରିପଦା,୧୬।୯ (ନି.ପ୍ର): ବାରିପଦା ପୌରପରିଷଦର ଭଞ୍ଜପୁରସ୍ଥିତ ରେଳବାଇ ଜମି ଉପରେ ପ୍ରାୟ ୪୦/୪୫ ବର୍ଷ ୪୦ରୁ ଅଧିକ ପରିବାର ଏକ ବସ୍ତି ଭାବେ ବସବାସ କରିଆସୁଥିଲେ । ସରକାରଙ୍କ ଭୂମିହୀନ ବସ୍ତିବାସିନ୍ଦା ଯୋଜନାରେ ଏହି ବସ୍ତିରେ ବସବାସ କରୁଥିବା ପରିବାରଙ୍କୁ ସାମିଲ କରାଯାଇଥିବାର ସେମାନଙ୍କ ଘର କାନ୍ଥରେ ଏକ ଷ୍ଟିକର ଲଗାଯାଇଥିବା ବେଳେ ସେମାନଙ୍କୁ ଅଦ୍ୟାବଧି ଘର ଅଥବା ଜମି ପଟ୍ଟା ମିଳିପାରି ନାହିଁ । ଏହି ସମୟରେ ରେଳବାଇ ପକ୍ଷରୁ ସେମାନଙ୍କୁ ଜମି ଖାଲି କରାଇବାକୁ ନୋଟିସ ଜାରି କରିଥିଲେ । ଫଳରେ ବସ୍ତିବାସିନ୍ଦାମାନେ ରେଳବାଇ ଜମିରେ ରହୁଥିବା ଘରକୁ ଛାଡ଼ି ଏକ ୨ ଏକରରୁ ଅଧିକ ପତିତ ସରକାରୀ ଜମିର ନାଳ, ଖାଲକୁ ଭର୍ତି କରି, ନଟାବୁଦା ସଫା କରି ସେଠାକୁ ବସ୍ତିକୁ ଉଠାଇ ନେଇଥିଲେ । ମାତ୍ର କେତେକ ଜମି ମାଫିଆ ଉକ୍ତ ସରକାରୀ ଜମିକୁ ନିଜର ଟିକଟ ଭୁକ୍ତ ଜମି ବୋଲି କହି ସେମାନଙ୍କୁ ବିଭିନ୍ନ ପ୍ରକାରର ହଇରାଣ ହରକତ କରାଇବା ସହ ଥାନାରେ ଦେଇଥିଲେ । ପରବର୍ତି ସମୟରେ ଉକ୍ତ ପ୍ରଭାବଶାଳୀ ଜମି ମାଫିଆମାନଙ୍କ ପ୍ରରୋଚନାରେ ସ୍ୱତନ୍ତ୍ର ମାଜିଷ୍ଟ୍ରେଟ କ୍ଷମତା ପ୍ରାପ୍ତ ବାରିପଦା ତହସିଲଦାର ରାମଚନ୍ଦ୍ର ସୋରେନ ଉକ୍ତ ଅଞ୍ଚଳରେ ୧୪୪ ଧାରା ଜାରି କରିବା ସହ ନାଲି ପତାକା ମାରିଥିବାର ବସ୍ତିବାସିନ୍ଦାମାନେ ପ୍ରକାଶ କରିଛନ୍ତି । ବସ୍ତିବାସିନ୍ଦା ଏହାର ପ୍ରତିବାଦ ଜଣାଇବାରୁ ଆମେ କିଛି କହିପାରିବୁ ନାହିଁ ଜିଲ୍ଲାପାଳଙ୍କୁ ସାକ୍ଷାତ କର ସେ ଯାହା ନିଷ୍ପତି ନେବେ ବୋଲି କହି ୧୪୪ ଧାରା ଜାରି କରାଇଥିଲେ ବୋଲି ବସ୍ତିବାସିନ୍ଦା ଗୀତାରାଣୀ ବେହେରା କହିଛନ୍ତି । ଏଥି ସହିତ ବର୍ତମାନ କରୋନା କଟକଣା ସେମାନଙ୍କ ମେରୁଦଣ୍ଡକୁ ଭାଙ୍ଗି ଦେଇଛି । ଏହି ସମୟରେ ସେମାନଙ୍କୁ ବେଘର କରାଇ ଦେଲେ ସେମାନେ ରହିବେ କେଉଁଠି ବୋଲି ପ୍ରଶ୍ନ କରିଛନ୍ତି । ସେହିପରି ସରକାର ଭୂମିହୀନ ବସ୍ତିବାସିନ୍ଦା ନିମନ୍ତେ ଯୋଜନା କାର୍ଯ୍ୟକାରୀ କରାଇଥିଲେ ମଧ ପ୍ରଶାସନ ତାହା କାର୍ଯ୍ୟକାରୀ କରୁ ନାହାନ୍ତି । ତେଣୁ ପ୍ରଥମେ ଥଇଥାନ, ପରେ ଉଚ୍ଛେଦ ଦାବିରେ ଆଜି ଶତାଧିକ ବସ୍ତିବାସିନ୍ଦାମାନେ ହାତରେ ପ୍ଲେକାର୍ଡ଼ ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ସହ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଉକ୍ତ ଧାରଣାରେ ବିଜୟ ଲକ୍ଷ୍ମୀ ନାୟକ, ସୁଜୟ ଲକ୍ଷ୍ମୀ ନାୟକ, ମୁକୁନ୍ଦ ଜେନା, ସ୍ନେହଲତା ପାତ୍ର, କ୍ରୀଷ୍ଣା ବେହେରା, ସୁକାନ୍ତ ବେହେରା, ସୁକାନ୍ତି ବେହେରା, ଆନନ୍ଦ ବିନ୍ଧାଣି, ସୁଭଦ୍ରା ସୋରେନ, କରମରାଜ ସୋରେନ, ନବୀନ ବେହେରା, ଗୀତାଞ୍ଜଳୀ ବେହେରା, ରଞ୍ଜିତ ନାୟକ, ଭାନୁମତୀ ନାଥ, ମମତା ଦଣ୍ଡପାଟ, ଦୈତାରୀ ପୃଷ୍ଟି, ବାବୁଲୀ ବେହେରା, ପ୍ରଭାବତୀ ସାହୁ, ବିଜୁଳି ବେହେରା ପ୍ରମୁଖଙ୍କ ସମେତ ଛୋଟ ପିଲାମାନେ ମଧ ସାମିଲ ହୋଇଥିଲେ ।

## ଭୁବନ ସିଏଚସି ରେ ଆଜି ୬୦ ଜଣଙ୍କର ଆଂଟିଜେନ ଟେଷ୍ଟ ହେଲା

ଭୁବନ,୧୬।୯ (ନି.ପ୍ର): ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ଅଗଷ୍ଟ ୧୧ ତାରିଖ ମଙ୍ଗଳବାର ଠାରୁ ଆଂଟିଜେନ ଟେଷ୍ଟିଂ ଆରମ୍ଭ ହୋଇଥିବା ବେଳେ ଆଜି ସମୁଦାୟ ୬୦ ଜଣ ବ୍ୟକ୍ତି ଟେଷ୍ଟିଂ କରିଥିଲେ । ତେବେ ଆଜି ସୁଦ୍ଧା ୨୧୦୪ ଜଣ ବ୍ୟକ୍ତି ଆଂଟିଜେନ ଟେଷ୍ଟ କରିଥିବା ଜଣାପଡିଛି । ଭୁବନ ଏନଏସିରେ ଦିନକୁ ଦିନ ଥଣ୍ଡା,କାଶ,ଜ୍ୱର ସହିତ କରୋନା ସଂକ୍ରମିତ (ପଜିଟିଭ) ଙ୍କ ସଂଖ୍ୟା ବୃଦ୍ଧି ପାଇ ପାଖାପାଖି ୫ ଶହରେ ପହଁଚିଥିବାରୁ ଲୋକମାନେ ନିଜର ସୁରକ୍ଷା ଓ ସ୍ୱାସ୍ଥ୍ୟରକ୍ଷା ପାଇଁ ଅଧିକ ରୁ ଅଧିକ ସଂଖ୍ୟାରେ ଆଂଟିଜେନ ଟେଷ୍ଟ କରିବାକୁ ଡାକ୍ତରଖାନାରେ ଗହଳି କରୁଥିବା ଦେଖିବାକୁ ମିଳୁଛି । ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା.ରମେଶ କୁମାର ସାହୁ ଙ୍କ ତତ୍ତ୍ୱାବଧାନରେ ଲ୍ୟାବ ଟେକ୍ନିସିଆନ (କୋଭିଡ-୧୯) ସୁଶାନ୍ତ କୁମାର ସାହୁ ସ୍ୱାବ ସଂଗ୍ରହ କରିଥିଲେ ।

## ରାଧେଶ୍ୟାମ ପୁରୋହିତଙ୍କ ବିୟୋଗରେ ଜୁଏଲଙ୍କ ଶୋକ

ଭୁବନେଶ୍ୱର,୧୬।୯ (ନି.ପ୍ର): ବିଜେପି କୃଷକମୋର୍ଚ୍ଚାର ପ୍ରଦେଶ ସଭାପତି ତଥା ପଦ୍ମପୁରର ପୂର୍ବତନ ବିଧାୟକ ଶ୍ରୀ ପ୍ରଦୀପ ପୁରୋହିତଙ୍କ ପିତା ରାଧେଶ୍ୟାମ ପୁରୋହିତଙ୍କ ବିୟୋଗରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ସାଂସଦ ଜୁଏଲ ଓରାମ ଶୋକ ପ୍ରକାଶ କରିଛନ୍ତି ।ସେ ଟ୍ୱିଟ କରି କହିଛନ୍ତି ଯେ - ବିଜେପି କୃଷକମୋର୍ଚ୍ଚାର ପ୍ରଦେଶ ସଭାପତି ତଥା ପଦ୍ମପୁରର ପୂର୍ବତନ ବିଧାୟକ ଶ୍ରୀ ପ୍ରଦୀପ ପୁରୋହିତଙ୍କ ପିତା ରାଧେଶ୍ୟାମ ପୁରୋହିତଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ।ଏହି ଦୁଃଖଦ ଘଡିରେ ମୁଁ ତାଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇବା ସହିତ ସ୍ୱର୍ଗତ ଅମର ଆତ୍ମାର ସଦଗତି ପ୍ରଦାନ ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି ବୋଲି ସେ କହିଛନ୍ତି ।

# ଚାଷ ଜମିକୁ ଜଳ ଯୋଗାଣ

ନୂଆପଡା,୧୬।୯ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ତିଖାଲି ସ୍ଥିତ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପରେ ଚଳିତ ବର୍ଷ ଚାଷଜମିକୁ ଜଳ ଯୋଗାଣ କରାଯାଉଅଛି । ଜମିକୁ ଦୁଇ ଗୋଟି ମାଧ୍ୟମରେ ଜଳସେଚିତ କରାଯାଉଥିବା ବେଳେ କେନାଲ ଏବଂ ପାଇପ ଯୋଗେ ଜମିକୁ ଜଳ ସେଚିତ କରାଯାଉଥିବା ବିଭାଗୀୟ ନିର୍ବାହୀଯନ୍ତ୍ରୀ ଏସ.ଏସ. ଦାଶ ଏବଂ ସୁଧିର କୁମାର ସାହୁ ପ୍ରକାଶ କରିଛନ୍ତି । ନୂଆପଡା ଏବଂ ବଲାଙ୍ଗିର ଜିଲ୍ଲାର ଜମିକୁ ଜଳସେଚିତ କରାଯିବାର ଲକ୍ଷ ରହିଥିବା ବେଳେ ପାଇପ ଯୋଗେ ଜଳସେଚନ କରାଯାଉଛି । ଚଳିତ ବର୍ଷ ପାଇପ ଯୋଗେ ଓଡିଶାର ପ୍ରଥମ କରି ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପରେ ପାଇପ ଜଳ ସେଚନ ବ୍ୟବସ୍ଥା ଆରମ୍ଭ ହୋଇଅଛି । ପାଇପ ଯୋଗେ ୮ହଜାର ହେକ୍ଟର ଜମିରେ ଜଳସେଚନ କରିବାର ଲକ୍ଷ ରହିଥିବା ବେଳେ କେନାଲ ଦ୍ୱାରା ୨୪ ହଜାର ୭୪୦ ହେକ୍ଟର ଜମିରେ ଜଳସେଚନର ଲକ୍ଷ ରହିଅଛି । ବର୍ତମାନ କେନାଲ ଯାଇଥିବା ଅଂଚଳର ଜମିରେ ଜଳସେଚନର ବ୍ୟବସ୍ଥା ହୋଇଥିବାରୁ କୃଷକ ମହଲରେ ଆଶ୍ୱସ୍ତ ପ୍ରକାଶ ପାଇଛି । ଅନ୍ୟପକ୍ଷରେ ଖଡିଆଳ ବ୍ଲକ ଅନ୍ତର୍ଗତ ଖାସବାହାଲ, ରାଣିମୁଣ୍ଡା, ଦୋହେଲପଡା, ସରଧାପୁର ଭଳି ପଂଚାୟତରେ କେନାଲ ସଂପ୍ରସାରଣ ହୋଇନଥିବାରୁ ଏଠାକାର ଚାଷୀ ଜଳସେଚନ ସୁବିଧାରୁ ବ ୍ତ ହେଉଥିବା ଅଭିଯୋଗ କରି ରାଜ୍ୟ ସରକାର ତୁରନ୍ତ ଏହି ଅ ଳରେ କେନାଲ ସଂପ୍ରସାରଣ କରି ଜଳସେଚନ ବ୍ୟବସ୍ଥା କରିବାକୁ ଚାଷୀ ମାନେ ଦାବୀ ଜଣାଇଛନ୍ତି ।

## ବନ୍ୟା ବିପନ୍ନଙ୍କୁ ରିଲିଫ ବଂଟନ

ଭଦ୍ରକ, ୧୬/୯ (ହି.ସ.) - ଭଦ୍ରକ ଜିଲାର ଧାମନଗର ବ୍ଲକ ହସନାବାଦ ପଂଚାୟତ ପଙ୍ଗଟା ଘାଟକୂଳସ୍ଥିତ ମା ଗଜଲକ୍ଷ୍ମୀ ପୂଜା ମଣ୍ଡପ ଠାରେ ଭାରତୀୟ ରେଡକ୍ରସ ଭୁବନେଶ୍ୱର ଆନୁକୂଲ୍ୟରେ ଏବଂ ଧୁଷୁରୀସ୍ଥିତ ସମ୍ଭବ ସାହିତ୍ୟ ଅନ୍ୟାନ୍ୟ ଅନୁଷ୍ଠାନର ତତ୍ତ୍ୱାବଧାନରେ ବନ୍ୟା ବିପନ୍ନଙ୍କୁ ରିଲିଫ ବଂଟନ କରାଯାଇଛି । ଧୁଷୁରୀ ଜୋନାର ୮ଟି ପଂଚାୟତ ବନ୍ୟା ବିପନ୍ନଙ୍କୁ କମ୍ବଳ, ମଶାରୀ, ଧୋତି, ଟାୱେଲ ଓ ପଲିଥିନ ଆଦି ବଂଟନ କରାଯାଇଛି । ଏହାକୁ ରେଡକ୍ରସର ହେମନ୍ତ ସୂତାର, ଅଜୟ ପଣ୍ଡା, ସମାଜସେବୀ ଶ୍ରୀକାନ୍ତ ପାଟଯୋଶୀ ଓ ଯୁବନେତା ସୂର୍ଯ୍ୟବଂଶୀ ସୁରଜ, ବିଜେପି ଜିଲା ଉପସଭାପତି ଚତୁର୍ଭୁଜ ନାୟକ, ଜିଲା ପରିଷଦ ସଭ୍ୟ ମନୋଜ ମଲ୍ଲିକ ଓ ଉମାମଣି ସାହୁ, ସରପଂଚ ମନୋଜ ରାୟମହାପାତ୍ର ଓ ଅନିରୁଦ୍ଧ ସାହୁ ପ୍ରମୁଖ ଯୋଗଦେଇ ରିଲିଫ ସାମଗ୍ରୀ ବ ନ କରିଥିଲେ । କାର୍ଯ୍ୟକ୍ରମକୁ ନିମାଇଁ ନାୟକ, ରମେଶ ସାହୁ, ରାମଚନ୍ଦ୍ର ମିଶ୍ର, ନିଶିକାନ୍ତ ନାୟକ, ଅନ୍ତର୍ଯ୍ୟାମୀ ପତି, ଭାଗିରଥୀ ମହାନ୍ତି, ଦିଗାମ୍ବର ମଲିକ, ବାଦଲ ବିଶ୍ୱାଳ, ଶ୍ରୀମାଂଚଳ ଦାସ ପ୍ରମୁଖ ପରିଚାଳନା କରିଥିଲେ ।

# ଆଶା ସଂଘର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ଭଦ୍ରକ, ୧୬/୯ (ହି.ସ.) - ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଓଡିଶା ରାଜ୍ୟ ଆଶା ସାଥୀ ସଂଘ ତରଫରୁ ଆଜି ଜିଲ୍ଲାପାଳଙ୍କ ଜରିଆରେ ୮ଦଫା ଦାବି ନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି । ଆଶା ସାଥୀମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମାସିକ ୬ ହଜାର ଟଙ୍କା ପାରିଶ୍ରମିକ, ଆଶା ସାଥୀମାନଙ୍କର ୟୁନିଫର୍ମ ଲାଗୁ କରାଯିବା, କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇଁ ଟ୍ରେନିଂ ପ୍ରଦାନ, ୧୩ ବର୍ଷ ଧରି ଆଶା ଓ ଆଶାସାଥୀ ଭାବେ କାର୍ଯ୍ୟ କରିଆସୁଥିବାରୁ ସେମାନଙ୍କୁ ଇନସ୍ୟୁରାନ୍ସ ଏବଂ ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନ କରାଯିବା, ପ୍ରଧାନମନ୍ତ୍ରୀ ଘୋଷଣା କରିଥିବା ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ଯୋଜନା କାର୍ଯ୍ୟକାରୀ କରିବା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଲାଗୁ କରିବା, ଆୟୁଷ୍ମାନ ଭାରତ ଯୋଜନାକୁ ଓଡିଶାରେ ଲାଗୁ କରି ସେଥିରେ ଆଶାସାଥୀଙ୍କୁ ନିୟୋଜିତ କରିବା, ମହାମାରୀ କରୋନା ସମୟରେ କାର୍ଯ୍ୟକରୁଥିବା ଆଶାସାଥୀମାନଙ୍କୁ ପ୍ରୋତ୍ସାହନ ରାଶି ଓ ସୁରକ୍ଷା ଯୋଗାଇବା ଆଦି ଆବି ନେଇ ଆଶାସାଥୀମାନେ ଦାବିପତ୍ର ପ୍ରଦାନ କରିଛନ୍ତି । ଭାରତୀୟ ମଜଦୁର ସଂଘ ଭଦ୍ରକ ଜିଲ୍ଲା ସମ୍ପାଦକ ମୁକ୍ତିକାନ୍ତ ସାହୁ, ସଂଗଠନ ସମ୍ପାଦକ ପରେଶ ନାଥ ଧଳ, ଆଶାସାଥୀ ସଂଘର ଜିଲ୍ଲା ସମ୍ପାଦିକ ପୂର୍ଣ୍ଣିମା ସେଠୀ, ସଭାନେତ୍ରୀ ନିବେଦିତା ପୋଥାଳ ପ୍ରମୁଖ ଏହି ଦାବିପତ୍ର ପ୍ରଦାନ କରିଥିଲେ ।

# ଖପରପଦା ପଂଚାୟତ ରିଲିଫ ଚାଉଳ ଚୋରି ଘଟଣାକୁ ନେଇ ସରପଂଚଙ୍କ ସାମ୍ବାଦିକ ସମ୍ମିଳନୀ

ଭଦ୍ରକ, ୧୬/୯ (ହି.ସ.) : ଏହି ଜିଲାର ଧାମନଗର ବ୍ଲକ ଖପରପଦା ପଂଚାୟତର ରିଲିଫ ଚାଉଳ ଚୋରି ଅଭିଯୋଗକୁ ନେଇ ଆଜି ସ୍ଥାନୀୟ ସରପଂଚ ପ୍ରତିକ୍ରିୟା ରଖିଛନ୍ତି । ଏନେଇ ସରପ ଗୟାଧର ନାୟକ ସ୍ଥାନୀୟ ରାଜୀବଗାନ୍ଧୀ ସେବା କେନ୍ଦ୍ରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ନିଜର ପ୍ରତିକ୍ରିୟା ରଖି କହନ୍ତି ଯେ ଚଳିତ ବନ୍ୟାରେ ବିପନ୍ନଙ୍କ ପାଇଁ ରିଲିଫ ଚାଉଳ ୧୧ଟି ୱାର୍ଡର ୧୧୬୦ ପରିବାରଙ୍କ ପାଇଁ ୧୧୬୫ ବସ୍ତା ଚାଉଳ ଆସିଥିଲା । ସେସବୁକୁ ଠିକ ଭାବେ ବଂଟନ କରାଯାଇଥିଲା । ଅବଶିଷ୍ଟ ୯୮ ବସ୍ତା ଚାଉଳ ପଂଚାୟତ ଗୋଦାମ ଘରେ ରହିଥିଲା । ପରଦିନ ଉକ୍ତ ଚାଉଳ ବଂଟନ ପାଇଁ ନିଷ୍ପତି ହୋଇଥିଲା । ଖରା ଯୋଗୁଁ ତାହା ପୂର୍ବାହ୍ନରେ ବଂଟା ନଯାଇ ଅପରାହ୍ନରେ ବଂଟା ଯାଇଥିଲା । ଫଳରେ ଚାଉଳ ବଂଟନ କାର୍ଯ୍ୟ ବିଳମ୍ବ ହୋଇ ରାତି ପର୍ଯ୍ୟନ୍ତ ଚାଲିଥିଲା । ରିଲିଫ ଚାଉଳ ବଂଟନ ପରେ କେହିଁ ବ୍ୟକ୍ତି ଘରୁ ଉକ୍ତ ଆଣି ପଂଚାୟତ ପାଚେରି ନିକଟରେ ପକାଇ ଲୋକଙ୍କୁ ଏକଜୁଟ କରାଇ ଚାଉଳ ଚୋରି ହେଉଛି ବୋଲି ପ୍ରଚାର କରିଥିଲେ । ପରେ ଧୁଷୁରୀ ପୁଲିସକୁ ଡକାଇ ଗୋଦାମ ଘରକୁ ଚାବି ପକାଇଥିଲେ । ପଂଚାୟତର ଶାସକ ବିଜୁ ଜନତା ଦଳର କେତେକ କର୍ମୀ ମୋତେ ବଦନାମ କରିବା ପାଇଁ ହୀନ ଚକ୍ରାନ୍ତ କରୁଛନ୍ତି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ନାୟକ ପ୍ରକାଶ କରିଥିଲେ । ରିଲିଫ ଚାଉଳ ଠିକ ଅଛି ଓ ସମସ୍ତ ହିତାଧିକାରୀଙ୍କୁ ସୁଷମ ବଂଟନ କରାଯାଇଥିବା ସରପଂଚ ସଫେଇ ଦେଇଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ପଂଚାୟତ ରିଲିଫ ଅଫିସର ପ୍ରତାପ ଜେନା, ଜିଆରଏସ ସରୋଜ ସାହୁ ଉପସ୍ଥିତ ଥିଲେ । ଅପରପକ୍ଷେ ସରପଂଚ ଓ ତାଙ୍କ ସମର୍ଥକ ମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ରହି ଏହି ଚାଉଳ ଚୋରି କରୁଥିଲେ । ଏହାକୁ ସାଧାରଣ ଲୋକେ ଦେଖି ହୋ-ହାଲ୍ଲା କରିବା ସହିତ ପଂଚାୟତ ଗେଟ ତାଲା ପକାଇବା ବେଳେ ଏହି କାର୍ଯ୍ୟରେ ଲିପ୍ତ ଥିବା ବ୍ୟକ୍ତି ପଛପଟ ଗେଟ ଦେଇ ଖସି ପଳାଇଥିଲେ । ପୁଲିସ ଆସି ଚାଉଳ ସହିତ ଏକ ବାଇକକୁ ଜବତ କରିଥିଲା । ପରଦିନ ଏହି ଘଟଣାର ତଦନ୍ତ ସମୟରେ ଏବିଡିଓ ସୁଶ୍ରୀ ଶର୍ମିଷ୍ଠା ତଦନ୍ତ କଲା ସମୟରେ କାହିଁକି ଅଭିଯୋଗକାରୀ ଏବଂ ଜିଆରଏସକୁ ଡାକି ନଥିଲେ ବୋଲି ଖପରପଦା ପଂଚାୟତ ବିଜେଡି ସଭାପତି ରମାକାନ୍ତ ସାହୁ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।

# ପୋଖରୀରୁ ଅଜଣା ବ୍ୟକ୍ତିର ଗଳିତ ଶବ ଉଦ୍ଧାର

ବାରିପଦା,୧୬।୯ (ନି.ପ୍ର): ବାରିପଦା ପୌରପରିଷଦର କେନ୍ଦ୍ରସ୍ଥଳ ଗାନ୍ଧୀପାର୍କ ନିକଟ ବଡ଼ପୋଖରୀ ଭିତରେ ଆଜି ଏକ ଶବ ଭାସୁଥିବାର ଦେଖି ସ୍ଥାନୀୟ ଲୋକେ ବାରିପଦା ଟାଉନ ଥାନାକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ପୁଲିସ ପହଁଚି ଅଗ୍ନିଶମ ବାହିନୀର କର୍ମଚାରୀମାନଙ୍କୁ ଡ଼କାଇ ଶବକୁ ପାଣିରୁ ଉପରକୁ ଆଣିବା ନିମନ୍ତେ ଉଦ୍ୟମ କରିଥିଲେ । ମାତ୍ର ଶବଟି ପାଣି ଭିତରେ ପ୍ରାୟ ୧୦ ଦିନରୁ ଅଧିକ ସମୟ ରହିଥିବାରୁ ପଚିସଢ଼ି ଯାଇ ଦୁର୍ଗନ୍ଧ ବାହାରୁ ଥିଲା । ଶବ ଚିହ୍ନଟ କରିବା ଅବସ୍ଥାରେ ନ ଥିବାରୁ ମହିଳା ଅଥବା ପୁରୁଷ ସେ ସମ୍ପର୍କରେ ଜଣାପଡ଼ିନଥିଲା । ପିନ୍ଧିଥିବା ଫୁଲପ୍ୟାଣ୍ଟରୁ ପୁରୁଷ ବୋଲି ସନ୍ଦେହ କରାଯାଉଛି । ବାରିପଦା ଥାନା ଅଧିକାରୀ ବୀରେନ୍ଦ୍ର ସେନାପତିଙ୍କ କହିବା ଅନୁସାରେ ଶବକୁ ବ୍ୟବଚ୍ଛେଦ ନିମନ୍ତେ ବାରିପଦା ପିଆରଏମ ମେଡ଼ିକାଲକୁ ପଠାଇବାର ବ୍ୟବସ୍ଥା କରାଉଛୁ । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମହିଳା କି ପୁରୁଷ ଜଣାପଡ଼ିବା ସାଙ୍ଗକୁ ମୃତ୍ୟୁର କାରଣ ବିଷୟରେ ସଠିକ୍ ଜଣାପଡ଼ିବ । ବର୍ତମାନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ବୋଲି ପ୍ରକାଶ କରିଛନ୍ତି ।

# ବାଲିଆ ସରକାରୀ ହାଇସ୍କୁଲ ପରିସରରୁ ମୂଲ୍ୟବାନ୍ ଗଛକାଟି ବିକ୍ରି ଅଭିଯୋଗ

କେନ୍ଦ୍ରାପଡା,୧୬।୯ (ନି.ପ୍ର): ରାଜ୍ୟ ସରକାର ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ ଓ ସାମାଜିକ ବନୀକରଣ ଉପରେ ଗୁରୁତ୍ୱ ଦେଉଥିବା ବେଳେ ସରକାରୀ ହାଇସ୍କୁଲ ହତାରୁ ବେଆଇନ ଭାବେ ବଡବଡ ଜୀବନ୍ତ ଗଛକୁ କାଟି ବିକ୍ରି କରାଯାଉ ଥିବା ନେଇ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରାଯାଇଛି । ସ୍କୁଲ କମିଟିର ଉପ ସଭାପତି ଭାରତୀ ରାଉତ, ଡମ୍ବରୁ ବିଶ୍ୱାଳ, ସେକ ଅକତର ଅଲ୍ଲୀ, ଜୟନ୍ତ ସ୍ୱାଇଁ, ଉର୍ମିଳା ଦାସ, ପୁଷ୍ପାଞ୍ଜଳୀ ଜେନା, ସାବେରା ବିବିଙ୍କ ସମେତ ଅବିଭାବକ ମାନେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଜିଲ୍ଲାର ଅନ୍ୟତମ ଏହି ପୁରାତନ ବିଦ୍ୟାଳୟ ହତାରେ ପୂର୍ବତନ ଚାତ୍ରମାନେ ବିଭିନ୍ନ ପ୍ରକାର ଗଛ ଲଗାଇ ସବୁଜ ବଳୟ ସୃଷ୍ଟି କରିଥିଲେ । ରବିବାର ଦିନ ପ୍ରାୟ ୧୨ଟି ବଡ ବଡ ଗଛକୁ କଟାଯାଇ ବିକ୍ରି କରା ଯାଇଥିବା ଅଭିଯୋଗ ହୋଇଛି । ପ୍ରଧାନ ଶିକ୍ଷକ ସବୁ ଜାଣିଥିଲେ ମଧ ନୀରବ ରହୁଥିବାରୁ ଏହାକୁ ନେଇ ସାଧାରଣରେ ସନ୍ଦେହ ଘନୀଭୂତ ହୋଇଛି । ତୁରନ୍ତ ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅବିଭାବକ ମାନଙ୍କ ପକ୍ଷରୁ ଦାବି କରାଯାଇଛି ।

# ଚିଟଫଣ୍ଡ କମ୍ପାନୀ ଗ୍ରୀନ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଦୁଇ ଦିନିଆ ପୋଲିସ ରିମାଣ୍ଡରେ

### ଆସନ୍ତାକାଲି କୋର୍ଟରେ ହାଜର କରାଯିବ

ଗଞ୍ଜାମ,୧୬।୯ (ନି.ପ୍ର): ଚିଟଫଣ୍ଡ କମ୍ପାନୀ ଗ୍ରୀନ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ (ଏମଡି) ପ୍ରଦୀପ ସିଂହ (୪୧)ଙ୍କୁ ଦୁଇ ଦିନିଆ ରିମାଣ୍ଡରେ ଆଣିଛି ବ୍ରହ୍ମପୁର ଟାଉନ୍ ଥାନା ପୋଲିସ । ଏହି ରିମାଣ୍ଡ ଅବଧି ଶେଷ ପରେ ଆସନ୍ତାକାଲି ତାଙ୍କୁ ପୁଣି ଥରେ କୋର୍ଟରେ ହାଜର କରାଯିବ । ପ୍ରଦୀପଙ୍କୁ ଟାଉନ୍ ଥାନା ପୋଲିସ ଶନିବାର ରାତିରେ ବ୍ରହ୍ମପୁର ସହରର ଅଯୋଧ୍ୟା ନଗରରୁ ଗିରଫ କରିଥିଲା । ଏବଂ ମାମଲା ସମ୍ପର୍କରେ ତାଙ୍କୁ ଅଧିକ ପଚରା ଉଚୁରା ପାଇଁ ଦୁଇ ଦିନିଆ ରିମାଣ୍ଡରେ ନେବାକୁ ବ୍ରହ୍ମପୁର ସ୍ୱତନ୍ତ୍ର ଚିଟଫଣ୍ଡ କୋର୍ଟରେ ଆବେଦନ କରିଥିଲା । ଏହାକୁ ବିଚାରପତି ମଞ୍ଜୁର କରିଥିଲେ । କେସ୍ ନଂ ୯୮/୨୦୧୬ ରେ ପ୍ରଦୀପଙ୍କୁ ଗିରଫ କରାଯାଇଥିବା ସମ୍ପର୍କରେ ପୂର୍ବରୁ ସୂଚନା ଦେଇଥିଲେ ଟାଉନ୍ ଏସଡ଼ିପିଓ ବିଷ୍ଣୁ ପ୍ରସାଦ ପତି । ପ୍ରଦୀପଙ୍କ ନାମରେ ଟାଉନ୍ ଥାନାରେ ୫ଟି ମାମଲା ରହିଥିବା ବେଳେ ୨୦୧୩ରେ ରୁଜୁ ହୋଇଥିବା ୧୫୨/୨୦୧୩ ମାମଲା ସିବିଆଇକୁ ହସ୍ତାନ୍ତର ହୋଇଛି । ଅନ୍ୟ ୪ଟି ମାମଲା ଟାଉନ୍ ଥାନାରେ ପେଣ୍ଡିଙ୍ଗ ରହିଛି । ଏହି ୪ଟି ମାମଲାରେ ୩୬ ଜଣ ଅଭିଯୋଗକାରୀ ରହିଛନ୍ତି । ଗ୍ରୀନ୍ ଇଣ୍ଡିଆ ଚିଟଫଣ୍ଡ ସଂସ୍ଥା ସେମାନଙ୍କର ୨ କୋଟି ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି । ଏହି ପ୍ରଦୀପ କେଉଁଠି ଖର୍ଚ୍ଚ କରିଛନ୍ତି, ପୋଲିସ ସେନେଇ ତଦନ୍ତ ଜାରୀ ରଖିଛି । ବ୍ରହ୍ମପୁର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ସଂସ୍ଥା ଶାଖା ଖୋଲି ଜମାକାରୀଙ୍କ ଠାରୁ କୋଟି କୋଟି ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି । ତାଙ୍କ ବିରୋଧରେ ବିଭିନ୍ନ ଥାନାରେ ରହିଥିବା କେସ୍ ସିବିଆଇକୁ ହସ୍ତାନ୍ତର କରାଯାଇଛି । ଜମାକାରୀଙ୍କ ଅଭିଯୋଗ ପ୍ରକାରେ ସିବିଆଇ ତାଙ୍କୁ ପୂର୍ବରୁ ଗିରଫ କରିଥିଲା । ୨୦୧୪ ଅଗଷ୍ଟ ୭ ତାରିଖରୁ ୨୦୧୮ ଜୁନ୍ ୧୩ ତାରିଖ ପର୍ଯ୍ୟନ୍ତ ପ୍ରଦୀପ ଜେଲ୍ ରେ ଥିଲେ । ତେବେ ୪ ଜଣ ଜମାକାରୀ ପ୍ରଦୀପଙ୍କ ବିରୋଧରେ ଥାନାରେ ଏତଲା ଦେଇଥିଲେ । ପୋଲିସ ଏତଲା ନ ରଖିବାରୁ ସେମାନେ କୋର୍ଟର ଦ୍ୱାରସ୍ଥ ହୋଇ ୱାନସିସିରେ ମାମଲା ରୁଜୁ କରିଥିଲେ । କୋର୍ଟ ସମ୍ପୃକ୍ତ ଅଭିଯୋଗକାରୀଙ୍କ ମାମଲା ରୁଜୁ କରିବାକୁ ଟାଉନ୍ ଥାନା ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ । ଥାନାରେ ମାମଲା ରୁଜୁ ହୋଇଥିଲେ ହେଁ ପ୍ରଦୀପ ଗିରଫ ହୋଇନଥିବାରୁ ଚାର୍ଜସିଟ୍ ହୋଇପାରିନଥିଲା । ବର୍ତମାନ କୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ଟାଉନ୍ ଥାନା ପୋଲିସ ପ୍ରଦୀପଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ।

## କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୧୫୬ ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୧୬।୯ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୧୫୬ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୩୯୩ ଜଣଙ୍କ ଠାରୁ ଜୋରିମାନା ଆଦାୟ କରାଯାଇଛି । ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୫୨୪ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

### ବାରିପଦା ଟାଉନଥାନାକୁ ଛୁଇଁଲା କରୋନା

# ସଂକ୍ରମଣ ରୋକିବାକୁ ଥାନା ପକ୍ଷରୁ ଜନସାଧାରଣଙ୍କ ପ୍ରବେଶ ଉପରେ ଅସ୍ଥାୟୀ କଟକଣା




ବାରିପଦା,୧୬।୯ (ନି.ପ୍ର): କରୋନା ସଂକ୍ରମଣ ମୟୂରଭଞ୍ଜ ଜିଲ୍ଲାରେ ମଧ୍ୟ ଦିନକୁ ଦିନ ତାର କାୟା ବିସ୍ତାର କରି ଚାଲିଛି । ଗତକାଲି ବାରିପଦା ଟାଉନ ଥାନାର ୪ଜଣ ପୋଲିସ ଅଫିସର କରୋନା ଆକ୍ରାନ୍ତ ହୋଇଥିବା ଜଣାପଡିଥିବା ବେଳେ ଆଜି ପୁଣି ଦୁଇଜଣ କନେଷ୍ଟବଳ କରୋନା ଆକ୍ରାନ୍ତ ହୋଇଥିବାର ଜଣାଯାଇଛି । ସେହିପରି କିଛି କର୍ମଚାରୀଙ୍କୁ ଥଣ୍ଡା, କାଶ, ଜ୍ୱର ଆଦି ହୋଇଥିବାରୁ ସେମାନଙ୍କୁ ହୋମ ଆଇସୋଲେସନରେ ରହିବାକୁ ପରାମର୍ଶ ଦିଆଯାଇଛି । ଥାନାକୁ ପ୍ରତିଦିନ ବହୁ ସଂଖ୍ୟାରେ ଜନସାଧାରଣ ଆସୁଥିବାରୁ ସଂକ୍ରମଣକୁ ପ୍ରତିରୋଧ କରିବା ନିମନ୍ତେ ଜନସାଧାରଣଙ୍କ ପାଇଁ ଥାନାରେ ପ୍ରବେଶ ନିମନ୍ତେ ଅସ୍ଥାୟୀ କଟକଣା ଲାଗୁ କରାଯାଇଥିବାର ଜଣାଯାଇଛି । ଥାନାକୁ ଅବାଧରେ ଜନସାଧାରଣଙ୍କ ପ୍ରବେଶ ଉପରେ ରୋକ ଲଗାଯାଇ କେବଳ ଅଭିଯୋଗ କାରୀ ମାନଙ୍କୁ ଥାନା ଭିତରକୁ ପ୍ରବେଶ ଅନୁମତି ଦିଆଯାଉଥିବାର ପ୍ରକାଶ କରିଛଂ ବାରିପଦା ଟାଉନ ଥାନା ଭାରପ୍ରାପ୍ତ ଅଧିକାରୀ ବିରେନ୍ଦ୍ର ସେନାପତି ।

## [redacted] ଭାକରୱାଡ଼ି [redacted]




ମହାରାଷ୍ଟ୍ରର ଏକ ସୁସ୍ୱାଦୁ ଖାଦ୍ୟ ଭାକରଓ୍ୱାଡ଼ି । ସ୍ଥଳ ବିଶେଷରେ ଏହାକୁ ବାକରଓ୍ୱାଡ଼ି ମଧ୍ୟ କୁହାଯାଇଥାଏ । ଏହାକୁ ଲୋକେ ସାନ୍ଧ୍ୟାକାଳୀନ ସ୍ନାକ୍ସ ଭାବରେ ଖାଇବାକୁ ଅଧିକ ପସନ୍ଦ କରିଥାଆନ୍ତି । ମହାରାଷ୍ଟ୍ରର ଲୋକପ୍ରିୟ ଖାଦ୍ୟ ହୋଇଥିଲେ ମଧ୍ୟ ଏହା ପ୍ରକୃତରେ ଗୁଜରାଟରେ ପ୍ରଥମେ ତିଆରି ହେଉଥିଲା । ତେଣୁ ଭାକରଓ୍ୱାଡ଼ିର ଜନ୍ମସ୍ଥଳ ଗୁଜରାଟ ବୋଲି ଅନେକେ କୁହନ୍ତି । ବିଶେଷ କରି ଗୁଜରାଟ ଓ ମହାରାଷ୍ଟ୍ର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଭାକରଓ୍ୱାଡ଼ି ପ୍ରସ୍ତୁତ ହେଉଥିବାରୁ ଉଭୟ ରାଜ୍ୟର ଲୋକମାନେ ଏହାକୁ ନିଜ ନିଜର ଖାଦ୍ୟ ବୋଲି କହିଥାଆନ୍ତି । ପ୍ରସ୍ତୁତି ପ୍ରଣାଳୀ ପ୍ରାୟ ସମାନ ଥିଲା ବେଳେ କେବଳ ମସଲାର ସ୍ୱାଦରେ ଟିକେ ଭିନ୍ନତା ଆସିଥାଏ । ନହେଲେ ମହାରାଷ୍ଟ୍ର ଓ ଗୁଜରାଟର ଭାକରଓ୍ୱାଡ଼ି ସ୍ୱାଦ ପ୍ରାୟ ସମାନ ହୋଇଥାଏ । ବର୍ଷାଦିନେ ସନ୍ଧ୍ୟାବେଳେ ଗରମାଗରମ ଚା ସହିତ ଭାକରଓ୍ୱାଡ଼ିର ସ୍ୱାଦ ନେବାକୁ ଛୋଟ ଛୋଟ ଜଳଖିଆ ଦୋକାନ ଆଗରେ ଲୋକଙ୍କ ଭିଡ଼ ଜମିଥାଏ । ଅନେକେ ଏହାକୁ ଘରେ ମଧ୍ୟ ପ୍ରସ୍ତୁତ କରିଥାଆନ୍ତି । କୁହାଯାଏ ୧୯୭୦ ମସିହା ବେଳକୁ ଭାକରଓ୍ୱାଡ଼ି ଗୁଜରାଟର ସୀମା ଅତିକ୍ରମ କରି ମହାରାଷ୍ଟ୍ରରେ ପ୍ରବେଶ କରିଥିଲା । ସେବେଠାରୁ ଗୁଜରାଟ ତୁଳନାରେ ମହାରାଷ୍ଟ୍ରରେ ଏହା ଅଧିକ ଲୋକପ୍ରିୟ ହୋଇପାରିଛି । ଆଳୁ ପୁରଦିଆ ଭାକରଓ୍ୱାଡ଼ି ସବୁଠୁ ଅଧିକ ପସନ୍ଦ କରାଯାଇଥାଏ । ତେବେ ଆଜିକାଲି ବିଭିନ୍ନ ସ୍ୱାଦ ଏବଂ ପୂରରେ ଭାକରଓ୍ୱାଡ଼ି ପ୍ରସ୍ତୁତ କରାଯାଉଛି । ବଡ଼କଥା ହେଲା ଇଣ୍ଟରନେଟ୍ ଦୟାରୁ ଭାକରଓ୍ୱାଡ଼ିର ପରିଚୟ ମହାରାଷ୍ଟ୍ର ଓ ଗୁଜରାଟର ସୀମା ମଧ୍ୟରେ ସୀମିତ ରହି ନାହିଁ । ଲୋକମାନେ ଗୁଗୁଲ କିମ୍ବା ୟୁଟ୍ୟୁବ୍ ଦେଖି ଘରେ ଭାକରଓ୍ୱାଡ଼ି ପ୍ରସ୍ତୁତ କରିପାରୁଛନ୍ତି । ତା'ହେଲେ ଆସନ୍ତୁ ଜାଣିବା ଏ ସଂଖ୍ୟାର ସ୍ୱତନ୍ତ୍ର ରେସିପି 'ଭାକରଓ୍ୱାଡ଼ି' ।

**ପ୍ରସ୍ତୁତି:**

ଭାକରଓ୍ୱାଡ଼ି ପ୍ରସ୍ତୁତ କରିବା ପାଇଁ ମଇଦା ଏବଂ ରିଫାଇନ ତେଲ ହେଉଛି ପ୍ରଥମ ସାମଗ୍ରୀ । ଏହାପରେ ଆପଣ ପୁର କିମ୍ବା ମସଲା ପାଇଁ ନିଜ ଇଚ୍ଛାନୁସାରେ ଜିନିଷ ନେଇ ପାରିବେ । ଆପଣ ଆଳୁ ନେଇପାରନ୍ତି । କିମ୍ବା ନଡ଼ିଆ, ପୋସ୍ତଦାନାରେ ବି ପୁର ହୋଇପାରିବ । ତେବେ ଆଳୁ ପୁର ଦିଆ ଭାକରଓ୍ୱାଡ଼ି ଖାଇବାକୁ ସବୁଠୁ ଭଲ ଲାଗେ । ଆସନ୍ତୁ ଜାଣିବା ଭାକରଓ୍ୱାଡ଼ିର ଉପର ଆସ୍ତରଣ ପାଇଁ କଣ ଦରକାର । ଏଥିପାଇଁ ମଇଦା ଦେଢ଼ କପ, ଜୁଆଜି ୧/୪ ଛୋଟ ଚାମଚ, ଲୁଣ ୧/୪ ଛୋଟ ଚାମଚ । ପୁର ପାଇଁ ଦରକାର ହେବ ସିଝାଆଳୁ ୪ଟା (ପ୍ରାୟ ୩୦୦ଗ୍ରାମ), ଧନିଆ ପତ୍ର ସ୍ୱାଦ ଅନୁସାରେ, ଧନିଆ ପାଉଡର ୧ ଛୋଟ ଚାମଚ, ଅଦା ପେଷ୍ଟ ୧/୨ ଛୋଟ ଚାମଚ, କଞ୍ଚାଲଙ୍କା ପେଷ୍ଟ ୧/୪ ଛୋଟ ଚାମଚ, ଲାଲ ଲଙ୍କା ଗୁଣ ୧/୨ ଛୋଟ ଚାମଚ, ଲୁଣ ସ୍ୱାଦ ଅନୁସାରେ । ଛାଣିବା ପାଇଁ ରିଫାଇନ ତେଲ । ଏସବୁ ଜିନିଷକୁ ହାତ ପାଖରେ ରଖନ୍ତୁ । ଏଥର ୨ରୁ ୩ ଟେବଲ ଚାମଚ ମଇଦା ଅଲଗା ରଖି ବାକି ମଇଦାକୁ ଏକ ବନ ପାତ୍ରରେ ନେଇ ସେଥିରେ ୧/୪ ଛୋଟ ଚାମଚ ଲୁଣ, ୧/୪ ଛୋଟ ଚାମଚ ଜୁଆଣି, ୨ ଟେବଲ ଚାମଚ ତେଲ ଏକାଠି କରି ଭଲ କରି ମିଶାଇ ଦିଅନ୍ତୁ । ଏହାପରେ ଏଥିରେ ଅଳ୍ପ ଅଳ୍ପ କରି ପାଣି ମିଶାଇ ଟିକେ ଟାଣ କରି ମଇଦା ଚକଟନ୍ତୁ । ମଇଦା ଚକଟି ସାରିଲା ପରେ ୧୫ରୁ ୨୦ ମିନିଟ ପର୍ଯ୍ୟନ୍ତ ଏକ ପାତ୍ର ଉପରେ ଏକ ଢାଙ୍କୁଣି ଘୋଡ଼ାଇ ଦିଅନ୍ତୁ । ଏହି ସମୟ ମଧ୍ୟରେ ଆପଣ ସିଝା ଆଳୁରୁ ଚୋପା ଛଡ଼ାଇ ସେଥିରେ ଧନିଆ ପାଉଡର, ଲଙ୍କା ପାଉଡର, ଆମଚୁର ପାଉଡର, ଲୁଣ, ଅଦା ପେଷ୍ଟ କଞ୍ଚାଲଙ୍କା ପେଷ୍ଟ, କଟା ହୋଇଥିବା ଧନିଆ ପେଷ୍ଟ ମିଶାଇ ଭଲ କରି ଚକଟି ଦିଅନ୍ତୁ । ଏହାପରେ ଆଗରୁ ଚକଟି ସାରିଥିବା ଧନିଆ ପେଷ୍ଟ ମିଶାଇ ଭଲ କରି ଚକଟି ଦିଅନ୍ତୁ । ଏହାପରେ ଆଗରୁ ଚକଟି ରଖିଥିବା ମଇଦା ଗୁଳାକୁ ଦୁଇ ଭାଗ କରିନିଅନ୍ତୁ । ଗୋଟିଏ ଭାଗକୁ ବେଲଣା ପେଡ଼ିରେ ରଖି ଧୀରେ ଧୀରେ ପତଳା କରି ବେଲି ନିଅନ୍ତୁ । ଏହାପରେ ସେହି ରୁଟି ଉପରେ ଅଧା ପୁରକୁ ରଖି ସ୍ପ୍ରେଡ୍ କରି ଦିଅନ୍ତୁ । ଏହାପରେ ରୁଟିର ଗୋଟିଏ ଧାରକୁ ରୋଲ୍ କଲା ଭଳି ଭଲ କରି ମୋଡି ଦିଅନ୍ତୁ ଯେମିତି ଏହା ଖୋଲିଯିବ ନାହିଁ । ଏହାପରେ ଦୁଇ ମୁଣ୍ଡକୁ ଚାପି ଦିଅନ୍ତୁ ଯେମିତି ମସଲା ବାହାରି ଆସିବ ନାହିଁ । ବାକିଥିବା ମଇଦାରେ ପତଳା ଘୋଳ ପ୍ରସ୍ତୁତ କରନ୍ତୁ । ଏବେ ସେହି ରୋଲ୍‌କୁ ଛୋଟ ଛୋଟ ପିସ୍‌ରେ କାଟନ୍ତୁ । ଗୋଟିଏ ଲେଖାଏଁ ପିସ୍ ହାତରେ ସାମାନ୍ୟ ଚାପି ମଇଦା ଘୋଳରେ ବୁଡ଼ାଇ ଗରମ ତେଲରେ ଛାଣନ୍ତୁ । ତେବେ ଛାଣିଲା ବେଳେ ଆଞ୍ଚ ମଧ୍ୟମ ରଖିବେ । ନହେଲେ ପୋଡ଼ିଯିବାର ଭୟ ରହିଛି । ସାମାନ୍ୟ ବାଦାବି ରଙ୍ଗର ହୋଇଆସିଲେ ତେଲରୁ ଛାଡ଼ି ବାହାର କରନ୍ତୁ । ପ୍ରସ୍ତୁତ ହୋଇଗଲା ଭାକରଓ୍ୱାଡ଼ି । ଏହାକୁ ଯେକୌଣସି ଚଟଣି କିମ୍ବା ସସ୍ ସହିତ ଖିଆଯାଇ ପାରିବ ।

## ୮ ଭାଷାର ଅନୁବାଦ କରିବ ସ୍ମାର୍ଟ ମାସ୍କ



ସାରା ବିଶ୍ୱରେ ଏବେ କରୋନା ଭାଇରସର ପ୍ରକୋପ ବୃଦ୍ଧି ପାଇଚାଲିଛି । ଏହାର କୌଣସି ଔଷଧ କିମ୍ବା ଟୀକା ବାହାରିନଥିବାରୁ ସତର୍କତାମୂଳକ ପଦକ୍ଷେପ ଭାବେ ମାସ୍କର ବ୍ୟବହାରକୁ ଖୁବ୍ ଗୁରୁତ୍ୱ ଦିଆଯାଉଛି । ଇତିମଧ୍ୟରେ ଜାପାନର ଏକ ଷ୍ଟାର୍ଟଅପ୍ ଡୋନଟ୍ ରୋବୋଟିକ୍ସ ଏକ ସ୍ମାର୍ଟ ଫେସ୍‌ମାସ୍କ ବିକଶିତ କରିଛି । ଏହା ଇଣ୍ଟରନେଟ୍ କନେକ୍‌ସନ୍ ସହ ଆସୁଥିବାରୁ ଏହାକୁ 'କନେକ୍ଟେଡ୍' ମାସ୍କ ବୋଲି ମଧ୍ୟ କୁହାଯାଉଛି । ମାସ୍କଟି ମେସେଜ୍ ପଠାଇବା ସହିତ ଜାପାନୀ ଭାଷାରୁ ୮ଟି ଅନ୍ୟ ଭାଷାକୁ ତଥ୍ୟ ଅନୁବାଦ କରିପାରିବ । ଏପରିକି ଫୋନ୍ କଲ ବି କରିପାରିବ । ରୟଟର୍ସର ରିପୋର୍ଟ ଅନୁସାରେ ପ୍ଲାଷ୍ଟିକ୍‌ରୁ ତିଆରି ଏହି ଧଳା ରଙ୍ଗର ମାସ୍କ ନାମ 'ସି-ମାସ୍କ' ରଖାଯାଇଛି । ଏହା ଏକ ବ୍ଲୁଟୁଥ୍ ଯୁକ୍ତ ଡିଭାଇସ୍ ହୋଇଥିବାବେଳେ ଏକ ଆପ୍ ମାଧ୍ୟମରେ ଏହାକୁ ସ୍ମାର୍ଟଫୋନ୍ କିମ୍ବା ଟାବଲେଟ୍ ସହିତ ସଂଯୋଗ କରିବାକୁ ପଡ଼ିବ । ସେହି ଆପ୍ ବ୍ୟବହାରକାରୀଙ୍କ କଥାକୁ ଟେକ୍ସଟ ମେସେଜ୍‌ରେ ପରିବର୍ତ୍ତନ, ବିଭିନ୍ନ ଭାଷାରେ ଅନୁବାଦ, କଲ୍ କରିବା ଇତ୍ୟାଦି କାମ କରିବ । ସେପ୍ଟେମ୍ବର ମାସର ଆରମ୍ଭରେ କଂପାନି ୫୦୦୦ 'ସି-ମାସ୍କ'କୁ ଜାପାନୀ ଗ୍ରାହକଙ୍କୁ ଉପଲବ୍ଧ କରାଇବା ଲାଗି ଟାର୍ଗେଟ ରଖିଛି । ପରେ ଚୀନ୍, ୟୁରୋପ, ଆମେରିକାରେ ମ[...] ଏହାକୁ ବିକ୍ରି କରିବାକୁ ଲକ୍ଷ୍ୟ ରହିଛି । ଭାରତୀ[...] ମୁଦ୍ରାରେ ଏହାର ଦାମ୍ ପ୍ରାୟ ୩ ହଜାର ଟଙ୍କା [...] ଏହାକୁ ସାଧାରଣ ମାସ୍କ ଉପରେ ବି ପିନ୍ଧି ହେ[...] ବୋଲି ଷ୍ଟାର୍ଟଅପ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକା[...] କହିଛନ୍ତି ।

## କୃତ୍ରିମ ଗୋଡ଼ରେ ମଡେଲ୍




ନ୍ୟୁୟର୍କର ବ୍ରୁକଲିନ୍ ନିବାସୀ କିଆରା ମାର୍ଶଲ ୧୦ ବର୍ଷ ବୟସରେ ଗୋଟିଏ ଗୋଡ଼ ହରାଇଥିଲେ । ସେଦିନ ସେ ନିଜ ପରିବାର ସହିତ ସ୍ୱତନ୍ତ୍ରତା ଦିବସ ସମାରୋହର ଆୟୋଜନରେ ସାମିଲ ହେବାକୁ ଯାଇଥିଲେ । ଫେରୁଥିବା ସମୟରେ ମଦ ନିଶାରେ ଥିବା ଜଣେ ଗାଡ଼ି ଚାଳକ ତାଙ୍କର ଡାହାଣ ଗୋଡ଼ ଉପରେ ଗାଡ଼ି ଚଳାଇ ଦେଇଥିଲା । ଗୁରୁତର ଭାବେ ଆଘାତପ୍ରାପ୍ତ କିଆରାଙ୍କର ଗୋଡ଼କୁ ରକ୍ଷା କରିବାକ ସମ୍ଭବପର ନଥିଲା । ତେବେ ଖୁବ୍ ଶୀଘ୍ର କୃତ୍ରିମ ଗୋଡ଼ ଲାଗିବାରୁ ତାଙ୍କୁ ନୂଆ ଜୀବନ ମିଳିଗଲା ।

ନିଜର କଠିନ ପରିଶ୍ରମ ବଳରେ ସେ ଏବେ ଫ୍ୟାଶନ୍ ଦୁନିଆରେ ବେଶ୍ ପରିଚିତ । ୨୭ ବର୍ଷୀୟା ଏହି ଯୁବତୀ ଆଜି ବହୁ ପ୍ରସିଦ୍ଧ ବ୍ରାଣ୍ଡ ପାଇଁ ମଡେଲିଂ କରୁଛନ୍ତି । ଶାରିରୀକ ଭିନ୍ନକ୍ଷମତା ସତ୍ତ୍ୱେ ଜୀବନକୁ ଆନନ୍ଦର ସହ ବଞ୍ଚିବା ଲାଗି ଅନ୍ୟମାନଙ୍କୁ ପ୍ରେରଣା ଦେଉଛନ୍ତି। ବିଭିନ୍ନ ବ୍ରାଣ୍ଡର ଫଟୋସୁଟ୍ ସମୟରେ କିଆରା କେବେହେଲେ ନିଜର କୃତ୍ରିମ ଗୋଡ଼କୁ ଲୁଚାନ୍ତି ନାହିଁ । ବରଂ ତାକୁ ଭଲ ଭାବ ପ୍ରଦର୍ଶନ କରିଥାନ୍ତି, ଯେପରିକି ତାଙ୍କୁ ଦେଖି ତାଙ୍କ ଭଳି ଅନ୍ୟ ଦିବ୍ୟାଙ୍ଗମାନଙ୍କୁ ଆତ୍ମବିଶ୍ୱାସ ଆସିବ । ଏ ସଂପର୍କରେ କିଆରା କହିଛନ୍ତି, ଗୋଡ଼ ହରାଇବା ପରେ ଖୁବ୍ ନିରାଶ ଥିଲି । ଯେତେବେଳେ କୃତ୍ରିମ ଗୋଡ଼ ସଂପର୍କରେ ଜାଣିଲି ସେତେବେଳେ ଏକ ଆଶା ସୃଷ୍ଟି ହେଲା । ତ[...] ପରେ ମୁଁ ଏଭଳି କାମ କରିବାକୁ ଚିନ୍ତା କଲି ଯେଉଁଥିରେ ମୋର ଗୋଡ଼କୁ ଲୁଚାଇବାକୁ ପଡ଼ୁନଥି[...] । ବହୁତ ଚିନ୍ତା କରି ମଡେଲିଂକୁ ବାଛିଲି ।

ମଡେଲିଂ କ୍ଷେତ୍ରରେ ଆଗକୁ ବଢ଼ିବା ପରେ ଗୋଟିଏ ଗୋଡ଼ ନଥିବା କୌଣସି ଫର[...] ପକାଉ ନାହିଁ ବୋଲି ବୁଝିଲି । ଏବେ ମୁଁ କୃତ୍ରିମ ଗୋଡ଼ ସହ ଜୀବନକୁ ଉପଭୋଗ କରୁଛି । ୧[...] ବର୍ଷ ବୟସରେ କିଆରା ମଡେଲିଂ ଆରମ୍ଭ କରିଥିଲେ । ୨୦୧୮ରେ ସେ ନ୍ୟୁୟର୍କ ଯାଇ ଦିବ୍ୟା[...] ଏବଂ ପ୍ଲସ ସାଇଜ୍ ମହିଳାଙ୍କ ପାଇଁ କାମ କରୁଥିବା ମଡେଲିଂ ଏଜେନ୍ସି ସହିତ କାମ କଲେ । ନିଜ[...] କଠିନ ପରିଶ୍ରମ ଯୋଗୁ ସେ ଏବେ ମଡେଲିଂ ଦୁନିଆରେ ବେଶ୍ ନାମ କମାଇଛନ୍ତି । ଆଗକୁ ସେ ନି[...] ଭଳି ଦିବ୍ୟାଙ୍ଗ ଝିଅଙ୍କ ପାଇଁ ଅଧିକ କାମ କରିବାକୁ ଚାହୁଁଥିବା ପ୍ରକାଶ କରିଛନ୍ତି ।

## ମୋଟାପଣର କାରଣ

କାନାଡ଼ାର ଗବେଷକ ଦଳ ନିକଟରେ ସଂଖ୍ୟାଧିକ ଲୋକଙ୍କୁ ନେଇ ଏକ ପରୀକ୍ଷା କରିଥିଲେ । ନାନାପ୍ରକାର ପରୀକ୍ଷାନିରୀକ୍ଷା ସହ ସନ୍ତୁଳିତ ଭୋଜନରେ କେତେଜଣଙ୍କ ଓଜନ ନିୟନ୍ତ୍ରଣ ହୋଇଥିଲା । ହେଲେ ଅନ୍ୟ କେତେଜଣଙ୍କ ଓଜନ କମିବା ବଦଳରେ ଦିନକୁ ଦିନ ବଢ଼ିବାକୁ ଲାଗିଲା । ଗବେଷକମାନେ ଏହାର କାରଣ ଖୋଜିବାକୁ ତତ୍‌କ୍ଷଣାତ୍ ଲାଗିପଡ଼ିଲେ ।

ଆମେରିକାରେ ଉପଲବ୍ଧ ହେଉଥିବା ଏକ ନାମକରା କମ୍ପାନୀକୁ ହ୍ୟାଣ୍ଡ ଓ୍ୱାଶ କାରଣରୁ ଲୋକେ ମୋଟା ହେଉଥିବାର ତଥ୍ୟ ଜଣାପଡ଼ିଲା । ହ୍ୟାଣ୍ଡ ଓ୍ୱାଶରେ ଟ୍ରିକଲୋସାନ୍ ନାମକ ଆଣ୍ଟି-ବ୍ୟାକ୍ଟେରିଆ ତତ୍ତ୍ୱ ହର୍ମୋନ୍ ସିଷ୍ଟମକୁ ପ୍ରଭାବିତ କରୁଥିବାରୁ ଲୋକେ ମୋଟା ହେଉଥିବାର ଗବେଷରୁ ପ୍ରକାଶ । ଆମେରିକାର କେତୋଟି ଅଂଚଳରେ ଏହି ଏହି ହ୍ୟାଣ୍ଡ ଓ୍ୱାଶ୍ ବିକ୍ରି ନେଇ କଟକଣା ଲାଗୁ କରାଯାଇଛି ।

ସୋସିଆଲ ସାଇଟରେ ଅନ୍-ଲାଇନ୍ ରହୁଥିବାବେଳେ ଯୁବପିଢ଼ି ଆବଶ୍ୟକତାଠାରୁ ଅଧିକ ଖାଉଥିବାର ପ୍ରକାଶ ।

ନିଜ ପ୍ରିୟ ବ୍ୟଂଜନକୁ ଟେଲିଭିଜନ କିମ୍ବା ରେସ୍ତୋରାଁରେ ଦେଖିବା ମାତ୍ରେ ଏଡ୍ରେନାଲିନ୍ ଓ ଏଡ୍ରେନାଲାଇନ୍ ନାମକ ହରମୋନ୍ ବାହାରୁଥିବାରୁ ମଧ୍ୟ ମୋଟାପଣ ବଢ଼ିଥାଏ ।





ଲୁଣ ଅଧିକ ପରିମାଣରେ ଖାଉଥିବା ଲୋକଙ୍କ ପେଟ ଫୁଲିବା ସହ ଓଜନ ବଢ଼େ । ପ୍ଲାଷ୍ଟିକ ବୋତଲରେ ପାଣିପିଇବା ମଧ୍ୟ କ୍ଷତିକାରକ । ଏଥିରେ ଥିବା ଏକ ପ୍ରକାର ରାସାୟନିକ ଦ୍ରବ୍ୟ ମୋଟା କରାଉଥିବାର ଗବେଷକଙ୍କ ମତ ।

## ଗୋଟିଏ ବି ଗାଡ଼ି ଚାଲେ ନାହିଁ ଏହି ଗାଁରେ

ନେଦରଲ୍ୟାଣ୍ଡସ୍‌ର ଗୋଟିଏ ଛୋଟ ଗାଁ ଗିୟେଥୁର୍ନ । ଆୟତନରେ ଛୋଟ ହୋଇପାରେ । ଅଥଚ ଏହା ଦେଖିବାକୁ ଏତେ ସୁନ୍ଦର ଓ ସବୁଜିମାରା ଯେ ଥରେ ଏଠାକୁ ଗଲେ ଫେରି ଆସିବାକୁ ମନ ହେବ ନାହିଁ । ପର୍ଯ୍ୟଟକମାନଙ୍କ ପାଇଁ ଲୋକପ୍ରିୟ ଏହି ଗାଁ । କିନ୍ତୁ ଏଠାକୁ ଅତି ସୀମିତ ସଂଖ୍ୟକ ପର୍ଯ୍ୟଟକ ଆସିଥାଆନ୍ତି । ଯଦିଓ କୋଭିଡ-୧୯ ମହାମାରୀ ପରଠାରୁ ଏହି ଗାଁରେର ପର୍ଯ୍ୟଟକଙ୍କ ପାଦ ପଡ଼ିନାହିଁ । ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ନୁହେଁ, ଆଉ ଗୋଟିଏ ବିଶେଷ କାରଣ ପାଇଁ ଏହି ଗାଁର ଏତେ ପରିଚୟ । ଏହି ଗାଁ ମଧ୍ୟରେ ଯାତାୟତ କରିବା ପାଇଁ ଗୋଟିଏ ଏହି ଗାଁର ଲୋକମାନେ ଗୋଟିଏ ପ୍ରାନ୍ତରୁ ଆଉ ଗୋଟିଏ ପ୍ରାନ୍ତରେ ପହଞ୍ଚି ଯାଆନ୍ତି । ଏହା ମଧ୍ୟରେ ଯେଉଁ ନୌକା ବ୍ୟବହାର କରାଯାଏ, ଗ୍ରାମର ଶାନ୍ତ ପରିବେଶ ବଜାୟ ରଖିବାରେ ସେଗୁଡ଼ିକରେ ଶବ୍ଦହୀନ ଇଞ୍ଜିନ ଖଞ୍ଜାଯାଇଥାଏ । ଏହି ବିଶେଷତ୍ୱ ହିଁ ଗ୍ରାମଟିକୁ ଅନନ୍ୟ କରିଛି । ଏହି ଗ୍ରାମରେ ସବୁଠାରୁ ଜୋରରେ ଯଦି କିଛି ଶୁଣାଯାଏ ତେବେ ତାହା ହୁଏତ କୌଣସି ପକ୍ଷୀର କାକଳି ହୋଇଥିବ । କାହିଁକି ଏହି ଗ୍ରାମରେ କୌଣସି ରାସ୍ତା ନାହିଁ? ଏହି ଗ୍ରାମକୁ ନେଦରଲ୍ୟାଣ୍ଡସ୍‌ର ଭେନିସ ବୋଲି ମଧ୍ୟ କୁହାଯାଏ । ତେବେ ଭେନିସ ଭଳି ପ୍ରାକୃତିକ





ବିଶେଷ କାରଣ ପାଇଁ ଏହି ଗାଁର ଏତେ ପରିଚୟ । ଏହି ଗାଁ ମଧ୍ୟରେ ଯାତାୟତ କରିବା ପାଇଁ ଗୋଟିଏ ବୋଲି ସଡ଼କ ପଥ ନାହିଁ । ସଡ଼କ ନଥିବାରୁ ଗାଡ଼ି ମଧ୍ୟ ନାହିଁ । ଆଉ ଗାଡ଼ି ନଥିବାରୁ ଏହି ଗାଁରେ କୌଣସି କୋଳାହଳ ନାହିଁ । ସାରାଦିନ ଶାନ୍ତ ଥାଏ ଏଠାକାର ପ୍ରକୃତି । ଯାତାୟତ ପାଇଁ ଯଦି ରାସ୍ତା ନଥାଏ, ତେବେ ଗାଁର ଲୋକମାନେ ଯାତାୟତ କିଭଳି ଭାବେ କରନ୍ତି ? ସବୁକିଛି ଜଳପଥରେ । ଅର୍ଥାତ୍ ଗାଁର ପ୍ରତି ପ୍ରାନ୍ତରେ ଜଳପଥର ବ୍ୟବସ୍ଥା କରାଯାଇଛି । ଏହି ଜଳପଥ ସାହାଯ୍ୟରେ ହିଁ ଭାବେ ଏହି ଗାଁ ଗଢ଼ି ଉଠିନଥିଲା ।

ଏହି ଗାଁରେ ଯେତେବେଳେ ପ୍ରଥମେ ଲୋକମାନେ ବସବାସ କରିବା ଆରମ୍ଭ କରିଥିଲେ ସେହି ସମୟରେ ଗାଁ ମଧ୍ୟରେରର ଅନେକ ସ୍ଥାନରେର ମାଟି ତଳେ ଫମ୍ପା ଅଂଶ ଥିଲା । ଗାଁରେ ବସବାସ ଆରମ୍ଭ କଲାବେଳେ ଲୋକମାନେ ସେହି ସବୁ ସ୍ଥାନକୁ ଖୋଳିବା ଆରମ୍ଭ କରିଥିଲେ । ବର୍ଷ ବର୍ଷ ଧରି ସେହି ଫମ୍ପା ସ୍ଥାନଗୁଡ଼ିକ ଖୋଳିଲା ପରେ ଗାଁ ମଧ୍ୟରେର ସ୍ଥାନରେ ଛୋଟ ଛୋଟ ହ୍ରଦ ସୃଷ୍ଟି ହୋଇଗଲା । ଧୀରେ ଧୀରେ ସେହି ହ୍ରଦଗୁଡ଼ିକୁ ଯୋଡ଼ି କେନାଲ୍ ଭଳି ତିଆରି କରାଗଲା । ଗାଁ ଭିତରେ ଭିନ୍ନ ଭିନ୍ନ ଦିଗରେ ଏହି କେନାଲ ଗୁଡ଼ିକ ଯାଇଥିବାରୁ ଆଉ ପାଦ ଚଲା ରାସ୍ତା ରହିଲା ନାହିଁ । ଏମିତିକି ଲୋକମାନେ ସାମ୍ନା ଘରେ ରହୁଥିବା ପଡ଼ୋଶୀଙ୍କ ଘରରକୁ ଯିବାକୁ ଚାହିଁଲେ କାଠ ଓ ଲୁହାରେ ତିଆରି ଛୋଟ କଲଭର୍ଟ ଉପରେ ଯାତାୟତ କରିଥାଆନ୍ତି । ଗାଁଟି ଏକ ଛୋଟ ଦ୍ୱୀପ ଭଳି ମନେହୁଏ । ପୂରା ଗାଁରେର ଛୋଟ ଛୋଟ ୧୫୦ଟି ସେତୁ ତିଆରି ହୋଇଛି । ତେବେ ଏହି ଗାଁ ବିଷୟରେ ୧୯୮୫ ମସିହାରେର ପ୍ରଥମ ଥର ପାଇଁ ବାହାର ଦୁନିଆର ଲୋକମାନେ ଜାଣିବାକୁ ପାଇଲେ । ଡଚ୍ ଫିଲ୍ମ ନିର୍ମାତା ବାର୍ଟ ହାନଷ୍ଟ୍ରା ତାଙ୍କ କମେଡି ଫିଲ୍ମ 'ଫ୍ୟାନଫେୟାର'ର ସୁଟିଂ ଏହି ଗ୍ରାମରେ କରିଥିଲେ । ଏହି ଗାଁର ଲୋକସଂଖ୍ୟା ଅଢ଼େଇ ହଜାର ପାଖାପା[...] ହେବ । ଅତି ଆବଶ୍ୟକ ନ ହେଲେ ଏହି ଗାଁ[...] ଲୋକମାନେ ସହରକୁ ଯାଆନ୍ତି ନାହିଁ । ବ[...] ସରକାରଙ୍କ ତରଫରୁ ଏହି ଗାଁର ଲୋକମାନ[...] ସମସ୍ତ ପ୍ରକାରର ସୁବିଧା ଯୋଗାଇ ଦିଆଯାଏ[...] ଗାଁର ଲୋକମାନେ ଅତ୍ୟନ୍ତ ସରଳ ଓ ନିରାଡମ୍[...] ଜୀବନ ଅତିବାହିତ କରିଥାଆନ୍ତି । ଏ[...] ଲୋକମାନଙ୍କ ଅନୁସାରେ ସେମାନଙ୍କ ଚାହି[...] ଆଦି ସ୍ୱଳ୍ପ ହୋଇଥିବାରୁ ସେମାନେ କେବେ [...] ମନଦୁଃଖରେ ରହନ୍ତି ନାହିଁ । ସ୍ୱଳ୍ପରେ ସନ୍ତୁ[...] ରହୁଥିବାରୁ ଏହି ଗାଁର ଲୋକମାନେ ସବୁବେ[...] ହସଖୁସିରେ ଜୀବନ ବିତାଇ ଥାଆନ୍ତି [...] ପର୍ଯ୍ୟଟକମାନଙ୍କ ସହିତ ଏହି ଗାଁର ଲୋକମାନ[...] ବ୍ୟବହାର ଅତ୍ୟନ୍ତ ନମ୍ର ହୋଇଥାଏ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ସଜାଗର ଆବଶ୍ୟକତା...

ଭାରତରେ କରୋନା ସଂକ୍ରମଣ ମାତ୍ରାରେ କୌଣସି କମି ପରିଲକ୍ଷିତ ହୋଇନାହିଁ । ଆରୋଗ୍ୟଙ୍କ ମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଇବା ଏବଂ ମୃତ୍ୟୁହାର ହାସ ପାଇବା ସତ୍ତ୍ୱେ ଏବେ ଦୈନିକ ସଂକ୍ରମିତଙ୍କ ସଂଖ୍ୟା ୯୦ ହଜାର ଟପିସାରିଲାଣି । ସେହିଭଳି ପ୍ରତିଦିନ ଦେଶରେ ପ୍ରାୟ ୧ହଜାରରୁ ଅଧିକ ଲୋକଙ୍କ କରୋନାଜନିତ ପ୍ରାଣହାନି ଘଟୁଥିବା ମଧ ପ୍ରକାଶ ପାଉଛି । ଯଦିଚ ଯୁକ୍ତରାଷ୍ଟ୍ର ଆମେରିକା ଏବେ ମୋଟ୍ ସଂକ୍ରମଣ ଦୃଷ୍ଟିରୁ ବିଶ୍ୱରେ ସର୍ବାଗ୍ରେ ରହିଛି, ତଥାପି ଦୈନିକ ପଜିଟିଭ ସଂଖ୍ୟା ବୃଦ୍ଧିକୁ ଯଦି ବିଚାରକୁ ନିଆଯାଏ, ତେବେ ଭାରତ ହିଁ ସବୁଠାରୁ ଆଗୁଆ ରହିଛି । ଏହି ଧାରା ଯଦି ଜାରି ରହେ ତେବେ ଆଉ ଅଳ୍ପଦିନ ଭିତରେ ଯେ ଭାରତ କରୋନା ସଂକ୍ରମଣ ଦୃଷ୍ଟିରୁ ସର୍ବାଗ୍ରେ ନପହଞ୍ଚିବ ସେକଥା କିଏ କହିବ ? କରୋନା ଭୂତାଣୁ ସଂକ୍ରମଣକୁ ମହାମାରୀ ବୋଲି ବିଶ୍ୱରେ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ଘୋଷଣା କରାଯିବା ପୂର୍ବରୁ ଭାରତ ସରକାର ଏବଂ ଜନସାଧାରଣ ଯେଉଁ ସତର୍କତା ଅବଲମ୍ବନ କରିଥିଲେ ଏବଂ ଯେଉଁଭଳି କଡ଼ା କଟକଣା ଭିତରେ ଜନଜୀବନକୁ ନିୟନ୍ତ୍ରଣ କରାଯାଇଥିଲା, ସେକଥା ଏବେ ପ୍ରାୟ ସଭିଏଁ ଭୁଲିବାକୁ ବସିଲେଣି । ସେତେବେଳେ ଦେଶରେ ଦୈନିକ ସଂକ୍ରମଣ ସଂଖ୍ୟା ମାତ୍ର କେଇ ଶହ ଭିତରେ ସୀମିତ ଥିଲା ଏବଂ ମୃତ୍ୟୁସଂଖ୍ୟା ଥିଲା ଏକ ଅଙ୍କ ଭିତରେ । ଏହାକୁ ଏକ ଗଣସଂଗ୍ରାମର ଆଖ୍ୟା ଦେଇ ଦେଶର ସମସ୍ତ ଜନସାଧାରଣ ଏହାକୁ ପରାସ୍ତ କରିବା ସକାଶେ ଯେଉଁ ପ୍ରତିବଦ୍ଧତା ପ୍ରକାଶ ପାଇଥିଲା । ଏବେ ସେହି ଯୁଦ୍ଧ ଲାଗି ରହିଥିଲେ ସୁଦ୍ଧା ଏହାର ସ୍ୱରୂପ ସଂପୂର୍ଣ୍ଣ ବଦଳି ସାରିଛି । ସେତେବେଳେ ତାଟି କବାଟ ପଡ଼ିବା ଭଳି ପରିସ୍ଥିତି ହୋଇଥିଲା । ଗାଁଗଣ୍ଡା ଓ ସହର ବଜାରରେ ରାସ୍ତାକୁ ବନ୍ଦ୍ କରି ଦିଆଯାଇଥିଲା । ଏପରିକି ରାଜ୍ୟ-ରାଜ୍ୟ ଭିତରେ ଲମ୍ବିଥିବା ସଡ଼କ ଉପରେ ମଜଭୁତ କାନ୍ଥ ଉଠାଯାଇ ଯାତାୟାତକୁ ପ୍ରତିହତ କରାଯାଇଥିଲା । ସେଭଳି ପରିସ୍ଥିତିରେ ତ ଦେଶ ଚଳିବନାହିଁ । ତେଣୁ ସମୟାନ୍ତରେ ନିୟମକୁ ବଦଳାଯାଇ କରୋନା ସହିତ ଲଢ଼ିବା ସହିତ ପୁଣି ଥରେ ସ୍ୱାଭାବିକତାକୁ ଫେରିବାର ପଥ ଉନ୍ମୋଚନ କରାଗଲା । ପୁଣି ଥରେ ଦୋକାନ ବଜାର ଖୋଲିଲା । ସଡ଼କ ଉପରେ ଯାନବାହାନ ଗଡ଼ିଲା । ଏଥିସହ କରୋନା ମଧ ତା'ର କାୟା ବଦଳାଇ ଚାଲିଲା । ଏବେ ଦେଶରେ ସଂକ୍ରମଣଙ୍କ ସଂଖ୍ୟା ୪୮ ଲକ୍ଷ ଟପି ସାରିଲାଣି । ତେବେ ସେମାନଙ୍କ ମଧରେ ୩୮ ଲକ୍ଷରୁ ଅଧିକ ଆକ୍ରାନ୍ତ ସୁସ୍ଥ ହୋଇଥିବା ନିଶ୍ଚିତ ଭାବେ ଉତ୍ତମ ଲକ୍ଷଣ । କିନ୍ତୁ ଦୈନିକ ପଜିଟିଭ ସଂଖ୍ୟା ବୃଦ୍ଧି କ'ଣ ଦେଶରେ କରୋନାର ଜଡ଼କୁ ସଂପୂର୍ଣ୍ଣରୂପେ ଆୟତ୍ତ କରାଯାଇ ପାରିନଥିବାର ସୂଚନା ଦିଏନାହିଁ କି ? ଏଥିପାଇଁ ଉପାୟ କ'ଣ ? ଦେଶର ଜଣେ ବିଶିଷ୍ଟ ଚିକିତ୍ସାବିଜ୍ଞାନୀ ଡକ୍ଟର ନରେଶ ତ୍ରେହାହନାଙ୍କ କହିବା ଅନୁସାରେ, କୌଣସି ମହାମାରୀ ଥରେ ଆରମ୍ଭ ହେଲେ ତାହା ମୂଳପୋଛ ହୁଏନାହିଁ । ଏହା ସହ ସଂଘର୍ଷ କରି ମାନବ ସମାଜକୁ ଜୀବନ ବଞ୍ଚିବାକୁ ପଡ଼େ । ଡକ୍ଟର ତ୍ରେହାନଙ୍କ ଏଭଳି ଯଥେଷ୍ଟ ଗୁରୁତ୍ୱ ବହନ କରେ । ଯେତେବେଳେ ସମଗ୍ର ବିଶ୍ୱ କରୋନା ପ୍ରତିଷେଧକ ଟିକା ପାଇଁ ଘାଣ୍ଟି ହେଉଛନ୍ତି, ସେତେବେଳେ କରୋନା ସହ ଆମର ସଂଘର୍ଷ କିଭଳି ହେବା ଆବଶ୍ୟକ ଯଦ୍ୱାରା ଆକ୍ରାନ୍ତଙ୍କ ସଂଖ୍ୟା କମିବ ଏବଂ ମୃତ୍ୟୁହାର ମଧ ହ୍ରାସ ପାଇବ ? ଏ ପ୍ରଶ୍ନଟି ଯେତିକି ସରଳ ଏହାର ଉତ୍ତର ଖୋଜି ପାଇବା ସେତିକି ଜଟିଳ । କାରଣ, ପ୍ରତିଷେଧକ ଟିକା ଅନୁପସ୍ଥିତିରେ ଏଭଳି ସଂକ୍ରାମକ ରୋଗକୁ ପ୍ରତିହତ କରିବାର ଏକମାତ୍ର ସାଧନ ଜନ-ସାବଧାନତା ବ୍ୟତୀତ ଆଉ କିଛି ହୋଇନପାରେ । ଜନସାଧାରଣ ଯେତିକି ସତର୍କତା ଅବଲମ୍ବନ କରିବେ ସଂକ୍ରମଣ ମାତ୍ରା ସେତିକି ହ୍ରାସ ପାଇବ । କାରଣ ଅନେକ ରାଷ୍ଟ୍ରଙ୍କ ଦାବି ସତ୍ତ୍ୱେ ପ୍ରତିଷେଧକ ଟିକା ବାହାରିବାକୁ ଆହୁରି ଢେର୍ ସମୟ ବାକି । ବିଲ୍ ଗେଟ୍ସଙ୍କ ଉକ୍ତି ଅନୁସାରେ, ଏବେ ବିଶ୍ୱ ଭାରତକୁ ହିଁ ଚାହିଁ ରହିଛି । କାରଣ ଭାରତ ହିଁ ପ୍ରତିଷେଧକ ଟିକା ଉତ୍ପାଦନରେ ବିଶ୍ୱର ଅଗ୍ରଣୀ ରାଷ୍ଟ୍ର । କିନ୍ତୁ ମୂଳ ପ୍ରଶ୍ନଟି ହେଲା- ଆବିଷ୍କାର ପରେ ହିଁ ଉତ୍ପାଦନ କଥା ଚିନ୍ତା କରାଯିବ ? ପ୍ରତିଷେଧକ ଟିକା ପାଇଁ ଯେତେ ଗବେଷଣା ସଂସ୍ଥାଙ୍କ ଦ୍ୱାରା ମାନବୀୟ ପରୀକ୍ଷା କରାଯାଉଛି, ତାହା କେବଳ ବାହାଘର ବେଳେ ବାଇଗଣ ରୋଇବା ଭଳି କଥା । ପ୍ରତିଷେଧକ ଟିକା ରାତାରାତି ବାହାର କରିବା ସପକ୍ଷରେ କୌଣସି ବୈଜ୍ଞାନିକ ନିହଁନ୍ତି । ସେମାନଙ୍କ ମତରେ, ତରବରିଆ ଭାବେ ଏଭଳି

---

କବିତା କୋଣାର୍କ

## ବାବା ବିଶ୍ୱକର୍ମା.

ରାମ ଚନ୍ଦ୍ର ପ୍ରଧାନ

ସୃଷ୍ଟି ରଚୟିତା ଯୋଗସିଦ୍ଧା ସୁତ
ଦେବଶିଳ୍ପୀ ବିଶ୍ୱକର୍ମା
ତୁମେ ଅଦ୍ୱିତୀୟ ହେ ବିଶ୍ୱ ବିନ୍ଧାଣି
ଜାତିସ୍ମର ଯୋଗଜନ୍ମା।
ଭାଦ୍ରବ ମାସର କନ୍ୟା ସଂକ୍ରାନ୍ତିରେ
ହୁଅଇ ତୁମରି ପୂଜା
କଳ କାରଖାନା ଶିଳ୍ପ ଅନୁଷ୍ଠାନେ
ଉଡ଼େ କରିଗରୀ ଧ୍ୱଜା।
ବ୍ରହ୍ମାଙ୍କ ନିର୍ଦ୍ଦେଶେ ନିର୍ମାଣ କରିଲ
ସ୍ୱର୍ଗର ଅମରାବତୀ
ଦ୍ୱାରିକା ନଗରୀ ଅବା ସ୍ୱର୍ଣ୍ଣଲଙ୍କା
ସବୁଥିରେ ତୁମ ଖ୍ୟାତି ।
ଶସ୍ତ୍ର ବିମାନରେ ଇନ୍ଦ୍ରଙ୍କ ବଜ୍ରରେ
ତୁମରି ନିର୍ମାଣ ଶ୍ରେଷ୍ଠ
ହସ୍ତିନାରପୁର' କି ପ୍ରଭାବତୀ ପୁରୀ
ହେଉ ଅବା ଇନ୍ଦ୍ରପ୍ରସ୍ଥ।
ବ୍ରାହ୍ମଣ କୁଳରେ ଜନମିଲ ତୁମେ
ଘୃତାଚୀଙ୍କ ଶାପ ବଳେ
ତୁମେ ଦୈବ ସ୍ୱର୍ଗେ ଏ ଧାରାଧାମରେ
ନିର୍ମାଣ ଦୀପ ଜଳେ।
ଧନ୍ୟ ଧନ୍ୟ ପ୍ରଭୁ ବାବା ବିଶ୍ୱକର୍ମା
ମହିମା ତୁମ ଅପାର
ହେ ଗଜ ବାହାନ ବିଦ୍ୟା ଅଧିପତି
ଦେବଶିଳ୍ପୀ କରିଗର।
କଳାରେ କୁଶଳୀ ଶ୍ରେଷ୍ଠ କରିଗର
ଘେନ ମୋ ଭକ୍ତି ପ୍ରଣାମ
ଶିଳ୍ପ ଜଗତରେ ଶୁଭାଶିଷ ଢାଳି
ରଖ ଶିଳ୍ପୀକୁଳ ନାମ।

+ ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ: ୯୮୬୧୬୩୮୭୩୬

---

# ଦେବଶିଳ୍ପୀ ଉପାସନା

ଡକ୍ଟର ଶ୍ରୀହରି ପଣ୍ଡା



ଧାରୟତି ଇତି ଧର୍ମ- ଯାହା ଧରି ରଖେ ଅର୍ଥାତ୍ ଯେଉଁ ନୀତି ନିୟମରେ ମଣିଷ ଜୀବନ ପରିଚାଳିତ ହୋଇ ସୁନ୍ଦର, ସୁଖକର ଓ ସୁସ୍ଥ ପରିବେଶ ମଧରେ ଶାନ୍ତିମୟ ଜୀବନ ଅତିବାହିତ କରିବାକୁ ସଯୋଗ ପାଏ - ତାହା ହିଁ ଧର୍ମ । ଓଡିଆଙ୍କ ବାର ମାସରେ ତେର ପୂଜା । ସେହି ପୂଜା ମଧ୍ୟରୁ ଧର୍ମ ବିଶ୍ୱାସୀ ଓଡିଆ ପାଳନ କରିଥାଏ ବିଶ୍ୱକର୍ମା ପୂଜା । ଏ ପୂଜାର ତିଥି ନକ୍ଷତ୍ର ଓ ମୁହୂର୍ତ୍ତାଦିର ବିଚାର ନାହିଁ । ଯେପରି ଧନର ଅଧୀଶ୍ୱର ଗଣେଶ, ବିଦ୍ୟାର ଅଧୀଶ୍ୱର ସରସ୍ୱତୀ, ଗନ୍ତାଘରର କୁବେର ସେହିପରି ଶିଳ୍ପକଳା, ଯାନ୍ତ୍ରିକ ବିଦ୍ୟାର ଅଧିକାରୀ ବିଶ୍ୱକର୍ମା ବୋଲି ବିଶ୍ୱାସ । ଭାଗବତ ପୁରାଣର ଆଖ୍ୟାୟିକାରୁ ଜଣାଯାଏ ଦେବଶିଳ୍ପୀ ବିଶ୍ୱକର୍ମା ସୃଷ୍ଟିକର୍ତ୍ତା । ତାଙ୍କ ସୃଷ୍ଟିର ସର୍ଜନା ପାଇଁ ସେ ଶିଳ୍ପୀ, ସେ ବୈକୁଣ୍ଠବାସୀ, ସେ ସର୍ବଗୁଣସମ୍ପନ୍ନ, ସେ ସର୍ବଶକ୍ତିମାନ, ସେ ସର୍ବନିୟନ୍ତା । ମନୁଷ୍ୟର କାର୍ଯ୍ୟର ପାର୍ଥକ୍ୟରେ ଯେପରି ଜାତି ସୃଷ୍ଟି ସେହିପରି ଭଗବାନଙ୍କୁ ନାନା ରୂପରେ କଳନା କରାଯାଇଛି । ଯେତେବେଳେ ସେ ସୃଷ୍ଟି କରନ୍ତି ସେତେବେଳେ ସେ ବ୍ରହ୍ମା, ଯେତେବେଳେ ପାଳନ କରନ୍ତି ସେତେବେଳେ ବିଷ୍ଣୁ ଏବଂ ଯେତେବେଳେ ସଂହାର କରନ୍ତି ସେତେବେଳେ ସେ ରୁଦ୍ର । ସେହିପରି ତାଙ୍କରି ଇଛାରେ ଯେତେବେଳେ ଶିଳ୍ପୀ ସେତେବେଳେ ସେ ବିଶ୍ୱକର୍ମା ଭାବରେ ପରିଚିତ ହୁଅନ୍ତି । ସେ ପ୍ରତ୍ୟେକ ପ୍ରାଣୀଙ୍କ ହୃଦୟରେ ରହି ତାଙ୍କରି ଇଛାମତେ ପ୍ରତ୍ୟେକ କାର୍ଯ୍ୟର ନିମନ୍ତ୍ରଣ କରନ୍ତି । ଦେବଶିଳ୍ପୀ ବିଶ୍ୱକର୍ମା କନ୍ୟା ସଂକ୍ରାନ୍ତିରେ ମର୍ତ୍ତ୍ୟରେ ଆବିର୍ଭୂତ ହୋଇଥିଲେ । ବିଶ୍ୱ ତାଙ୍କରି ଦ୍ୱାରା ନିର୍ମାଣ ହୋଇଥିବାରୁ ତାଙ୍କୁ ବିଶ୍ୱକର୍ମା ବୋଲି କୁହାଯାଏ । 'ବିଶ୍ୱ ସ୍ୱସ୍ୟ କର୍ମନ୍' ଇତି ବିଶ୍ୱକର୍ମା । ଦେବଶିଳ୍ପୀଙ୍କର ମଧ ଅନ୍ୟ ଏକ ନାମ ତ୍ୱଷ୍ଟା । ତ୍ୱକ୍ଷ+ତର୍ଚ୍ ଅର୍ଥାତ୍ ତ୍ୱଷ୍ଟା ବଢାଇ,ନିର୍ମାତା,କାରିଗର ଆଦି ଅର୍ଥରେ ବ୍ୟବହୃତ ହେବା ସହିତ ବିଶେଷ କରି ବିଶ୍ୱକର୍ମା ଅର୍ଥରେ ପ୍ରଯୁଜ୍ୟ । ସେ ସକଳ ଶିଳ୍ପକଳାର ଜନକ । ବ୍ରହ୍ମାଙ୍କ ନାଭିକମଳରୁ ବିଶ୍ୱକର୍ମାଙ୍କର ସୃଷ୍ଟି ବୋଲି ବର୍ଣ୍ଣନା ଦେଖିବାକୁ ମିଳେ । ପ୍ରଜାପତିଙ୍କ ନିର୍ଦ୍ଦେଶରେ ବିଶ୍ୱକର୍ମା ସମଗ୍ର ସୃଷ୍ଟି,ଦେବତାଙ୍କର ଅସ୍ତ୍ରଶସ୍ତ୍ର ଏବଂ ସ୍ୱର୍ଗର ଅମରାବତୀ ଆଦି ନିର୍ମାଣ କରିଛନ୍ତି । ଅତୀତରେ ବିଶ୍ୱକର୍ମାଙ୍କର ମୂର୍ତ୍ତି ପୂଜାର ପ୍ରଚଳନ ନଥିଲା । ଘଟରେ ଏବଂ କେତେକ ସ୍ଥାନରେ ଶାଳଗ୍ରାମଙ୍କର ପୂଜା ହେଉଥିଲା । ସ୍ଥାନେ ସ୍ଥାନେ ଜଣେ ବୁଢା ବଢେଇର ମୂର୍ତ୍ତି ପୂଜା ପାଉଥିଲା ମାତ୍ର କାଳକ୍ରମେ ଏବର ମୂର୍ତ୍ତି ପୂଜା ପାଇଲେ । ସଦା କିଶୋର ପରି ପ୍ରତିଭାତ ବିଶ୍ୱକର୍ମା ଜ୍ଞାନ ଓ ଅବସ୍ଥାରେ ସମୃଦ୍ଧ ତଥା ଦିବ୍ୟ ବସ୍ତ୍ର ପରିହିତ ବିଭିନ୍ନ ରତ୍ନାଳଙ୍କାରରେ ଶୋଭିତ ଅତ୍ୟନ୍ତ ସୁନ୍ଦର ତେଜସ୍ୱୀ କାମଦେବଙ୍କ ପରି କାନ୍ତିମାନ ଅଟନ୍ତି । କେତେବେଳେ ସେ ହସ୍ତୀ ପୃଷ୍ଠରେ ବିରାଜମାନ କରିଥାନ୍ତି ତ ପୁଣି କେତେବେଳେ ହଂସ ପୃଷ୍ଠରେ । ସଦା ସର୍ବଦା ଗୌରବର୍ଣ୍ଣୀ ବିଶ୍ୱକର୍ମା ଆଶୀର୍ବାଦ ମୁଦ୍ରାରେ ଥାଆନ୍ତି ।

ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ସମ୍ପର୍କରେ ବାମନ ପୁରାଣ ଏବଂ ବ୍ରହ୍ମ ବୈବର୍ତ୍ତ ପୁରାଣରେ ବର୍ଣ୍ଣନା ଦେଖିବାକୁ ମିଳେ । ବ୍ରହ୍ମବୈବର୍ତ୍ତ ପୁରାଣରେ ବିଶ୍ୱକର୍ମାଙ୍କ ବଂଶାନୁଚରିତ ବର୍ଣ୍ଣିତ । ଏଥିରେ ଘୃତାଚୀ ତାଙ୍କର ପତ୍ନୀ । ବ୍ରହ୍ମବୈବର୍ତ୍ତ ପୁରାଣାନୁସାରେ ଏକଦା ସ୍ୱର୍ଗର ବେଶ୍ୟା ଘୃତାଚୀ ନିଜକୁ ସଜାଇ ରମଣାର୍ଥେ କାମଦେବଙ୍କ ନିମଟକୁ ଯାଉଥିବା ସମୟରେ ତାର ସୌନ୍ଦର୍ଯ୍ୟରେ ବଶୀଭୂତ ହୋଇ ଦେବଶିଳ୍ପୀ ବିଶ୍ୱକର୍ମା ତାଙ୍କ ପଥରୋଧ କଲେ । ଘୃତାଚୀ ଯେହେତୁ କାମଦେବଙ୍କ ଉଦ୍ଦେଶ୍ୟରେ ଯାଉଥିଲେ ସେ ବିଶ୍ୱକର୍ମାକୁ ଅନ୍ୟ ଏକ ଦିନକୁ ଅପେକ୍ଷା କରିବାକୁ ବିନତୀ କଲେ । ମାତ୍ର ବିଶ୍ୱକର୍ମା ସେତେବେଳକୁ ମୋହିତ ହୋଇସାରିଥିବାରୁ ଘୃତାଚୀଙ୍କୁ ଶୂଦ୍ରନାରୀ ହୋଇ ମର୍ତ୍ତ୍ୟମଣ୍ଡଳରେ ଜନ୍ମ ହେବାକୁ ଅଭିଶାପ ଦେଲେ । ଘୃତାଚୀ ମଧ ବିଶ୍ୱକର୍ମାଙ୍କୁ ମର୍ତ୍ତ୍ୟରେ ମାନବ ହୋଇ ଜନ୍ମ ହେବାକୁ ଶାପ ଦେଲେ । ପରେ ବିଶ୍ୱକର୍ମା ଏହି କଥା ବ୍ରହ୍ମାଙ୍କୁ ଜଣାଇବାରୁ ବ୍ରହ୍ମା ଘୃତାଚୀର ଭିନ୍ନ ବୃତ୍ତି ସତ୍ତ୍ୱେ ସ୍ୱର୍ଗର ପତିବ୍ରତା ସତୀର ମାନ୍ୟତାଲାଭ କରିଥିବାରୁ ତାହାର ଅଭିଶାପ ନିଷ୍ଫଳ ନୁହେଁ ବୋଲି ବିଶ୍ୱକର୍ମାଙ୍କୁ କହିଥିଲେ । ପରବର୍ତ୍ତୀ କାଳରେ ବିଶ୍ୱକର୍ମା ବ୍ରାହ୍ମଣକୂଳରେ ଜନ୍ମ ନେଇଥିଲେ ଓ ତାଙ୍କର ଜାତିସ୍ମରତ୍ୱ ଥିବାରୁ ସେ ସବୁକଥା ଜାଣିପାରୁଥିଲେ । ସେ ନିଜକୁ ଶିଳ୍ପଶାସ୍ତ୍ରରେ ଧୂରୀଣ କାର୍ଯ୍ୟରେ ନିୟୋଜିତ କରିଥିଲେ । ସେତେବେଳେ ସେ ପ୍ରୟାଗତୀର୍ଥରେ ଅନେକ ଦେବାଦେବୀଙ୍କ ମନ୍ଦିର ନିର୍ମାଣ କରୁଥିବାବେଳେ ଏକଦା ସେହି ସମୟରେ ଗଙ୍ଗାରେ ସ୍ନାନ କରୁକରୁ ଏକ ଅନିନ୍ଦ୍ୟ ରୂପବତୀ କନ୍ୟାକୁ ଦେଖି ଜାଣିପାରିଲେ ଯେ ସେ ଘୃତାଚୀ ବୋଲି । ଘୃତାଚୀ ମଧ ବିଶ୍ୱକର୍ମାଙ୍କୁ ଜାଣିପାରିଲେ । ବ୍ରହ୍ମାଙ୍କ କଥାନୁସାରେ ଉଭୟ ଗଙ୍ଗାତୀରସ୍ଥ ମଳୟବନରେ ବିବାହ କରି ବାରବର୍ଷ ଏକାଠି ରହିଲେ । ତାଙ୍କଠାରୁ ୯ଟି ସନ୍ତାନ ଉତ୍ପତ୍ତି ହୋଇଥିଲେ । ପୁତ୍ରମାନଙ୍କ ମଧ୍ୟରେ ମାଳାକାର, କର୍ମକାର, କଂସାରି, ଶଙ୍ଖାରୀ, କୁମ୍ଭକାର, କୁନ୍ଦବିକ, ସୂତ୍ରଧର, ସ୍ୱର୍ଣ୍ଣକାର ଓ ଚିତ୍ରକର । ପୁତ୍ରମାନଙ୍କୁ ଉପଯୁକ୍ତ ଶିକ୍ଷାଦାନ କରି ପୁନଶ୍ଚ ସ୍ୱର୍ଗଲୋକକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ପୁନଶ୍ଚ ଏହି ପୁରାଣାନୁସାରେ ଜଣେ ପୁତ୍ର ବ୍ରାହ୍ମଣଙ୍କ ସୁନାଚୋରୀ କରିଥିବାରୁ ସ୍ୱର୍ଣ୍ଣକାର ପତିତ ରୂପେ ବିବେଚିତ ହୋଇଥିଲେ । ସେହିପରି ସୂତ୍ରଧର ଯଜ୍ଞ ସମୟରେ କାଠ ଯୋଗାଣର ବିଳମ୍ବ କରି ପତିତ ହୋଇଥିଲେ । ଚିତ୍ରକାର ଏକ ଶୁଦ୍ର ବେଶ୍ୟା ସହ ଆଶକ୍ତ ହୋଇ ଅଟ୍ଟାଳିକାର(ରାଜମିସ୍ତ୍ରୀ) ରୂପେ ଆବିର୍ଭୂତ ହୋଇଥିଲେ । ଏଣୁ ସମସ୍ତ ପ୍ରକାର ଶିଳ୍ପୀ ବା କାରିଗର ବିଶ୍ୱକର୍ମାଙ୍କର ହିଁ ବଂଶଧର ଅଟନ୍ତି ଏବଂ ସମସ୍ତ ପୁରାଣର ଶିଳ୍ପଚାତୁରୀ ବିଶ୍ୱକର୍ମାଙ୍କ ସୃଷ୍ଟ । ରାମାୟଣ ଯୁଗରେ ସ୍ୱର୍ଣ୍ଣ ଲଙ୍କାପୁର,ହରିବଂଶନୁଯାୟୀ ଦ୍ୱାରିକାଧାମ ଏବଂ ସ୍କନ୍ଦ ପୁରାଣାନୁସାରେ ଶ୍ରୀଜଗନ୍ନାଥଙ୍କ ବିଗ୍ରହର ସ୍ରଷ୍ଟା ହେଉଛନ୍ତି ବିଶ୍ୱକର୍ମା ।

ବାମନ ପୁରାଣାନୁସାରେ ବିଶ୍ୱକର୍ମା ଅଭିଶପ୍ତ ହୋଇ ଦାନବ ରୂପ ଧାରଣ କରିଥିଲେ । ଋଷି ଋତୁଧ୍ୱଜଙ୍କଠାରୁ ବର ଲାଭ କରି ଘୃତାଚୀଙ୍କ ସହ ସଂପର୍କ ରଖି ନଳଙ୍କୁ ଜନ୍ମଦେଇ ଶାପମୁକ୍ତ ହୋଇଥିଲେ । ପୌରାଣିକ କଥାନୁସାରେ ବିଶ୍ୱକର୍ମାଙ୍କୁ ଅଗ୍ନିଦେବ ଭାବରେ ସ୍ୱୀକାର କରାଯାଏ । ତାଙ୍କର ତ୍ରିଶିରା ଏବଂ ସଂଜ୍ଞା ନାମ୍ନି ପୁତ୍ର ଓ କନ୍ୟା ଥିଲେ । ସଂଜ୍ଞାଙ୍କୁ ସୂର୍ଯ୍ୟ ବିବାହ କରିଥିଲେ । ସୂର୍ଯ୍ୟଙ୍କ ପ୍ରଚଣ୍ଡ ତେଜକୁ ସଂଜ୍ଞା ସହ୍ୟ କରିନପାରିବାରୁ ବିଶ୍ୱକର୍ମା ୧୦୮ ସୂର୍ଯ୍ୟସ୍ତୋତ୍ର ପାଠକରି ସୂର୍ଯ୍ୟଙ୍କୁ ପ୍ରସନ୍ନ କରି ମ୍ଳାନ କରିଥିଲେ ବୋଲି ନରସଂହ ପୁରାଣରେ ବର୍ଣ୍ଣିତ ହୋଇଛି । ଏଣୁ ଆଜିର ଏହି ଦ୍ରୁତ ବିକାଶ ପଛରେ ଦେବଶିଳ୍ପୀଙ୍କ ଅବଦାନ ଅବର୍ଣ୍ଣନୀୟ । ତେଣୁ ଆଜିର ଦିନରେ ତାଙ୍କୁ କୋଟିକୋଟି ପ୍ରଣାମ ।

"ନମସ୍ତେ ବିଶ୍ୱରୂପାୟ
ବିଶ୍ୱପୂଜ୍ୟାତ୍ ନମଃ
ନମଃ ବିଶ୍ୱାତ୍ମଭୂତାୟ
ବିଶ୍ୱକର୍ମନ୍ ନମୋନମଃ
ବିଶ୍ୱକର୍ମନ୍ ନମସ୍ତୁଭ୍ୟଂ ତ୍ର୍ୟମ୍ବକ
ହଂସବାହନ
ସର୍ବସିଦ୍ଧି ପ୍ରଦାତାର ବିଶ୍ୱକର୍ମନ
ନମୋ ନମଃ ।"
॥ ଜୟ ଜଗନ୍ନାଥ ॥

+ ଗୌଡ଼ଗାଁ,କପ୍ତିପଦା,
ମୟୂରଭଞ୍ଜ
ମୋ:୯୮୫୩୯୪୮୪୫୮

---

# ବିଶ୍ୱଶିଳ୍ପୀ : ବିଶ୍ୱକର୍ମା

ବିପିନ ବିହାରୀ ମହାନ୍ତି



ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା। ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମଶାସ୍ତ୍ରମାନଙ୍କରେ ଉଲ୍ଲେଖ ଅଛି। ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟଲୋକରେ ଆବିର୍ଭୂତ ହୋଇଥିବାରୁ, ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରଧନା କରନ୍ତି।

ବିଶ୍ୱକର୍ମା ବିଶ୍ୱର ବିନ୍ଧାଣୀ ବା ଆଧୁନିକ ଅର୍ଥରେ ବିଶ୍ୱଯନ୍ତ୍ରୀ। ସେ ବୈକୁଣ୍ଠବାସୀ, ସର୍ବଗୁଣ ସଂପନ୍ନ, ସର୍ବଶକ୍ତିମାନ, ସର୍ବନିୟନ୍ତା, ବାୟୁରୂପେ ସର୍ବ ବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣକାର୍ଯ୍ୟର ଦଣ୍ଡଧାରୀ ଦେବତା। 'ଦଣ୍ଡ' କହିଲେ ଇଂରାଜିର ସ୍କେଲ ବା ମାପଚୁପବାଡ଼ି ଯାହା ସାହାଯ୍ୟରେ ସେ ମାପିଚୁପି ସବୁ କରନ୍ତି। ବେଦରେ ସେ ଅଜାତ ପୁରୁଷ, ବ୍ରହ୍ମ ବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବଶିଳ୍ପୀ ଏମିତି ଭିନ୍ନମତେ ଭିନ୍ନନାମ।

ତାଙ୍କରି ହାତରେ ସ୍ୱର୍ଣ୍ଣ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ ବା ଉଆସ... କୋଠାବାଡ଼ି, କଳକାରଖାନା, ମଠ, ମନ୍ଦିର, ମସ୍‌ଜିଦ୍, ଗାଡ଼ିମଟର, ଉଡ଼ାଜାହାଜ, ଛାପାଖାନା, ରେଳଗାଡ଼ି, ଟି.ଭି., ରେଡ଼ିଓ, କମ୍ପ୍ୟୁଟର, ଆକାଶଯାନ... ଇତ୍ୟାଦି। ଆମ ଚାରିପଟେ ଦେଖୁଥିବା ତଥା ତିନିପୁରର ସମସ୍ତ ନିର୍ମାଣ, ମଣିଷ କିଛି କରେ ନାହିଁ। ମଣିଷ ଦେହରେ ସେ ଏଠି ବିଜେ କରି ସବୁ କରାନ୍ତି। ଆମ ପିନ୍ଧିଲାବସ୍ତ୍ରର ସେ ନିର୍ମାତା, ଯାବତୀୟ କୃଷିକାର୍ଯ୍ୟ ଯନ୍ତ୍ରପାତି ତାଙ୍କର। ଅନେକଙ୍କର ମତରେ କୃଷି ଓ ବୃଷ୍ଟିର ଦେବତାହିଁ ବିଶ୍ୱକର୍ମା। ନଳ, ତ୍ୱଷ୍ଟ ଏବଂ ମୟ ଇତ୍ୟାଦି ବିଶ୍ୱକର୍ମାଙ୍କ ପୁତ୍ର। ନଳ ସେତୁ ବନ୍ଧସହିତ ସଂପର୍କିତ, ଏକଥା ଆମେ ଜାଣୁ। ତ୍ୱଷ୍ଟ ବିଷ୍ଣୁପୁରାଣ ବର୍ଣ୍ଣିତ ଦେବ ଶିଳ୍ପୀ ଏବଂ ମୟ ହେଉଛନ୍ତି ଦୈତ୍ୟଶିଳ୍ପୀ।

ମର୍ତ୍ତ୍ୟପୁରୀରେ ଏକ ପ୍ରେମଜନିତ ଅଭିଶାପ କାରଣରୁ ବିଶ୍ୱକର୍ମା ଏକ ବ୍ରାହ୍ମଣ ରୂପରେ ଏବଂ ଦେବ ଅପସରୀ ଘୃତିଚୀଙ୍କ ଯିଏକି ସେହି କାରଣରୁ ମର୍ତ୍ତ୍ୟପୁରୀରେ ଜନ୍ମ ହୋଇଥିଲେ। ଉଭୟଙ୍କର ମିଳନରୁ ନ'ଟି ସନ୍ତାନ ଜନ୍ମ ନେଲେ। ସେମାନେ ଜନ୍ମରେ ବ୍ରାହ୍ମଣ ଶିଳ୍ପୀରେ ଥିଲେ ହେଁ ସେମାନଙ୍କର ନୀଚ କର୍ମରୁ ଶୁଦ୍ର ହେଲେ। ଯେମିତି ସୁନାଚୋରୀରୁ ସ୍ୱର୍ଣ୍ଣକାର, ଯଜ୍ଞକୁ ବିଳମ୍ବରେ କାଠ ଯୋଗାଣରୁ କର୍ମକାର। ଏହି କ୍ରମରେ 'ତାଙ୍କ ପୁତ୍ର ହେଲେ ବିଭିନ୍ନ ବିଭାଗରେ : କର୍ମକାର, କଂସାରି, ଶଙ୍ଖାରି, କୁନ୍ଦବିକ, କୁମ୍ଭକାର, ସ୍ତ୍ରଧର, ସ୍ୱର୍ଣ୍ଣକାର ଓ ଚିତ୍ରକାର। ଏହି ରୂପେ ବିଶ୍ୱକର୍ମାଙ୍କ ସେବା କରନ୍ତି। ତେଣୁ ସେ ଏଠାରେ ପୂଜ୍ୟ। ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା। ତେବେ ନିର୍ଦ୍ଦିଷ୍ଟ ଭାବରେ ତାଙ୍କର ପୂଜନକାଳ ବା ରୂପ ନିର୍ଣ୍ଣୟକରି ହେବ ନାହିଁ। ସଂକ୍ଷେପରେ କୋଉ ଯୁଗରୁ ସେ ପୂଜା ପାଆନ୍ତି। ପ୍ରଥମେ କୁଆଡ଼େ ସେ 'ଘଟ' ଆକାରରେ, ତା'ପରେ ଶାଳଗ୍ରାମ ଏବଂ ପରିଶେଷରେ ଆଧୁନିକ ରୂପକୁ ଆସିଛନ୍ତି।

ଆଧୁନିକ ରୂପର ସେ ବର୍ଣ୍ଣରେ ଗୌର, ହସ୍ତରେ ବିଭିନ୍ନ ମାନଦଣ୍ଡ : ଚାରିଭୂଜ। ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଳ ବା ନିକିତି, ଦକ୍ଷିଣ ଉପର ହସ୍ତରେ ଚକ୍ର, ନିମ୍ନ ହସ୍ତରେ ଆଶୀର୍ବାଦ ସୂଚକ ବରଦାରୂପ; କଣ୍ଠରେ ମାଳା ଲଲାଟରେ ଚନ୍ଦନ କୁଙ୍କୁମ, ଅଙ୍ଗରେ ବିଭିନ୍ନ ସୁଗନ୍ଧି ଲେପନ। ଗନ୍ଧହିଁ ପୃଥିବୀର ଗୁଣ। ପରିଧାନରେ ; ଶ୍ୱେତବସ୍ତ୍ର, କାନ୍ଧରେ ଚଦର, ବକ୍ଷରେ ପଇତା ଓ ମାଳା; ବାହନରେ ହାତୀ ଅଥବା ହଂସ।

ଗଣେଶଙ୍କ ଅନୁରୂପ ପୂଜାକର୍ମ। ସହର ବଜାରରେ ସ୍ୱତନ୍ତ୍ର ମେଢ଼ ଓ ତୋରଣ ଯୁକ୍ତ। ପୂଜା ସାମଗ୍ରୀରେ ଫୁଲ, ଫଳ, ଇତ୍ୟାଦି ଯାହା ବିଧିମତେ। ଘରେଘରେ ହାତହତିୟାର କର୍ମକର୍ତ୍ତାର ଯନ୍ତ୍ରପାତି ଯେମିତି ତନ୍ତୀରତନ, କୁମ୍ଭକାରର କୁମ୍ଭାର ଚକ.. ଇତ୍ୟାଦି। ଯାନ୍ତ୍ରିକ ଅନୁଷ୍ଠାନମାନଙ୍କରେ ଅର୍ଥାତ୍ କଳକାରଖାନା, ଶିଳ୍ପ ଇତ୍ୟାଦିର ବିଭାଗୀୟ ଯନ୍ତ୍ରପାତି, ପୂଜାପରେ ରୋଷଣୀ ଓ ବାଜାସହ ଏବେକୁ ଚାକଚକ୍ୟରେ ଉଦ୍‌ଯାପନ ଚାଲିଛି।

ଆମ ଠାକୁର ସ୍ୱୟଂ ଜଗନ୍ନାଥଙ୍କ ମୂର୍ତ୍ତିଗଠନ କାହାଣୀରେ ଯେଉଁ ବୃଦ୍ଧ ଆସି ୨୧ ଦିନ କାର୍ଯ୍ୟପାଇଁ ଚୁକ୍ତିବଦ୍ଧ ଥିଲେ ରାଣୀ ଗୁଣ୍ଡିଚା ଏବଂ ଇନ୍ଦ୍ରଦ୍ୟୁମ୍ନଙ୍କ ସହିତ, ସେ ବିନ୍ଧାଣୀ ହେଉଛନ୍ତି ଏଇ ବିଶ୍ୱକର୍ମା। ଅଥଚ ରାଜାରାଣୀଙ୍କ ବ୍ୟସ୍ତତା ହେତୁ ନିର୍ଦ୍ଧାରିତ ଦିବସ ପୂର୍ବରୁ ସେ ନିର୍ମାଣର ଆବଦ୍ଧ ଘର ଖୋଲି ଦିଆଗଲା କାରଣ ଠକ୍ ଠକ୍ ନଶୁଭିବା ହେତୁ ବୃଦ୍ଧକାରିଗରଟି ମରିଯିବାର ବିଶ୍ୱାସ ହେଲା। ଏଣୁ : ଅଧାଗଢ଼ା ଗୋଡ଼ହାତ, ବିଜେ ପ୍ରଭୁ ଜଗନ୍ନାଥ। ଏହାହିଁ ଠାକୁରଙ୍କର ଉଦ୍ଦେଶ୍ୟଥିଲା। ଏଣୁ ଜଗନ୍ନାଥଙ୍କ ଠାରୁ ତାଙ୍କ ନିର୍ମାତା ଆମ ଠାରୁ ଅଧିକ ଭକ୍ତି ଦାବୀ କରନ୍ତି। ଆସନ୍ତୁ ସେହି ନିର୍ମାତାଙ୍କୁ ପ୍ରାର୍ଥନା କରିବା।

ଦେବଶିଳ୍ପୀ ମହାଭାଗ
ଦେବାନାଂ କାର୍ଯ୍ୟସାଧନା ବିଶ୍ୱକର୍ମା
ନମସ୍ତୁଭ୍ୟଂ ସର୍ବାରିଷ୍ଟ ପ୍ରଦାୟକ।
ହେ ଦେବ ଶିଳ୍ପୀ, ମହାଭାଗ, କାରୁକାର୍ଯ୍ୟ ସାଧକ, ସର୍ବାରିଷ୍ଟ ପ୍ରଦାନକାରୀ, ବିଶ୍ୱକର୍ମା, ତୁମକୁ ନମସ୍କାର।

+ ଅଧକ୍ଷ
ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,
ବିପିନ ବିହାରୀ ପାଠାଗାର,ଜଟଣୀ
ଦୂରଭାଷ : ୯୯୩୮୩୪୪୧୩୮

---

# ଓଁ ବିଶ୍ୱକର୍ମଣେ ନମଃ

ଇଂ. ବିଦ୍ୟାଧର ପଣ୍ଡା



'ଓଁ ବିଶ୍ୱକର୍ମଣେ ନମଃ' ହେଲା ଦେବଲୋକର ଯନ୍ତ୍ରୀ ତଥା ବାସ୍ତୁ ବିଷାରଦ ବିଶ୍ୱକର୍ମାଙ୍କର ପୂଜନ ମନ୍ତ୍ର। ପ୍ରତ୍ୟେକ କନ୍ୟା ସଂକ୍ରାନ୍ତି (ସେପ୍ଟେମ୍ବର ୧୬ କିମ୍ବା ୧୭ତାରିଖ)ଦିନ ବିଶ୍ୱକର୍ମା ମହାପ୍ରଭୁଙ୍କ ପୂଜା କରାଯାଏ। ଏହିଦିନଟି ବିଶ୍ୱକର୍ମା ଜୟନ୍ତି ନାମରେ ମଧ ପ୍ରସିଦ୍ଧ। ଅନ୍ୟ ଦେବାଦେବିଙ୍କ ପରି ବିଶ୍ୱକର୍ମାଙ୍କ ଜନ୍ମ ହୋଇନି। ସେ ହେଲେ ସ୍ୱୟଂଭୂ। ଏହି ଦିନକୁ କେହିକେହି ପଂଚରିଷି ପଂଚମି ବୋଲି ମଧ କହନ୍ତି। ଋଷି ବଶିଷ୍ଠ, ଜମଦଗ୍ନୀ, ଭରଦ୍ୱାଜ, ବିଶ୍ୱାମିତ୍ର ଓ ବିଶ୍ୱକର୍ମାଙ୍କ ପାଇଁ ଏହି କନ୍ୟା ସଂକ୍ରାନ୍ତି ଦିନଟି ସ୍ମରଣୀୟ। ଚ୍ଚରିଯୁଗରେ ବିଶ୍ୱକର୍ମାଙ୍କ ନାଁ ଚ୍ଚରୋଟି ଆଶ୍ଚର୍ଯ୍ୟ ଜିନିଷ ତିଆରି କରିଥିବା କଥା ପୁରାଣରେ ବର୍ଣ୍ଣନା କରାଯାଇଛି। ସତ୍ୟଯୁଗରେ ସର୍ବଦେବାଦେବୀଙ୍କ ପାଇଁ ସ୍ୱର୍ଗ, ତ୍ରେତୟାରେ ଆଶୁତୋଷ ଶିବ ପାର୍ବତୀଙ୍କ ପାଇଁ ସ୍ୱର୍ଣ୍ଣ ଲଙ୍କା ଯାହାକୁ ରାବଣ ବରସ୍ୱରୂପ ମାଗି ନେଇଥିଲା , ଦ୍ୱାପର ଯୁଗରେ ଭଗବାନ କୃଷ୍ଣଙ୍କ ପାଇଁ ସୁନ୍ଦର ଦ୍ୱାରକା ନଗରୀ ଏବଂ କଳିଯୁଗରେ ନିଜହାତରେ ଗଢିଛନ୍ତି ଜଗନ୍ନାଥ ବଳଭଦ୍ର ଓ ସୁଭଦ୍ରାଙ୍କର ଚତୁର୍ଦ୍ଧା ମୁର୍ତ୍ତି ସହ ଶ୍ରୀକ୍ଷେତ୍ର ପୁରୀଧାମ। ରିଗ୍‌ବେଦରେ ପାଂଚଥର ମହାପ୍ରଭୁ ବିଶ୍ୱକର୍ମାଙ୍କର ନାଁ ନିଆଯାଇଛି। ଅନ୍ଧ୍ରପ୍ରଦେଶର ମଛଲିପାଟନମ୍ ଏବଂ ଚଣ୍ଡିଗଡର ଜିରାକପୁରର ଲୋହଗଡଠାରେ ବିଶ୍ୱକର୍ମା ମହାରାଜାଙ୍କର ଦୁଇଟି ଭବ୍ୟ ମନ୍ଦିର ଅଛି। ହିନ୍ଦୁଧର୍ମାବଲମ୍ବୀଙ୍କ ସଂଖ୍ୟା ବିଶ୍ୱରେ ଅନ୍ୟଧର୍ମାବଲମ୍ବୀଙ୍କ ତୁଳନାରେ କମ୍। କିନ୍ତୁ ଏହି ଧର୍ମରେ ଯେତିକି ଉଦାରବାଦ କି ବିଶ୍ୱ ଚେତନା ଅର୍ଥାତ୍ ବସୁଧୈବ କୁଟୁମ୍ବକମ୍‌ର ଯେଉଁ ଅଦ୍ଭୁତ ପ୍ରଭାବ ଦେଖିବାକୁ ମିଳେ ତାହା ଅନ୍ୟତ୍ର ବିରଳ। ଅନେକ ବିଶ୍ୱାସ କରନ୍ତି ସମସ୍ତ ଠାକୁର କପୋଳକଳ୍ପିତ ସହ ମନୁଷ୍ୟଙ୍କ ଦ୍ୱାରା ଚିତ୍ରିତ ଏବଂ ନାମିତ ମଧ। ଏ ଉକ୍ତିକୁ ମାନିନେବାରେ କିଛି ଅସୁବିଧା ନାହିଁ। ତାଙ୍କରି କଥା ହେଉ। ହେଲେ ହିନ୍ଦୁଧର୍ମର ଦେବତାଙ୍କୁ ବିଶ୍ୱକର୍ମା ହିସାବରେ କାହିଁକି ନାମିତ କରାଗଲା ! ହିନ୍ଦୁକର୍ମା ନୁହେଁ କି ଭାରତ କର୍ମା ନୁହେଁ, ସିଧା ବିଶ୍ୱକର୍ମା। ସମଗ୍ର ବିଶ୍ୱ ତାଙ୍କର କର୍ମ। ରିଗ୍‌ବେଦ ଅନୁସାରେ ବିଶ୍ୱକର୍ମା ହେଉଛନ୍ତି ପ୍ରଜାପିତା ବ୍ରହ୍ମାଙ୍କ ପୁତ୍ର। ସେ ହେଉଛନ୍ତ ନିର୍ମାଣ ଏବଂ ବାସ୍ତୁକଳା ବିଭାଗର ମୁଖ୍ୟ ଦେବତା। ଦେବଭୂମି ଭାରତର ଗୌରବାନ୍ୱିତ ସଭ୍ୟତା ଓ ସଂସ୍କୃତି ବିଶ୍ୱ ପ୍ରସିଦ୍ଧ। ଏଠାରେ ଜୀବନ ଏକ ଉତ୍ସବ। ବାରମାସରେ ତେର ପର୍ବ। ଯେଉଁମାନେ ନିଜକୁ ଆତ୍ମା ସ୍ୱରୂପ ଚିନ୍ତନ କରି ଧ୍ୟାନମଗ୍ନ ରୁହନ୍ତି, ସେମାନେ ପ୍ରତିକ୍ଷଣ ପରମାନନ୍ଦ ପ୍ରାପ୍ତି ଅବସ୍ଥାରେ ସ୍ଥିର ହୋଇଯାନ୍ତି। ଯେଉଁମାନେ ଶରୀର ଚେତନା ରଖନ୍ତି, ତାଙ୍କପାଇଁ ଏପରି ପୂଜା ପର୍ବ ଆଦି ପାଳନ କଲେ ମନରେ ଆନନ୍ଦ ଜାତ ହୁଏ, ତନମନ ପ୍ରଫୁଲ୍ଲିତ ହୁଏ। କେହି ଜଣେ କହିଥିଲେ ଜୀବନର ମାନେ ହେଲା ଆନନ୍ଦ। ସଦାବେଳେ ମସ୍ତ ରୁହ ଏବଂ ବ୍ୟସ୍ତ ରୁହ, ତେବେ ଯାଇଁ ତୁମର ଜୀବନ ସାର୍ଥକ ହେଲା ବୋଲି ଜାଣିବ। ଲୌକିକ ପରିସ୍ଥିତିରେ କୌଣସି କଥାକୁ କଳ୍ପନା କରିବା କଷ୍ଟସାଧ। ସେହି କାରଣରୁ ଭଗବାନଙ୍କୁ ନିରାକାର ବ୍ରହ୍ମ ଭାବରେ କଳ୍ପନା କରି ତାଙ୍କର ଉଚିତ୍ ଧ୍ୟାନଧାରଣା ସହ ପୂଜାଅର୍ଚ୍ଚନା ଆଦି ସମ୍ପର୍ଣ୍ଣ କରିବା ସାଧାରଣ ମନୁଷ୍ୟ ପକ୍ଷରେ ଅସମ୍ଭବ। ତେଣୁ ମଣିଷ ନିଜର ଚିନ୍ତନ ପ୍ରକ୍ରିୟା ଅନୁରୂପ ତାଙ୍କୁ ଏକ ରୂପରେଖ ଦେଇ ଆସନରେ ବସାଏ। ନିଜ ମସ୍ତିଷ୍କରେ ମଧ ସେହି ରୂପକୁ ଧାନକରି ପ୍ରାର୍ଥନା କରେ। ବିଶ୍ୱକର୍ମା ମହାରାଜଙ୍କର ସେପରି ଏକ ରୂପ ମଣିଷ କଳ୍ପନା କରିଛି। ଚ୍ଚରିହାତ, ମସ୍ତକରେ ହୀରାନୀଳା ଖଚିତ ମୁକୁଟ, ଗଳାରେ ଅନେକ ସୁନା ଗହଣା, ସଦାବେଳେ ମୁହଁରେ ବହୁତଦିନର ପାଚିଲା ଲମ୍ବାଦାଢୀ। ଚ୍ଚରିହାତରେ ଚ୍ଚରି ଆୟୁଧ ବି ଧରିଥାନ୍ତି। ପ୍ରଥମ ହାତରେ ରଶି ବା ଦଉଡି। ଯେଉଁଥିରେ ଆଦୌ ଗଣ୍ଠି ନଥାଏ। କେବେହେଲେ କାହାପାଇଁ ଭେଦଭାବର ପ୍ରଶ୍ନନାହିଁ। ସାରା ବିଶ୍ୱ ନିଜର କର୍ମଭୂମି। ଦ୍ୱିତୀୟ ହାତରେ ପୁସ୍ତକ। ପୁସ୍ତକ ବିନା ଜୀବନ ଅଧୁରା। ସ୍ୱଧ୍ୟାୟ ପରମ ଧର୍ମ। ତୃତୀୟ ହାତରେ ନିର୍ମାଣରେ ସହାଯ୍ୟକାରୀ ଉପକରଣଟିଏ ଯାହା କି ପୁରୁଷାର୍ଥର ପ୍ରତୀକ। ଚତୁର୍ଥ ହାତରେ କମଣ୍ଡଳୁ ବା ଜଳପାତ୍ର। ଶାନ୍ତ ସରଳ ସ୍ୱଭାବର ମୁର୍ତ୍ତିମନ୍ତ ଠାକୁର। ବିଶ୍ୱକର୍ମାପୂଜାରେ ସବୁ କଳକାରଖାନାର ମେକାନିକାଲ୍ ବିଭାଗ ବିଶେଷ ଭାବରେ ଆୟୋଜନ କରନ୍ତି।

▶▶ପୃଷ୍ଠା ୭

---

କବିତା କୋଣାର୍କ

## ତୁମେ ଗଲା ପରେ..



ରଶ୍ମି ସାମଲ

ତୁମେ ଗଲା ପରେ...
ତୁମେ ଏତେ ଭଲ ବୋଲି
କାହାକୁ କହିନି
କାଳେ ଆଉ କିଏ ଭଲ ପାଇବ
କାହାର ନିଦ କାହିଁ ହଜିବ
ପୁଣି ସେ ମୋ ପରି
ରାତି ରାତି କାନ୍ଦିବ।

କଥା ଥିଲା ଆମେ କେବେ
ଯିବାନି ଦୂରେଇ
ବଂଚିବା ମରିବା ଆମେ
ଦୁହେଁ ସାଙ୍ଗ ହୋଇ।

ଯେବେ ଆସିଥିଲ ଜୀବନକୁ ମୋର
ତୁମ ପାଇଁ ସବୁ କିଛି
କରିଥିଲି ଦୂର
ଏବେ କେମିତି ଯେ ହେଲ
ମୋର ସାତପର।

ଜୀବନ ମୋ ମରୁଭୂମି
ରଙ୍ଗ ହୀନ ଫଗୁଣ
ଭରୀଦେଲ ପୁଣି ତୁମେ
ଲୁହ ଭିଜା ଶ୍ରାବଣ।

ତୁମେ ଗଲା ପରେ
ପ୍ରେମର ସନ୍ଧ୍ୟାତାରା
ମୋ ଜୀବନ ମରୁରେ
ଯେବେ ଆସିଲ ଧାଇଁ
ତା ସାଥିରେ ଥିଲା
କଳା ମେଘର ଛାଇ।

ତୁମ ପ୍ରେମରେ ଦିନେ
ହେଉଥିଲି ଜର୍ଜରିତ
ଆଜି ତୁମ ପ୍ରତାରଣାରେ
ହୁଏ ଦଗ୍ଧୀଭୂତ।

+ Delta colony,
Bhubaneswar
9437115865

## ଏହି ଆମ ଗଣତନ୍ତ୍ର..

ଧ୍ରୁବ ଚରଣ ବେହେରା

ସ୍ୱାଧୀନ ଭାରତ ନାଗରିକ ଆମେ
ଗଣତନ୍ତ୍ର ଆମ ମନ୍ତ୍ର
ଆମରି ସଂସ୍କୃତି ଆମ ପରମ୍ପରା
ସୁନ୍ଦର ଅମଳା ତନ୍ତ୍ର ॥

ବିଭିନ୍ନତା ମଧେ ଥାଆଇ ଏକତା
ସବୁରି ଧର୍ମକୁ ନେଇ
ହିନ୍ଦୁ ଖ୍ରୀଷ୍ଟିଆନ୍ ଶିଖ୍ ଯେ ଇସାଇ
ଆମେ ସବୁ ଭାଇ ଭାଇ ॥

କେତେ ଜାତି କେତେ ଭାଷା
ସମାହାର
ଏହି ସେ ସୁନାର ଦେଶ
ଇତିହାସ ଯାରଅମର ଗାରିମା
ବିଜୟ ତା ଜୟ ଘୋଷ ॥

କାଶ୍ମୀର ଠାରୁ କୁମାରିକା ଯାଏ
ଅଟୁ ଆମେ ଭାରତୀୟ
ଅଖଣ୍ଡତା ଆମ ବଡ ସ୍ୱାଭିମାନ
ନ ହେବ କେବେ ସେ କ୍ଷୟ ॥

ମଥା ପରେ ଯାର ଉଡଇ ତ୍ରିରଙ୍ଗା
ଶାନ୍ତ ମୈତ୍ରୀ ଭାବ ନେଇ
ବନ୍ଦେ ମାତରମ୍ ପ୍ରାତ ସକାଳରେ
ଜନ ଗଣ ମନ ଜାତୀୟ ସଂଗୀତ
ସାନ୍ଧ୍ୟର ପୂଜନ କରେ
ଏକତାର ସୂତ୍ର ବାନ୍ଧି ଦେଇ ଥାଏ
ସଭିଙ୍କ ତନ ମନରେ ॥

ବଞ୍ଚିଥିବା ଯାଏ ଦେଶ ସେବା ଲାଗି
ଆସରେ ନେବା ଶପଥ
ସାରା ଦୁନିଆଁରେ ଶ୍ରେଷ୍ଠ ଆମ ଖ୍ୟାତି
ସୁନ୍ଦରତା ତା ଗଣତନ୍ତ୍ର ॥

ପୁଣ୍ୟ ଏହି ଭୂଇଁ ପବିତ୍ର ଏ ମାଟି
ତା ସେବାରେ ଦିନ ଯାଉ
ଦୁଃଖି ଜନଙ୍କର ହିତ କର୍ମ ପଥେ
ସମର୍ପଣ ଭାବ ରହୁ ॥

+ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ
ଝାଡଖଣ୍ଡ
ମୋ:୮୩୨୮୯୩୦୫୫୪

# ୪୦ ପ୍ରତିଶତ ପୁରୁଷ ନପୁଂସକତା ପ୍ରତି ସଚେତନ ନୁହନ୍ତି



ସମସ୍ତ ପରୀକ୍ଷଣ ଠିକ୍ ହେବାପରେ ମଧ୍ୟ ଅନେକ ଦମ୍ପତି ପକ୍ଷେ ପ୍ରାକୃତିକ ଉପାୟରେ ଗର୍ଭଧାରଣ କରିବା କଷ୍ଟକର ହୋଇଥାଏ । ଗର୍ଭଧାରଣ କରିବାକୁ ଚେଷ୍ଟା କରୁଥିବା ଦମ୍ପତିଙ୍କଠାରେ ପୁରୁଷଙ୍କ ପ୍ରଜନନତା ହେଉଛି ପ୍ରମୁଖ କାରଣମାନଙ୍କ ମଧ୍ୟରୁ ଗୋଟିଏ, ଯାହା ସବୁବେଳେ ନଜରକୁ ଆସିଥାଏ । ଶୁକ୍ରାଣୁର ଗୁଣବତ୍ତା ଓ ପରିମାଣ ଗର୍ଭଧାରଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ସେହିପରି ପୁରୁଷଙ୍କ ପ୍ରଜନନତା ନିଷ୍ପତ୍ତିମୂଳକ କାରଣ ମଧ୍ୟ ହୋଇଥାଏ । ଏହି ସମ୍ଭାବନାଗୁଡ଼ିକ ୧୦ଟି ଫୋଲ୍ଡରେ ଗ୍ରହଣ ହୋଇନଥାଏ ଓ ବହିର୍ଗତ ହୋଇଥିବା ଶୁକ୍ରାଣୁର ପରିମାଣ କମ୍ ଓ ନିମ୍ନମାନର ହୋଇଥିଲେ ଅବା ସମୟେ ସମୟେ ଏହା ଅଧିକ ମଧ୍ୟ ହୋଇଥାଏ ।

**ନପୁଂସକତା କାରଣ କ'ଣ ?**

ପୁରୁଷମାନଙ୍କ କ୍ଷେତ୍ରରେ ନପୁଂସକତା ଅସାଧାରଣ ଶୁକ୍ର ଉତ୍ପାଦନ କିମ୍ୱା ନିମ୍ନମାନର ଶୁକ୍ରାଣୁ ନିର୍ଗମନ ଯୋଗୁ ହୋଇଥାଏ । ପୁରୁଷମାନଙ୍କଠାରେ ଶୁକ୍ରାଣୁ ଉତ୍ପାଦନ ଓ ବିକାଶରେ କୌଣସି ଅସୁବିଧା ନ ଥାଇପାରେ, କିନ୍ତୁ ଗଠନ ତଥା ନିର୍ଗମନ ସମସ୍ୟା ସୁସ୍ଥ ଶୁକ୍ରାଣୁଯୁକ୍ତ ନିର୍ଗମ ଫ୍ଲୁଇଡମାନଙ୍କୁ ପ୍ରଜନନ ହୋଇପାରୁଥିବା ଫାଲୋପିଆନ୍ ଟ୍ୟୁବ୍‌ରେ ପହଞ୍ଚିବାରେ ବାଧା ଦେଇଥାଏ । କମ୍ ପରିମାଣର ଶୁକ୍ରାଣୁ ନିର୍ଗମନରେ ସମସ୍ୟାକୁ ଦର୍ଶାଇଥାଏ । ଏପରିକି ନିର୍ଗତ ହୋଇଥିବା ଶୁକ୍ରାଣୁର ଗୁଣବତ୍ତା ଓ ଏହାର ଆକୃତି ଖାଲି ଆଖିକୁ ଠିକ୍‌ଭାବେ ଦେଖାଯାଇନଥାଏ । ତେଣୁ ସମ୍ଭାବ୍ୟ କାରଣ ପାଇଁ ଶୁକ୍ରାଣୁର ଡାକ୍ତରୀ ପରୀକ୍ଷଣ ଆବଶ୍ୟକ ।



ପୁରୁଷ ନପୁଂସକତାର ତିନୋଟି ମୁଖ୍ୟ କାରଣ ହେଉଛି- ଓଲିଗୋଜୁସ୍ପର୍ମିଆ (କମ୍ ପରିମାଣର ଶୁକ୍ର), ଟେରାଟୋଜୁସ୍ପର୍ମି (ଶୁକ୍ରର ଅସାଧାରଣ ଆକାର) ଏବଂ ଶୁକ୍ରାଣୁ ସ୍ଥାନାନ୍ତରଣ ସମସ୍ୟା । ଶୁକ୍ର ସ୍ଥାନାନ୍ତରଣ ସମସ୍ୟା ପାଖାପାଖି ୨୦ ପ୍ରତିଶତ ପୁରୁଷଙ୍କ ନପୁଂସକତା କାରଣ ହୋଇଥାଏ । ଶୁକ୍ର ସ୍ଥାନାନ୍ତରଣ ସମସ୍ୟାଜନିତ ଜଟିଳତା ଶୁକ୍ରାଣୁର ଘନତ୍ୱ କମ୍‌ର କାରଣ ହୋଇଥାଏ ଏବଂ ଏଥିଯୋଗୁଁ ଶୁକ୍ରାଣୁ ମହିଳାଙ୍କ ତଳିପେଟରେ ସୁରକ୍ଷିତ ଭାବରେ ଯିବାକୁ ସକ୍ଷମ ହୋଇନଥାନ୍ତି । ୨୦୧୫-୨୦୧୭ ମଧ୍ୟରେ ହୋଇଥିବା ସର୍ବେକ୍ଷଣ ଅନୁସାରେ, ଏହାକୁ ଅନୁଧ୍ୟାନ କରାଯାଇଥିଲା ଯେ, ଆଇଭିଏଫ୍ ପଦ୍ଧତି ଲୋଡ଼ୁଥିବା ଦମ୍ପତିମାନଙ୍କ ମଧ୍ୟରେ, ୪୦ ପ୍ରତିଶତ ମହିଳା ବନ୍ଧ୍ୟାଙ୍କ କାରଣରୁ ହୋଇଥିଲା । ପ୍ରତି ୫ଜଣରେ ଜଣେ ପୁରୁଷଙ୍କ ଶୁକ୍ରାଣୁ ସ୍ଥାନାନ୍ତରରେ ସମସ୍ୟା ଥିଲା । ଏହି ସର୍ବେକ୍ଷଣ ଭାସେକ୍ଟୋମି ପଦ୍ଧତି କରାଇଥିବା ପୁରୁଷମାନଙ୍କୁ ମଧ୍ୟ ଅନ୍ତର୍ଭୁକ୍ତ କରିଥିଲା ।

ଶୁକ୍ରାଣୁ ଟେଷ୍ଟିସ୍‌ମାନଙ୍କ ଦ୍ୱାରା ଉତ୍ପନ୍ନ ହୋଇଥାଏ ଏବଂ ଏହା ପରିପକ୍ୱ ହେବା ପାଇଁ ୭୨ଦିନ ସମୟ ନେଇଥାଏ । ଏହି ପରିପକ୍ୱ ଶୁକ୍ର ମୋଟିଲିଟି ଗ୍ରହଣ କରିବା ପାଇଁ ଟେଷ୍ଟିସ୍‌ରୁ ଏପିଡିଡାଇମିସ୍‌କୁ ଯାଇଥାଏ ଏବଂ ସେଥିପାଇଁ ଏହା ୧୦ ଦିନ ପରେ ପରବର୍ତ୍ତୀ ଅର୍ଗାଜିମ୍ କରିବାକୁ ପ୍ରସ୍ତୁତ ହୋଇଥାଏ । କିନ୍ତୁ ନଳୀରେ ଥିବା କିଛି ପ୍ରତିରୋଧକ ନିର୍ଗମନ ଶୁକ୍ରରସରେ ଶୁକ୍ରାଣୁ ଅଭାବର କାରଣ ହୋଇଥାଏ ।

**ଶୁକ୍ରାଣୁର ଗତିକୁ କ'ଣ ପ୍ରଭାବିତ କରେ ?**

**ନିମ୍ନମାନର ଶୁକ୍ର କ୍ଷରଣ ହେବାର ପ୍ରମୁଖ କାରଣ :**

ନିର୍ଗମନର ପଶ୍ଚାତଗାମୀ- ଯୌନକ୍ରିୟା ସମୟରେ ପୁରୁଷର ମୂତ୍ରାଶୟ ବନ୍ଦ ହୋଇପାରିନଥାଏ, ଯାହାଫଳରେ ଶୁକ୍ରରସ ଲିଙ୍ଗଦ୍ୱାରା ନିର୍ଗମନ ନହୋଇ ମୂତ୍ରାଶୟ ମଧ୍ୟକୁ ଫେରିଯାଇଥାଏ । ଏହା ସ୍ନାୟୁ ବ୍ୟବସ୍ଥାରେ ରୋଗ, ଚିକିତ୍ସା କିମ୍ୱା ଆଗୁଆ ଅସ୍ତ୍ରୋପଚାର ଯୋଗୁଁ ହୋଇଥାଏ ।

ଭାସେକ୍ଟୋମି ରିଭର୍ସାଲ୍‌ରେ ଅସଫଳ- ଆଜିପର୍ଯ୍ୟନ୍ତ ଭାସେକ୍ଟୋମି ରିଭର୍ସାଲ୍ ପଦ୍ଧତିର ୫୦ ପ୍ରତିଶତ ଅସଫଳ ହୋଇଛି । ଭାସେକ୍ଟୋମି ରିଭର୍ସାଲ୍ ପରେ ଆଣ୍ଟି-ସ୍ପର୍ମ ଆଣ୍ଟବଡି ବିକଶିତ ହୋଇଥାଆନ୍ତି ଓ ଗର୍ଭଧାରଣାରେ ବାଧା ସୃଷ୍ଟି କରନ୍ତି ।

ପ୍ରତିରୋଧ- ପୁରୁଷର ଟେଷ୍ଟିସ୍‌ରେ ଥିବା ଶୁକ୍ର ଉତ୍ପାଦନ, ଶୁକ୍ର କ୍ଷରଣ ଓ ସଂରକ୍ଷଣ ସହ ଜଡ଼ିତ ବ୍ୟବସ୍ଥାମାନଙ୍କୁ ଶୁକ୍ର ସଂରକ୍ଷଣ ଓ ସେଗୁଡ଼ିକୁ ମୂତ୍ରନଳୀକୁ ସ୍ଥାନାନ୍ତର କରିବାକୁ ହୋଇଥାଏ । ଅସ୍ତ୍ରୋପଚାର, ସଂକ୍ରମଣ ଓ ବଂଶାନୁକ୍ରମିକ ରୋଗ ଶୁକ୍ର କ୍ଷରଣକୁ ରୋକିପାରେ । କିଛି ପୁରୁଷ ଜନ୍ମରୁ ଡକ୍ଟଗୁଡ଼ିକୁ ବନ୍ଦ କରିଥାଆନ୍ତି କିମ୍ୱା ନଳୀଗୁଡ଼ିକୁ ହରାଇଥାଆନ୍ତି । ତେଣୁ ଲିଙ୍ଗ ମଧ୍ୟରେ ଥିବା ମୂତ୍ରନଳୀର ବହିର୍ଗମନ ପଥ ମଧ୍ୟ ନିମ୍ନ ଶୁକ୍ର କ୍ଷରଣ କାରଣ ହୋଇଥାଏ ।

**ଇରେକ୍ଟାଇଲ୍ ଡିସ୍‌ଫଙ୍କସନ୍ :** ଯୌନ ସମସ୍ୟା, ଯେପରିକି ପରିପକ୍ୱ ନିର୍ଗମନ ଓ ଇରେକ୍ଟାଇଲ୍ ଡିସ୍‌ଫଙ୍କସନ୍ ଗର୍ଭଧାରଣ ରୋକିଥାଏ । ଦମ୍ପତିମାନେ ମାନସିକ ପରାମର୍ଶ ନେଇପାରିବେ ଏବଂ ଇରେକ୍ସନ୍ ଓ ଯୌନକ୍ରିୟାରେ ହେଉଥିବା ଅସୁବିଧାର କାରଣ ବିଷୟରେ ଅବଗତ ହୋଇପାରିବେ ।

**ଶୁକ୍ର ପରିବହନ ସମସ୍ୟାର ବିଭାଗୀକରଣ :** ଟେଷ୍ଟିସ୍‌ଠାରୁ ମୂତ୍ରନଳୀକୁ ଶୁକ୍ରଧାରଣ କରିଥିବା ବିଭିନ୍ନ ଡକ୍ଟରେ ଥିବା ବ୍ଲକେଜ୍ ଶୁକ୍ର ପରିବହନରେ ଅସୁବିଧାର କାରଣ ହୋଇପାରେ । ଶୁକ୍ର ପରିବହନରେ ଦେଖାଯାଉଥିବା ଅସୁବିଧା ମଧ୍ୟରେ ଜନ୍ମଗତ ଅସୁବିଧା, ଅର୍ଜନ କରିଥିବା ଅସୁବିଧା ଏବଂ କାର୍ଯ୍ୟକଳାପଜନିତ ଅସୁବିଧା ରହିଛି ।

**ଜନ୍ମଗତ ଅସୁବିଧା-** ଏହା ଏକ ଜନ୍ମଗତ ଅସୁବିଧା ଯାହା ମଧ୍ୟରେ ଅସ୍ୱାଭାବିକ ବୃଦ୍ଧି ରହିଥାଏ ଏବଂ ସ୍ପର୍ମ ଡକ୍ଟ ଅଣଓସାରିଆ ହୋଇଥାଏ । ଏହା ସେମିନାଲ ଭେସିକଲ (ସ୍ପର୍ମ ସଂଗ୍ରହ କରୁଥିବା)ରୁ ସିମେନର ଏବଂ ମୂତ୍ରନଳୀ ମାଧ୍ୟମରେ ଭାସରୁ ଉତ୍ପାଦନ ପରିବହନ କରିବା ପାଇଁ ଅନୁପସ୍ଥିତ ଥାଏ ।

**ଅର୍ଜିତ ପରିସ୍ଥିତି-** ଏହା ପୂର୍ବରୁ ଥିବା ରୋଗ କିମ୍ୱା ପ୍ରଜନନ ବ୍ୟବସ୍ଥାରେ ସଂକ୍ରମଣ ପାଇଁ ହୋଇଥାଏ । ଶୁକ୍ର ପରିବହନ ସ୍କାର୍ସ ଦ୍ୱାରା ପ୍ରଭାବିତ ହୋଇଥାଏ ଯାହା ଡକ୍ଟରେ ସ୍ପର୍ମର ରାସ୍ତାକୁ ପ୍ରତିରୋଧ କରୁଥିବା ଇନଫ୍ଲାମେସନ ପାଇଁ ହୋଇଥାଏ । ଯଦି କୌଣସି ରୋଗୀ ପେଟରେ ସର୍ଜରି ତଥା ହାର୍ନିଆ ଇତ୍ୟାଦି ହୋଇଥାଏ, ଯାହାଦ୍ୱାରା ରୋଗୀଙ୍କ ମଧ୍ୟରେ ସ୍ପର୍ମର ଗତି ପ୍ରଭାବିତ ହୋଇଥାଏ ।

**କାର୍ଯ୍ୟକଳାପ ଜନିତ ଅସୁବିଧା-** ସ୍ନାୟୁ ବ୍ୟବସ୍ଥାରେ ଥିବା କିଛି ଅସୁବିଧା ସ୍ପର୍ମ ଗତିର କ୍ଷମତାକୁ ପ୍ରଭାବିତ କରିଥାଏ । ପରିସ୍ଥିତି ତଥା ସ୍ନାୟୁର ଅସୁବିଧା ଦୁର୍ଘଟଣା କିମ୍ୱା ସର୍ଜରି ଦ୍ୱାରା ହୋଇଥାଏ, ଯାହା ମେରୁଦଣ୍ଡରେ ଆଘାତ ଯୋଗୁଁ ହୋଇଥାଏ (ମାଂସପେଶୀର ଗତିର ପ୍ରଭାବ ପକାଇଥାଏ) ସ୍ପର୍ମର ପରିବହନରେ ପ୍ରତିକୂଳ ପ୍ରଭାବ ପକାଇଥାଏ । ଆଣ୍ଟି-ଡିସ୍ପରା ମେଡିସିନଗୁଡ଼ିକ ସ୍ନାୟୁ ବ୍ୟବସ୍ଥା ଉପରେ ପ୍ରଭାବ ପକାଇଥାଏ ।


**ଆସିସ୍ଟେଡ ପ୍ରଜନନ :**

ବିଭିନ୍ନ କୌଶଳ ମଧ୍ୟରେ ଇନ ଭିଟ୍ରୋ ଫର୍ଟିଲାଇଜେସନ (ଆଇଭିଏଫ୍) ଏବଂ ଇନଟ୍ରାସାଇଟୋପ୍ଲାସମିକ ସ୍ପର୍ମ ଇନଜେକସନ (ଆଇସିଏସ୍‌ଆଇ) ସ୍ପର୍ମ ରିଟ୍ରାଇଭାଲ ପାଇଁ ରହିଛି, ଯାହା ମଧ୍ୟରେ ପରକ୍ୟୁଟାନିଅସ ଏପିଡିଡାଇମାଲ ସ୍ପର୍ମ ଆସ୍ପିରେସନ, ସ୍ପର୍ମ ଆସ୍ପିରେସନ, ମାଇକ୍ରୋସର୍ଜିକାଲ ଇପିଡିଡାଇମାଲ ସ୍ପର୍ମ ଆସ୍ପିରେସନ ଏବଂ ଓପନ୍ ଟେଷ୍ଟିକୁଲାର ସ୍ପର୍ମ ଏକ୍ସଟ୍ରାକ୍ସନ ରହିଛି । ଉପଯୁକ୍ତ ରୋଗୀଙ୍କ ଚୟନ ସହିତ ସମସ୍ତ ପ୍ରକାର କୌଶଳର ଠିକ୍ ଫଳାଫଳ ରହିଛି । ମେଡିକାଲ ବିଜ୍ଞାନ କ୍ଷେତ୍ରରେ ବିକାଶ ସହିତ ଆଇଭିଏଫ୍ କୌଶଳ ଅଧିକ ପ୍ରଚଳିତ ହୋଇଛି । ସର୍ଜିକାଲ ସ୍ପର୍ମ ରିଟ୍ରାଇଭାଲ ଏକ କୌଶଳ ଯାହା ଆଇଭିଏଫ୍ ଏବଂ ଆଇଭିଏଫ୍- ଆଇସିଏସ୍‌ଆଇ ଉଭୟରେ ଆବଶ୍ୟକ କରୁଥିବା ସ୍ପର୍ମ ଯୋଗାଇଥାଏ ।

ଟେଷ୍ଟିକୁଲାର ସ୍ପର୍ମ ରିଟ୍ରାଇଭାଲ ଏକ ନୂତନ ଏବଂ ବର୍ତ୍ତମାନର ପ୍ରଯୁକ୍ତିବିଦ୍ୟା ମଧ୍ୟରେ ଅତ୍ୟନ୍ତ ଅତ୍ୟାଧୁନିକ କୌଶଳ । ଏହି କ୍ଷେତ୍ରରେ ଆଇସିଏସ୍‌ଆଇ ଏବଂ ଆଇଭିଏଫ୍‌ର ଉତ୍ପତ୍ତି ଦ୍ୱାରା ଏହି କୌଶଳ ଅଣ୍ଡକୋଷ ସୃଷ୍ଟି କରିଥାଏ, ଏହା ସ୍ପର୍ମ ମାଚ୍ୟୁର କରିବାରେ ବାଧତାମୂଳକ ନୁହେଁ ଏବଂ ଏହା ଏପିଡାଇଡାମିସ ମଧ୍ୟରେ ଗତି କରିଥାଏ । ଏହି ପ୍ରକ୍ରିୟା କିଛି ସର୍ଜରି ତଥା ଭାସ୍କୋଟୋମି, ସଂକ୍ରମଣ କିମ୍ୱା ଜନ୍ମଗତ କାରଣ ଯୋଗୁଁ ହୋଇଥିବା ଏପିଡାଇଡାଏମିସରେ ବ୍ଲକେଜ ଥିବା ରୋଗୀଙ୍କ ପାଇଁ ଖୁବ୍ ଲାଭଦାୟକ ।



# ଧମନୀକୁ କରିଦିଏ ଦୁର୍ବଳ



ସାରା ଶରୀରକୁ ରକ୍ତ ସଞ୍ଚାଳନରେ ସୁବିଧା ପାଇଁ ଧମନୀ ଓ ଶିର ବିଛାଇ ହୋଇ ରହିଛନ୍ତି । ହୃଦୟ ଧମନୀ ଜରିଆରେ ସାରା ଶରୀରର ବିଭିନ୍ନ ଅଙ୍ଗକୁ ଅମ୍ଳଜାନଯୁକ୍ତ ରକ୍ତ ପଠାଇଥାଏ । ଅମ୍ଳଜାନର ବ୍ୟବହାର କରିବା ପରେ ସମସ୍ତ ଅଙ୍ଗ ରକ୍ତକୁ ଶିର ଜରିଆରେ ହୃଦୟକୁ ଫେରାଇ ଦେଇଥାଏ । ଏହି ଚକ୍ର ଅବିରତ ଭାବେ ଚାଲିଥାଏ । ଶିର ଶରୀରର ଉପରି ଭାଗରେ ଦେଖାଦେଇଥାଏ । କିନ୍ତୁ ଧମନୀ ତ୍ୱଚାର ବହୁତ ତଳେ ଥାଏ, ତେଣୁ ତାହା ଦେଖାଯାଇନଥାଏ । ବୟସ ପଢ଼ିବା ସହ ଧମନୀ ଟାଣ ହୋଇଥାଏ । ଏହା ବ୍ୟତୀତ କିଛି ଭଲ ଅଭ୍ୟାସ ପାଇଁ ମଧ୍ୟ ଖୁବ୍ କମ୍ ବୟସରେ ଧମନୀଗୁଡ଼ିକ ନଷ୍ଟ ହୋଇଯାଆନ୍ତି । କାହାର ଧମନୀ ନଷ୍ଟ ହୋଇଯାଏ, ତେବେ ଶରୀରର ବିଭିନ୍ନ ଅଙ୍ଗକୁ ଅମ୍ଳଜାନଯୁକ୍ତ ରକ୍ତ ପହଞ୍ଚିପାରେନା । ଆଉ ବିପଦଯୁକ୍ତ ସ୍ଥିତି ସୃଷ୍ଟି ହୋଇଥାଏ । ଯାହା ଦ୍ୱାରା ବ୍ୟକ୍ତିର ଅଙ୍ଗ ନଷ୍ଟ ହେବାର ସମ୍ଭାବନା ଥାଏ । ଜାଣନ୍ତୁ ଏମିତି କିଛି ଅଭ୍ୟାସ, ଯାହା ଧମନୀକୁ ନଷ୍ଟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଆଉ ଏସବୁଠାରୁ ଦୂରେଇ ରହିପାରିବେ ।

**ସିଗାରେଟ୍ ଓ ମଦ ଅଭ୍ୟାସ :**

ସିଗାରେଟ୍ ପିଇବା ଦ୍ୱାରା କର୍କଟ ତ ହୋଇଥାଏ, ତାହା ସହିତ ଧମନୀ ମଧ୍ୟ ସଙ୍କୁଚିତ ହୋଇଯାଇଥାଏ । ଥରେ ଧମନୀ ସଙ୍କୁଚିତ ହେଲେ ବିଭିନ୍ନ ପ୍ରକାର କାର୍ଡିଓଭାସକୁଲାର ସମସ୍ୟା ଉପୁଜିଥାଏ । ମଦ ଏକ ବିବାଦୀୟ ପାନୀୟ । ଅଧିକ ମାତ୍ରାରେ ମଦ ପିଇବା ଦ୍ୱାରା ଧମନୀ କଠୋର ହୋଇଯାଇଥାଏ । ଫଳରେ ହୃଦ୍‌ଘାତ, ଉଚ୍ଚ ରକ୍ତଚାପ ଓ ଷ୍ଟ୍ରୋକ୍ ପରି ସମସ୍ୟା ଉପୁଜିଥାଏ ।

**କମ୍ ପୋଟାସିୟମ ଖାଦ୍ୟଗ୍ରହଣ :**

ପୋଟାସିୟମ୍ ଅଭାବରେ ଧମନୀ ସଙ୍କୁଚିତ ହୋଇଥାଏ । ଫଳରେ ରକ୍ତଚାପ ବଢ଼ିଯାଇଥାଏ । ତେଣୁ ଧମନୀକୁ ସୁସ୍ଥ ରଖିବା ପାଇଁ ପୋଟାସିୟମ୍‌ଯୁକ୍ତ ଖାଦ୍ୟ ଯଥା କଦଳୀ, ସନ୍ତରା, ଅମୃତଭଣ୍ଡା ଓ ଆମ୍ବ ଆଦି ଖାଇବା ଆବଶ୍ୟକ । ଏହା ବ୍ୟତୀତ ବିଭିନ୍ନ ପ୍ରକାର ବାଦାମ ଧମନୀ ପାଇଁ ବେଶ୍ ହିତକର ।

**କମ୍ ଫାଇବର ଖାଦ୍ୟ :**

ଖାଦ୍ୟରେ ଫାଇବର ମାତ୍ରା କମ୍ ହେଲେ ଧମନୀ ସହ ଯୋଡ଼ି ହୋଇଥିବା ବିଭିନ୍ନ ରୋଗ ଆରମ୍ଭ ହୋଇଥାଏ । ଅଧିକ ଫାଇବର ଖାଇବା ଦ୍ୱାରା କବ୍ଜ ଓ ପେଟ ସମସ୍ୟା ହୋଇନଥାଏ । ଏଥିସହିତ ଧମନୀରେ ପ୍ଲାକ୍ ମଧ୍ୟ ସଫା ହେବା ସହ କୋଲେଷ୍ଟରଲ୍ କମ୍ ରହିଥାଏ । ଫଳ, ପନିପରିବା, ଖାଦ୍ୟଶସ୍ୟରୁ ବହୁ ମାତ୍ରାରେ ଫାଇବର ମିଳିଥାଏ ।

**ଚିନି ଓ ଲୁଣ ଅଧିକ ନୁହେଁ :**


ଆମର ଦିନସାରା ଖାଦ୍ୟକୁ ସ୍ୱାଦଯୁକ୍ତ କରିବା ପାଇଁ ଚିନି ଓ ଲୁଣର ପ୍ରୟୋଗ କରିଥାଉ । କିନ୍ତୁ ମାତ୍ରାଧିକ ଚିନି ବା ଲୁଣ ପ୍ରୟୋଗ ଦ୍ୱାରା ଧମନୀ ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ । ସେହିପରି ଲୁଣ ଅଧିକ ହେବା ଦ୍ୱାରା ଉଚ୍ଚ ରକ୍ତଚାପ ଓ ଚିନି ଅଧିକ ହେବା ଦ୍ୱାରା ମଧୁମେହ ହେବାର ସମ୍ଭାବନା ବଢ଼ିଥାଏ ।

# ଛାତ୍ରଛାତ୍ରୀଙ୍କୁ ୧୬ ସ୍ମାର୍ଟଫୋନ୍ ଦେଲେ ଶିକ୍ଷୟିତ୍ରୀ



ତାମିଲନାଡୁର ଜଣେ ସ୍କୁଲ ଶିକ୍ଷୟିତ୍ରୀ ଆର୍ଥିକ ଅନଟନଗ୍ରସ୍ତ ନିଜ ଛାତ୍ରଛାତ୍ରୀଙ୍କ ପାଇଁ ୧୬ ସ୍ମାର୍ଟଫୋନ୍ ଏବଂ ସିମ୍ କାର୍ଡ କିଣି ଚର୍ଚ୍ଚାକୁ ଆସିଛନ୍ତି । ଏଥିପାଇଁ ତାଙ୍କୁ ନିଜ ପକେଟ୍‌ରୁ ୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଛି । କେ. ବୈରଭି ତାମିଲାଡୁର ପେରମ୍ବାଲର ଜିଲ୍ଲାର ଏଲମ୍ବାଲୁର ଗାଁରେ ଥିବା ସରକାରୀ ହାଇସ୍କୁଲରେ ଶିକ୍ଷୟିତ୍ରୀ ଅଛନ୍ତି । ସେଠାରେ ସେ ଗଣିତ ବିଷୟରେ ପିଲାଙ୍କୁ ଶିକ୍ଷାଦାନ କରିଥାନ୍ତି । କରୋନା ମହାମାରୀ ଯୋଗୁ ସ୍କୁଲ ବନ୍ଦ ଥିବାରୁ ଗତ କିଛି ମାସ ହେଲା ସେ ଛାତ୍ରଛାତ୍ରୀଙ୍କୁ ଅନ୍‌ଲାଇନରେ ପାଠ ପଢ଼ାଇ ଆସୁଥିଲେ । କିନ୍ତୁ ସେମାନଙ୍କ ମଧ୍ୟରୁ କିଛି ଗରିବ ଛାତ୍ରଛାତ୍ରୀଙ୍କ ନିକଟରେ ସ୍ମାର୍ଟଫୋନ୍ ନଥିବାରୁ ଅନ୍‌ଲାଇନ କ୍ଲାସ ପାଇଁ ସେମାନେ ସମସ୍ୟାର ସାମ୍ନା କରୁଥିଲେ । ଏହା ଜାଣିବା ପରେ ସେ ଖୁବ୍ ଚିନ୍ତିତ ହୋଇପଡ଼ିଥିଲେ । ତେବେ ତାଙ୍କ ଝିଅ ତାଙ୍କୁ ସେମାନଙ୍କୁ ସ୍ମାର୍ଟଫୋନ୍ କିଣି ଦେବାଲାଗି ଆଇଡିଆ ଦେଲେ । ଝିଅର କଥା ବୈରଭିଙ୍କ ମନକୁ ପାଇଲା । ସେ ନିଜ ସଞ୍ଚିତ ଅର୍ଥରୁ ୧ ଲକ୍ଷରୁ ଅଧିକ ଅର୍ଥ ଖର୍ଚ୍ଚ କରି ସ୍ମାର୍ଟଫୋନ୍ ଏବଂ ସିମ୍ କିଣିଲେ । ୧୬ ଜଣ ଛାତ୍ରଛାତ୍ରୀଙ୍କୁ ସେ ସ୍ମାର୍ଟଫୋନ୍ ଓ ସିମ୍‌କାର୍ଡ ବଣ୍ଟନ କରିଥିବାବେଳେ ସ୍କୁଲ ଖୋଲିବା ଯାଏ ତାକୁ ରିଚାର୍ଜ କରିବେ ବୋଲି କହିଛନ୍ତି । ଏବେ ସେ ନିଜ ଘରେ ଅନ୍‌ଲାଇନ କ୍ଲାସ ପାଇଁ ଏକ ବ୍ଲାକ୍‌ବୋର୍ଡ ମଧ୍ୟ ଲଗାଇଛନ୍ତି । ତା' ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ପାଇଁ ଭିଡିଓ ରେକର୍ଡ କରୁଛନ୍ତି । ଅନ୍‌ଲାଇନ କ୍ଲାସ୍ ବ୍ୟତୀତ ସେହି ଭିଡିଓ ପିଲାମାନଙ୍କୁ ଖୁବ୍ ସହାୟକ ହେଉଛି । ବୈରଭିଙ୍କର ଏହି ମହତ ଉଦ୍ୟମ ଲାଗି ତାଙ୍କ ଛାତ୍ରଛାତ୍ରୀ ଓ ସେମାନଙ୍କ ପରିବାର ଲୋକେ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି ।







# ସଂଗୀତ ନିୟନ୍ତ୍ରଣ କରିବ ଉଚ୍ଚ ରକ୍ତଚାପ



ଉଚ୍ଚ ରକ୍ତଚାପ ବା ହାଇପର ଟେନସନ ଏକ ଗମ୍ଭୀର ରୋଗ । ରକ୍ତଚାପ ବୃଦ୍ଧି ହେଲେ ହୃଦରୋଗ, କିଡନୀ ସମସ୍ୟା, ଷ୍ଟ୍ରୋକ୍ ଏବଂ ଅନେକ ଗମ୍ଭୀର ରୋଗର ଆଶଙ୍କା ସୃଷ୍ଟିହୁଏ । ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ କରିବାକୁ ଲୋକେ ଔଷଧଠୁ ନେଇ ଅନେକ ଘରୋଇ ଉପଚାର ଆପଣାଇଥାନ୍ତି । କିନ୍ତୁ ଏସବୁ ଅପେକ୍ଷା ଖୁବ୍ ସହଜ ଏବଂ ସରଳ ଉପାୟରେ ଗୀତ ଶୁଣି ଆପଣ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ କରିପାରିବେ । ନିକଟରେ ହୋଇଥିବା ଏକ ଗବେଷଣାରୁ ଏହା ଜଣାପଡ଼ିଛି । ଗବେଷଣା ଅନୁସାରେ, ଔଷଧ ସେବନ ପରେ ଶାସ୍ତ୍ରୀୟ ସଂଗୀତ ଶୁଣିବା ଦ୍ୱାରା ଆଣ୍ଟି- ହାଇପରସେନ୍ସିଟିଭ ଔଧେର ପ୍ରଭାବ ବଢ଼ିଯାଏ । ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି, ସଂଗୀତ ଶୁଣିବା ଦ୍ୱାରା ହାର୍ଟବିଟ୍ ଭଲ ରହିଥାଏ। ଏହି ଗବେଷଣା ହାଇପରଟେନସନରେ ପୀଡ଼ିତ ରୋଗୀ ସଂଗୀତ ଶୁଣିବା ଦ୍ୱାରା କିଭଳି ପ୍ରଭାବିତ ହେଉଛନ୍ତି ଜାଣିବାକୁ କରାଯାଇଥିଲା । ନିଷ୍କର୍ଷରୁ ଜଣାପଡ଼ିଥିଲା, ସଂଗୀତ ଶୁଣିବାର ୧ଘଣ୍ଟା ମଧ୍ୟରେ ହାର୍ଟବିଟରେ ବେଶ୍ ସୁଧାର ଆସିଥିଲା । ଏହାସହ ଔଷଧର ପ୍ରଭାବ ମଧ୍ୟ ଭଲ ରହିଥିଲା । ପ୍ରକୃତରେ ସଙ୍ଗୀତ ଶୁଣିଲେ ପାରାସିମ୍ପାଥେଟିକ୍ ନର୍ଭସ ସିଷ୍ଟମ ସକ୍ରିୟ ହୋଇଯାଏ ଏବଂ ଏହା ଗାଷ୍ଟ୍ରୋଇଣ୍ଟେଷ୍ଟାଇଲ ଆକ୍ଟିଭିଟିକୁ ବଢ଼ାଇଦିଏ । ଯଦ୍ଦ୍ୱାରା ଔଷଧର ପ୍ରଭାବ ଦ୍ୱିଗୁଣା ହୋଇଥାଏ ।

# କଲେଜ ଫି ଛାଡ଼ ପାଇଁ କଲେଜ ଫାଟକ ଆଗରେ ଧାରଣାରେ ବସିଲେ ଛାତ୍ରୀ



ବାରିପଦା,୧୬।୯ (ନି.ପ୍ର): କଲେଜରେ ପାଠପଢା ଫି କୁ ହ୍ରାସ କରିବା ପାଇଁ ଦାବି କରି କଲେଜ ଫାଟକ ଆଗରେ ଛାତ୍ରୀମାନେ ଧାରଣାରେ ବସିଲେ। ବାରିପଦା ସ୍ଥିତ ଶ୍ରୀମା ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ଧାରଣାରେ ବସିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବର୍ତ୍ତମାନ ସମୟରେ କରୋନା ମହାମାରୀ ପ୍ରାଦୁର୍ଭାବ ଯୋଗୁଁ ବହୁ ଅଭିଭାବକଙ୍କ ଆର୍ଥିକ ସ୍ଥିତି ଦୋହଲି ଯାଇଛି। ବିଗତ କିଛି ମାସ ଧରି ଲକଡାଉନ ଜାରି ରହିବା କାରଣରୁ ଅଭିଭାବକ ମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯିବା ଫଳରେ ବର୍ତ୍ତମାନ ପରିସ୍ଥିତିରେ ପିଲାମାନଙ୍କୁ ପାଠ ପଢାଇବାରେ ସକ୍ଷମ ନୁହଁନ୍ତି। ଏହି ପରିପ୍ରେକ୍ଷୀରେ ଶ୍ରୀମା ମହିଳା ମହାବିଦ୍ୟାଳୟର ଯୁକ୍ତ ତିନି ଶେଷ ବର୍ଷର ଛାତ୍ରୀମାନେ ରିଏଡମିଶନ ଫି ବୃଦ୍ଧି କରାଯାଇଥିବାରୁ, କମ କରିବାକୁ କଲେଜ ଅଧକ୍ଷଙ୍କୁ ଜଣାଇଥିଲେ , କିନ୍ତୁ ଏହାର କୋଣସି ସମାଧାନର ନମିଳିବାରୁ ଛାତ୍ରୀମାନେ କଲେଜ ଫାଟକ ବନ୍ଦ କରି ଧାରଣା ଦେବା ସହିତ କଲେଜ ଶୁଳ୍କ ହ୍ରାସ କରିବାକୁ ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେମାନେ ସରକାରଙ୍କୁ ଶୁଳ୍କ ହ୍ରାସ କରିବା ପାଇଁ ଅନୁରୋଧ ମଧ କରିଛନ୍ତି। ସରକାର କୋଭିଡ ପରିସ୍ଥିତିକୁ ଦୃଷ୍ଟିରେ ରଖି କଲେଜ ଶୁଳ୍କ ହ୍ରାସ କରିବା ପାଇଁ ବିଚାର କରିବାକୁ ଅନୁରୋଧ କରିଛନ୍ତି।

## ଆସନ୍ତା ଶୁକ୍ରବାର ପୃଷ୍ଟି ପଟଣା ଉପ୍ରା ବିଦ୍ୟାଳୟରେ ମେଗା ସ୍ୱାବ ଟେଷ୍ଟ ହେବ

ଭୁବନ,୧୬।୯ (ନି.ପ୍ର): ଭୁବନ ଏନଏସିରେ କରୋନା ପଜିଟିଭ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇ ପାଖାପାଖି ୫୦୦ ରେ ପହଁଚିଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବା ସକାଶେ ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ୧୮ ତାରିଖ ଶୁକ୍ରବାର ପୃଷ୍ଟି ପଟଣା ଉପ୍ରା ବିଦ୍ୟାଳୟ ଠାରେ ସକାଳ ୧୦ ଘଟିକା ସମୟରେ ମେଗା ସ୍ୱାବ ଟେଷ୍ଟ ର ଆୟୋଜନ କରାଯାଇଛି। ଲୋକମାନେ ନିଜର ସ୍ୱାସ୍ଥ୍ୟରକ୍ଷା ଓ ସୁରକ୍ଷା ପାଇଁ ସ୍ୱତଃପ୍ରବୃତ ଭାବେ ବହୁ ସଂଖ୍ୟାରେ ଯୋଗଦେଇ ନିଜର ସ୍ୱାବ ଟେଷ୍ଟ କରିବାକୁ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ ନିବେଦନ କରିଛନ୍ତି।

# ସୀତାରାମ ୟେଚୁରୀଙ୍କୁ ଦିଲ୍ଲୀ ଦଙ୍ଗାରେ ଜଡିତ କରିବା ବିରୋଧରେ ସି.ପି.ଆଇ.(ଏମ୍)ର ପ୍ରତିବାଦ

ଭୁବନେଶ୍ୱର,୧୬।୯ (ନି.ପ୍ର): ଦିଲ୍ଲୀ ପୋଲିସ୍ ଦ୍ୱାରା ସି.ପି.ଆଇ.(ଏମ୍) ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ, ସ୍ୱରାଜ ଅଭିଯାନର ସଭାପତି ଯୋଗେନ୍ଦ୍ର ଯାଦବ, ଜେ.ଏନ୍.ୟୁ.ର ପ୍ରଫେସର ଜୟତି ଘୋଷ, ଦିଲ୍ଲୀ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଅପୂର୍ବାନନ୍ଦ ଏବଂ ଡକ୍ୟୁମେଂଟାରୀ ଫିଲ୍ମ ନିର୍ମାତା ରାହୁଲ ରାୟ ଭଳି ପ୍ରମୁଖ ଜାତୀୟ ନେତା ଏବଂ ଶିକ୍ଷାବିତ୍‌ମାନଙ୍କୁ ଦିଲ୍ଲୀ ସଂପ୍ରଦାୟିକ ଦଙ୍ଗା ସମ୍ପର୍କୀୟ ମକଦ୍ଦମାରେ ଜଡିତ କରିବା ପାଇଁ ମସୁଧା ଚାଲିଛି। ଏହିଭଳି ଏକଛତ୍ରବାଦୀ , ଅଗଣତାନ୍ତ୍ରିକ ଏବଂ ସମ୍ବିଧାନ ବିରୋଧୀ ଆକ୍ରମଣର ତୀବ୍ର ପ୍ରତିବାଦ କରି ସି.ପି.ଆଇ.(ଏମ୍) ତରଫରୁ ଭୁବନେଶ୍ୱର ମାଷ୍ଟର କ୍ୟାଂଟିନ୍ ଠାରେ ପ୍ରତିବାଦ ଆନ୍ଦୋଳନ ସଂଗଠିତ ହୋଇଯାଇଛି। ଏହି ଆନ୍ଦୋଳନରେ ସି.ପି.ଆଇ (ଏମ୍) ରାଜ୍ୟ ସମ୍ପାଦକ ଅଲି କିଶୋର ପଟ୍ଟନାୟକ, ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ଜନାର୍ଦ୍ଦନ ପତି, ଜଗନ୍ନାଥ ମିଶ୍ର, ସନ୍ତୋଷ ଦାସ, ସୁରେଶ ପାଣିଗ୍ରାହୀ, ପୁଷ୍ପା ଦାଶ ସମେତ ରାଜ୍ୟ କମିଟି ସଭ୍ୟ ସାଲ ମାର୍ଣ୍ଡି, ଅଭିରାମ ବେହେରା ପ୍ରମୁଖ ଅଂଶଗ୍ରହଣ କରି ନେତୃତ୍ୱ ନେଇଥିଲେ। ଏହି ଆନ୍ଦୋଳନକୁ ସଂହତି ଜଣାଇ ବିଶିଷ୍ଟ ସାମ୍ବାଦିକ ରବି ଦାସ, ସୁଧୀର ପଟ୍ଟନାୟକ, ପୂର୍ବତନ ଅର୍ଥମନ୍ତ୍ରୀ ତଥା କଂଗ୍ରେସ ନେତା ପଂଚାନନ କାନୁନ୍‌ଗୋ, ସି.ପି.ଆଇ. ରାଜ୍ୟ ସମ୍ପାଦକ ଆଶିଷ୍ କାନୁନ୍‌ଗୋ , ରାଜ୍ୟ ପରିଷଦ ସଭ୍ୟ ସୁର ଜେନା, ଅବକାଶ ସାହୁ, ସି.ପି.ଆଇ.-ଏମ୍ ଏଲ୍ (ଲିବରେସନ) ରାଜ୍ୟ ନେତା ରାଧାକାନ୍ତ ସେଠୀ, ମହେନ୍ଦ୍ର ପରିଡା, ସମାଜବାଦୀ ପାର୍ଟି ରାଜ୍ୟ ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, କୃଷକ କଂଗ୍ରେସ ନେତା ଅମୀୟ ପଟ୍ଟନାୟକ ପ୍ରମୁଖ ବହୁ ବୁଦ୍ଧିଜୀବି, ରାଜନୈତିକ ଏବଂ ସାମାଜିକ କର୍ମୀମାନେ ଯୋଗ ଦେଇଥିଲେ। ସି.ପି.ଆଇ.(ଏମ୍) ତରଫରୁ ଦାବି କରାଯାଇଛି ଯେ ଦିଲ୍ଲୀ ଦଙ୍ଗାରେ ସଂପୃକ୍ତ ବିଜେପି ନେତାମାନଙ୍କୁ ଗିରଫ କରିବା ସହିତ କମ୍ୟୁନିଷ୍ଟ ନେତା ଏବଂ ଶିକ୍ଷାବିତ୍ ମାନଙ୍କ ଉପରେ ମିଥ୍ୟା ଅଭିଯୋଗ ବନ୍ଦ ହେବା ଉଚିତ୍।

# ଦୀର୍ଘ ଦୁଇ ମାସ ହେଲା ଅଗ୍ନି ବିପିନ୍ନ ପରିବାରଙ୍କୁ ମିଳୁନି ସହାୟତା

କେନ୍ଦ୍ରାପଡା,୧୬।୯ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ୍ ଅନ୍ତର୍ଗତ ରାଜଗଡ ପଂଚାୟତରେ ଏକ ଅଗ୍ନିକାଣ୍ଡରେ ପ୍ରାୟ ୨୧ ବଖରାରୁ ଉର୍ଦ୍ଧ୍ୱ ଘର ପୋଡି ପାଉଁଶ ହୋଇଯାଇଥିଲା। ଏହି ଅଗ୍ନିକାଣ୍ଡରେ ୯ଟି ପରିବାରର ୨୧ ବଖରା ଘର ସମ୍ପୂର୍ଣ୍ଣ ପୋଡିଯିବା ସହିତ ଘରେ ଥିବା ଆସବାବପତ୍ର ମଧ ପୋଡି ଯାଇଥିଲା। ତେବେ ଇତିମଧରେ ଦୀର୍ଘ ୨ ମାସ ବିତି ଯାଇଥିଲେ ସୁଦ୍ଧା ଏହି ପରିବାରଙ୍କୁ ସ୍ଥାନୀୟ ସରପଂଚ, ବିଡିଓ, ତହସିଲଦାର କୌଣସି ପ୍ରକାର ସହାୟତା କରି ନଥିବା ନେଇ ସୋମବାର ଏମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ପରିବାର ଲୋକେ ଗୃହ ପାଳିତ ପଶୁ ମାନଙ୍କୁ ମଧ ବର୍ଷା, ଖରାରେ ଖୋଲା ଯାଗାରେ ବାନ୍ଧିବାକୁ ବାଧ ହେଉଛନ୍ତି। ଏହି ଅଗ୍ନି ବିପିନ୍ନ ପରିବାରଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ଯୋଗାଇ ଦେବା ପାଇଁ ଉତମ ବାରିକ, ଅନନ୍ତ ବାରିକ, ବୈଷ୍ଣବ ବାରିକ, କାଙ୍ଗାଳି ବାରିକ, ବିଚିତ୍ର ବାରିକ, ମିନତୀ ବାରିକ, ରାଜ କିଶୋର ବାରିକ ଓ ତୁଳସୀ ବାରିକ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିଛନ୍ତି।

## ସିପିଏମର ପ୍ରତିବାଦ ଦିବସ

କୋରେଇ,୧୬।୯ (ନି.ପ୍ର): ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି (ସିପିଏମ) ଭୁବନେଶ୍ୱରପୁର ଆଂଚଳିକ କମିଟି ପକ୍ଷରୁ ସାମ୍ୟଭବନ ସମ୍ମୁଖରେ ପ୍ରତିବାଦ ଦିବସ ପାଳନ କରାଯାଇଛି। ଗତ ଫେବୃଆରୀ ମାସରେ ସିଏଏ ଓ ଏନଆରସିକୁ ବିରୋଧ କରି ହୋଇଥିବା ଦିଲ୍ଲୀ ଦଙ୍ଗାରେ ଦିଲ୍ଲୀ ପୁଲିସ କେନ୍ଦ୍ର ସରକାରଙ୍କ ଇଙ୍ଗିତରେ ଦଙ୍ଗାକାରୀ ମାନଙ୍କୁ ଛାଡି ସିପିଏମର ମହାସଚିବ ସୀତାରାମ ୟେଚୁରୀ, ଜେଏନୟୁର ପୂର୍ବତନ ଅର୍ଥନିତୀ ଅଧ୍ୟାପକ ଡ. ଜୟତି ଘୋଷ, ସ୍ୱରାଜ ଇଣ୍ଡିଆର ସଭାପତି ଯୋଗେନ୍ଦ୍ର ଯାଜଦ, ଡକ୍ୟୁମେଂଟାରୀ ଫିଲ୍ମମେକର ରାହୁଲ ରାୟ ପ୍ରମୁଖଙ୍କ ନାମରେ ମିଥ୍ୟା ମକଦ୍ଦମା ଦାଖଲ କରାଯାଇଛି। ସର୍ବଭାରତୀୟ ସ୍ତରରେ ତାକୁ ନିନ୍ଦା କରାଯିବା ସହ ପ୍ରତିବାଦ କରାଯାଇଛି। ତଦନୁଯାୟୀ ଆଂଚଳିକ କମିଟି ପକ୍ଷରୁ ମଧ୍ୟ ପ୍ରତିବାଦ ସହ ସମାଜିକ ଦୂରତା ରକ୍ଷା କରାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆଂଚଳିକ କମିଟିର ସମ୍ପାଦକ ସୁରେଶ ସାହୁଙ୍କ ନେତୃତ୍ୱରେ ଯାଜପୁର ଜିଲ୍ଲା କିମଟି ପକ୍ଷରୁ ଗଣେଷ ସାହୁ, ଡା. ନିର୍ମଳ ରଥ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁବ୍ରତ ଯେନା, ନରେନ୍ଦ୍ର ସାହୁ, ଅଭୟ ଓଝା, କିର୍ତନ ସାହୁ, ପ୍ରତ୍ୟୁଷ ସାହୁ. ବ୍ରହ୍ମାନନ୍ଦ ବାରିକ, ଅଶୋକ ସାହୁ, ଅଲେଖ ଯେନା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ବିଜେପି ପକ୍ଷରୁ ସେପ୍ଟେମ୍ବର ୧୪ ରୁ ୨୦ ସେବା ସପ୍ତାହ ପାଳନ

କେନ୍ଦ୍ରାପଡା,୧୬।୯ (ନି.ପ୍ର): ଚଳିତ ମାସ ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନେରେନ୍ଦ୍ର ମୋଦୀଙ୍କ ୭୦ତମ ଜନ୍ମ ଦିବସ ପାଳନ ଉପଲକ୍ଷେ କେନ୍ଦ୍ରାପଡା ବିଜେପି ପକ୍ଷରୁ ସେବା ସପ୍ତାହ ଆରମ୍ଭ କରାଯାଇଛି। ସୋମବାର ୧୪ ତାରିଖ ଠାରୁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ସେବା ସପ୍ତାହ କାର୍ଯ୍ୟକ୍ରମର ଗତକାଲି ଶୁଭାରମ୍ଭ ହୋଇଥିଲା। ୮ନଂ ଜୋନ୍ ବଳଦେବଜୀଉ ମଣ୍ଡଳ ପକ୍ଷରୁ ଗରାପୁର ହନୁମାନ ମନ୍ଦିର ପରିସରରେ ଅନୁଷ୍ଠିତ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ମାଧମରେ ଜିଲ୍ଲାର ପ୍ରତ୍ୟେକ ବୁଥ୍‌ରେ ବୃକ୍ଷରୋପଣ କରାଯିବା ସହ ଦିବ୍ୟାଙ୍ଗ ମାନଙ୍କୁ ଚଷମା, ଆଶାବାଡି ପ୍ରଦାନ କରାଯିବ। ମହିଳା ମୋର୍ଚ୍ଚା ପକ୍ଷରୁ ମେଡିକାଲ ଓ ଦଳିତ ଗୋଷ୍ଠୀରେ ଫଳ ଓ ସୁଖିଲା ଖାଦ୍ୟ ବଣ୍ଟନ, ଯୁବମୋର୍ଚ୍ଚା ପକ୍ଷରୁ ରକ୍ତଦାନ ଶିବିର ଓ ୧୮-୧୯ ତାରିଖରେ ବୁଦ୍ଧିଜୀବି ସମ୍ମିଳନୀ ଅନୁଷ୍ଠିତ ହେବ। ୨୦ ତାରିଖରେ ଜିଲ୍ଲାର ସମସ୍ତ ପଂଚାୟତରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ପାଳନ କରାଯିବ ବୋଲି ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଯୁବନେତା ଅଭିମନ୍ୟୁ ଗୋଛାୟତ, ଉମାକାନ୍ତ ନାୟକ, ବାସୁଦେବ ତ୍ରିପାଠୀ, ହରେକୃଷ୍ଣ ନାୟକ, ଦିଲିପ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ।

# କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗୋଟିଏ ଦିନରେ ୫ ଶବ ବ୍ୟବଚ୍ଛେଦ

କେନ୍ଦ୍ରାପଡା,୧୬।୯ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଅଂଚଳରେ ଅଘଟଣର ଶିକାର ହୋଇଥିବା ୫ଟି ଶବ ଗୋଟିଏ ଦିନରେ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇଥିବା ଜଣାପଡିଛି। ପ୍ରାୟ ଏକ ସମୟରେ ଶବ ବ୍ୟବଚ୍ଛେଦ ଗୃହ ନିକଟରେ ପହଁଚିଥିବା ୫ଟି ଶବ ଓ ସେମାନଙ୍କ ପରିବାର ବର୍ଗ, ବନ୍ଧୁବାନ୍ଧବ, ସାଙ୍ଗସାଥୀ ମାନଙ୍କ ଗହଳି, କନ୍ଦାକଟା ସଂପୃକ୍ତ ଅଂଚଳରେ କରୁଣ ପରିବେଶ ସୃଷ୍ଟି କରିଥିଲା। ପ୍ରାୟ ୧ ହଜାର ଲୋକଙ୍କ ଗହଳି ଓ କନ୍ଦାକଟା ରେ ଏକ ଅଭାବନୀୟ ପରିସ୍ଥିତିରେ ବରିଷ୍ଠ ଡାକ୍ତର ବିଜୟ କୁମାର ଦାସ ଏହି ଶବ ଗୁଡିକର ବ୍ୟବଚ୍ଛେଦ କରିଥିଲେ। ସୂଚନା ମୁତାବକ, ଅଜା ଶୁଦ୍ଧିକ୍ରିୟାରେ ଯୋଗ ଦେଇଥିବା ନାତି ସତ୍ୟଜିତ୍ ଦାସର ଆକସ୍ମିକ ମୃତ୍ୟୁଜନିତ ଶବ, ସେହିପରି ଗଣ୍ଡାକିଆ ଗ୍ରାମରେ ବାଇକ ଧକ୍କାରେ ମୃତ୍ୟୁବରଣ କରିଥିବା ଜନକର ପ୍ରଧାନ ଓ ଅନ୍ୟ ଜଣେ ଛାଂଚୁଣିଆ ଗ୍ରାମର ଆତ୍ମହତ୍ୟା କରିଥିବା ଉମେଶ କୁମାର ସେଠୀ, ଉଦୟ ନଗର ଗ୍ରାମର ସର୍ପ ଦଂଶନରେ ମୃତ୍ୟୁବରଣ କରିଥିବା ନିରଞ୍ଜନ ସାହୁ, ସେହିଭଳି ମହାକାଳପଡା ରତନପୁର ଗ୍ରାମର ଆତ୍ମହତ୍ୟା କରିଥିବା ବୀରବର ସେଠୀ ଙ୍କ ଶବ ଅନ୍ତର୍ଭୁକ୍ତ ରହିଛି।

# ଅବକାରୀ କର୍ମଚାରୀଙ୍କ ଦବଙ୍ଗଗିରି ମହଙ୍ଗା ପଡିଲା : ଥାନାଧିକାରୀଙ୍କ ଅନୁକମ୍ପା ସତ୍ୱେ ଏସ୍‌ପିଙ୍କ ଚାପରେ ଅଭିଯୁକ୍ତ କଟକରୁ ଗିରଫ

ଭଦ୍ରକ, ୧୬/୯ (ହି.ସ.)-ଭଦ୍ରକ ଅବକାରୀ ବିଭାଗର ଜନୈକ କର୍ମଚାରୀଙ୍କ ଦାଦାଗିରି ଓ ଫେରାର ହେବା ଘଟଣା ଏବେ ସହରରେ ଚର୍ଚ୍ଚାର ବିଷୟ ହୋଇଛି। ତେବେ ଜିଲା ଆରକ୍ଷୀ ଅଧିକ୍ଷକ ରାଜେଶ ପଣ୍ଡିତଙ୍କ ଚାପରେ ଆଜି ସହରା ଲ ଥାନାଧିକାରୀ ଏକ ଟିମ୍ ନେଇ ସଂପୃକ୍ତ କର୍ମଚାରୀଙ୍କୁ କଟକରୁ ଗିରଫ କରି ଆଣୁଥିବାର ଜଣାପଡିଛି। ଏଠାରେ ସୂଚନାଯୋଗ୍ୟ ପ୍ରାପ୍ତ ସୂଚନା ଅନୁଯାୟୀ, ଗତ ୧୧ ତାରିଖ ରାତିରେ ଭଦ୍ରକ ପୌରା ଳ ଅପର୍ତିବିନ୍ଧା ଗ୍ରାମର ଦିଲ୍ଲୀପ କୁମାର ପହିଙ୍କ ପୁତ୍ର ଡିଆର ମୋନାର୍କ ସ୍ଥାନୀୟ ଏକ ହୋଟେଲକୁ ନିଜ କାର ନେଇ ଯାଇଥିଲେ। ସେ ନିଜ କାର ନିକଟକୁ ଯିବା ସମୟରେ ଜିଲା ଅବକାରୀ ବିଭାଗରେ କାର୍ଯ୍ୟରତ କନେଷ୍ଟବଳ ଶିବ ପ୍ରସାଦ ସାହୁ ନିଜକୁ ପୁଲିସ୍ ପରିଚୟ ଦେଇ ଅନ୍ୟ ଜଣେ ସ୍ଥାନୀୟ ଯୁବକ କାହ୍ନୁ ଦାସଙ୍କ ସହିତ ମିଶି ତାଙ୍କୁ ଆକ୍ରମଣ କରିଥିଲେ। ଏହାବ୍ୟତୀତ ତାଙ୍କ ସହିତ ଥିବା ମିହିର ଦାସ ଓ ଅମୀର ଦାସଙ୍କୁ ମଧ ଅସୌଜନ୍ୟ ବ୍ୟବହାର ପ୍ରଦର୍ଶନ କରିଥିଲେ। ଏପରିକି ତାଙ୍କୁ ଡ୍ରଗସ୍ କାରବାରରେ ଫସାଇ ଦେବାକୁ ଧମକ ଦେଇଥିଲେ। ଖବର ପାଇ ମୋନାର୍କଙ୍କ ବାପା ସେଠାରେ ପହଂଚିବା ପରେ ଅବକାରୀ କର୍ମଚାରୀ ଶ୍ରୀ ସାହୁ ତାଙ୍କୁ ମଧ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ। ଏନେଇ ମୋନାର୍କ ୧୧ ତାରିଖ ରାତିରେ ସହରା ଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ୍ କେଶ୍ ନଂ ୨୫୨/୨୦ ରେ ମାମଲା ରୁଜୁ କରିବା ସହ ଘଟଣାରେ ସଂପୃକ୍ତ ସ୍ଥାନୀୟ ଯୁବକଙ୍କୁ ଗିରଫ କରିଥିଲେ। କିନ୍ତୁ କୋର୍ଟ ଚାଲାଣ ପୂର୍ବରୁ ଡାକ୍ତରୀ ପରୀକ୍ଷା ସମୟରେ ତାଙ୍କର କୋଭିଡ୍ ପଜିଟିଭ୍ ଆସିବାରୁ ପୁଲିସ୍ ତାଙ୍କୁ ଜାମିନ୍‌ରେ ଛାଡି ଦେଇଥିଲା। କିନ୍ତୁ ୪ ଦିନ ବିତିଥିଲେ ମଧ ପୁଲିସ୍ ମୁଖ୍ୟ ଅଭିଯୁକ୍ତଙ୍କୁ ଅନୁକମ୍ପା ପ୍ରଦର୍ଶନ ପୂର୍ବକ ଗିରଫ କରିନଥିବା ବିଷୟ ଜିଲା ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଫଳରେ ଜିଲା ଆରକ୍ଷୀ ଅଧିକ୍ଷକଙ୍କ କଡା ତାଗିଦ କ୍ରମେ ଥାନାଧିକାରୀ ଏକ ସ୍ୱତନ୍ତ୍ର ଟିମ୍ ଜରିଆରେ ଅବକାରୀ କର୍ମଚାରୀ ଶ୍ରୀ ସାହୁଙ୍କୁ ଆଜି କଟକରୁ ଗିରଫ କରି ଭଦ୍ରକ ଆଣୁଥିବାର ଜଣାପଡିଛି। ଅପରପକ୍ଷେ ଅବକାରୀ ଅଧୀକ୍ଷକ ଗୌତମ ସାହୁ କହିଥିଲେ ଯେ ଏପରି ଏକ ଅଭିଯୋଗ ପାଇବା ପରେ ଅବକାରୀ ନିରୀକ୍ଷକଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ରିପୋର୍ଟ ଆସିସାରିଛି। ତଦନ୍ତ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଇଂଜିନିୟର୍ସ ଦିବସର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬।୯ (ନି.ପ୍ର): ମୁଖ୍ୟମନ୍ତ୍ରୀ ଭାରତରତ୍ନ ଏମ୍. ବିଶ୍ୱେଶ୍ୱରାୟାଙ୍କ ଜନ୍ମବାର୍ଷିକୀ 'ଇଂଜିନିୟର୍ସ ଦିବସ' ଭାବରେ ପାଳନ ହେଉଥିବା ପରିପ୍ରେକ୍ଷୀରେ ତାଙ୍କ ଉଦ୍ଦେଶ୍ୟରେ ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସେହି ପ୍ରସିଦ୍ଧ ଯନ୍ତ୍ରୀଙ୍କ ଅସାଧାରଣ ଅବଦାନ ଜାତି ନିର୍ମାଣରେ ନିଜକୁ ଉତ୍ସର୍ଗ କରିବା ପାଇଁ ଆମର ଇଂଜିନିୟର ମାନଙ୍କୁ ଅନୁପ୍ରାଣିତ କରିବ ବୋଲି ସେ ଆଶା ପ୍ରକଟ କରିଛନ୍ତି।

# କୋଭିଡ ନିୟମ ଉଲଂଘନ ପାଇଁ ୯ ଦୋକାନ ସିଲ




ବାରିପଦା,୧୬।୯ (ନି.ପ୍ର): କରୋନା ସଂକ୍ରମଣରୁ ଲୋକଙ୍କୁ ସୁରକ୍ଷିତ ରଖିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସାୟିକ ଅନୁଷ୍ଠାନ, ଦୋକାନ, ବଜାର, ହାଟ ଆଦିରେ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ପାଳନ ନକଲେ ଦୋକାନ ସିଲ୍ କରାଯିବା ସହ ମାଲିକ ମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୂର୍ବରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। ଏହି କୋଭିଡ କଟକଣା ନିୟମକୁ ପାଳନ କରୁନଥିବାରୁ ବାରିପଦା ସହରରେ ୯ଟି ଦୋକାନକୁ ଆଜି ମୟୂରଭ ଜିଲ୍ଲା ପ୍ରଶାସନ ପକ୍ଷରୁ ସିଲ କରାଯାଇଥିବାର ସୂଚନା ମିଳିଛି। ବାରିପଦା ଉପ-ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡିଙ୍କ ନିର୍ଦ୍ଦେଶ କ୍ରମେ ବାରିପଦା ସହରର କଚେରୀ ବଜାର ଠାରେ ଥିବା ୯ ଗୋଟି ଦୋକାନକୁ କୋଭିଡ-୧୯ ନିୟମକୁ ଉଲଂଘନ କରିଥିବା ଅଭିଯୋଗରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ସଂଧ୍ୟାରେ ସିଲ କରାଯାଇଛି। ବାରିପଦା ଟାଉନ ପୋଲିସ ସହାୟତାରେ ଜିଲ୍ଲା ପ୍ରଶାସନର ଅଧିକାରୀ ମାନେ ଉପସ୍ଥିତ ରହି ଦୋକାନ ଗୁଡିକୁ ସିଲ କରିଛନ୍ତି। ଏହି ୯ଗୋଟି ଦୋକାନରେ କୋଭିଡ ନିୟମକୁ ଉଲଘଂନ କରି ସାମାଜିକ ଦୂରତା ପାଳନ କରିବା କିମ୍ବା ମାସ୍କ ପରିଧାନ କରିବା କିଛି ନିୟମ ପାଳନ ହେଉନଥିବାର ଅଭିଯୋଗ ହେଉଥିଲା। ତେଣୁ ଅଭିଯୋଗ ଅନୁଯାୟୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଧିକାରୀଙ୍କ ଉପସ୍ଥିତରେ ଏହି ଦୋକାନ ଗୁଡିକୁ ସିଲ କରାଯାଇଥିବାର ଜଣାଯାଇଛି।

## ନୀଳାଚଳ ଇସ୍ପାତ ନିଗମର କର୍ମଚାରୀମାନଙ୍କ ଆଲୋଚନାକୁ କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଂଚ

ଭୁବନେଶ୍ୱର,୧୬।୯ (ନି.ପ୍ର): ନିଳାଚଳ ଇସ୍ପାତ ନିଗମକୁ ଜାଣି ଶୁଣି କ୍ଷତି ଦେଖାଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବଳ କରି ଘରୋଇ କରଣ କରିବାକୁ ପୁରା ଦମରେ ଲାଗିଥିବା ବେଳେ ୫୦୦ରୁ ଉର୍ଦ୍ଧ୍ୱ କର୍ମଚାରୀ ୬ ମାସରୁ ଉର୍ଦ୍ଧ୍ୱ ସେମାନଙ୍କର ଦରମା ପାଇବାରୁ ବଂଚିତ ହୋଇଛନ୍ତି। ଏପରିକି କରୋନା ମହାମାରୀ ସମୟରେ ସେମାନଙ୍କ ପରିବାର ଭୋକରେ ଆଉଟ ପାଉଟ ହେଉଛନ୍ତି। ବାରମ୍ବାର ଅନେକ ଆନ୍ଦୋଳନ, କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ଏକ ସ୍ମାରକ ପତ୍ର ଦିଆଯାଇଥିଲେ ମଧ୍ୟ ସେମାନଙ୍କର ଦରମା ନ ଦେବା ଫଳରେ ଆସନ୍ତା ତା ୧୮.୯.୨୦୨୦ରେ କର୍ମଚାରୀମାନେ ତାଙ୍କର ଆନ୍ଦୋଳନ ପୁଣିଥରେ କରିବେ ଓ ଏପରି ଆନ୍ଦୋଳନକୁ ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଆଇ.ଏନ.ଟି.ୟୁ.ସି., ଏ.ଆଇ.ଟି.ୟୁ.ସି, ଏଚ.ଏମ.ଏସ, ସି.ଆଇ.ଟି.ୟୁ, ଏ.ଆଇ.ସି.ସି.ଟି.ୟୁ, ଏ.ଆଇ.ୟୁ.ଟି.ୟୁ.ସି ସମର୍ଥନ କରିବାକୁ ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।

# ପୁନଃର୍ବାସ ଓ ଥଇଥାନ ନୀତିରେ ଜାଲ ବିସ୍ଥାପିତ ଅଭିଯୋଗ

ନୂଆପଡା,୧୬।୯ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ତିଖାଲି ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଅଧିନରେ ଥିବା ପୁନଃର୍ବାସ ଓ ଥଇଥାନ ନୀତିରେ ଜାଲ ବିସ୍ଥାପିତ ନେଇ ବ୍ୟାପକ ଦୁର୍ନିତି ହୋଇଥିବା ନେଇ ଅଭିଯୋଗ ହୋଇଛି। ଅନେକ ଗୁଡାଏ ବିସ୍ଥାପିତଙ୍କ ଜାଲ କାଗଜାତ କରି ବ୍ୟାପକ ଅର୍ଥ ହଡପ କରିଥିବା ଅଭିଯୋଗ ନେଇ ମୁଖ୍ୟମନ୍ତ୍ରୀ, ୫ଟି ସଚିବ, ଜଳସମ୍ପଦ ବିଭାଗ ସଚିବଙ୍କୁ ଲିଖିତ ଅଭିଯୋଗ କରି କରି ତଦନ୍ତ କରି ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ ହେଉଛି। ସ୍ୱତନ୍ତ୍ର ଭୂ-ଅର୍ଜନ ବିଭାଗ ପକ୍ଷରୁ ବିସ୍ଥାପିତଙ୍କ ଜାଲ କାଗଜାତ ପ୍ରସ୍ତୁତ କରିଥିବା ବେଳେ ସରକାରଙ୍କ ପକ୍ଷରୁ ମଞ୍ଜୁର ପାଇଁ ପ୍ରସ୍ତାବ ପଠାଇଛନ୍ତି। ଏହି ଅଭିଯୋଗ ପରେ ଜିଲ୍ଲା ପ୍ରଶାସନକୁ ତଦନ୍ତ କରି ଏକ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଜାଲିଆତି କାର୍ଯ୍ୟକୁ ଉଚ୍ଚସ୍ତରୀୟ ତଦନ୍ତ ଦ୍ୱାରା ଘଟଣାଟି ସତ୍ୟାସତ୍ୟ ପଦାକୁ ଆସିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। କର୍ତିକ ହରିଜନ, ଲେମ୍ବୁ ହରିଜନ, ଗିରିଧାରୀ ହରିଜନ ୩ ଜଣ ଜାଲ ବିସ୍ଥାପିତ ହୋଇଥିବା ବେଳେ ଗର୍ଣ୍ଡ ହରିଜନ ଚାନ୍ଦୋପଲା ଗ୍ରାମର ବୋଲି ଜଣାପଡିଛି। ଗର୍ଣ୍ଡ ହରିଜନ ପୂର୍ବରୁ ବିସ୍ଥାପିତ କ୍ଷତିପୂରଣ ପାଇଥିବା ବେଳେ ଏହି ୩ ଜଣଙ୍କ ପିତା ଦର୍ଶାଯାଇଛି। ଅପରପକ୍ଷେ ଗର୍ଣ୍ଡ ହରିଜନଙ୍କ କୌଣସି ସନ୍ତାନ ନଥିବା ଜଣାପଡିଛି। ଏଭଳି ଅନେକ ଉଦାହରଣ କରିଥିବା ବେଳେ ଏହି ପ୍ରକଳ୍ପର ଜାଲ ଦୁର୍ନିତିରେ ପୂର୍ବରୁ ଏକ ଡଜନ ଅଧିକାରୀ ଜେଲ ଭୋଗ କରିସାରିଛନ୍ତି। ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେଇ ଏହାର ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହେଉଛି।

## ସୁବର୍ଣରେଖା ନଦୀ ଉପରେ ଉଚ୍ଚ ସ୍ତରୀୟ ସେତୁ ନିର୍ମାଣ ସମ୍ପର୍କିତ ପ୍ରସ୍ତାବକୁ କ୍ୟାବିନେଟରେ ଅନୁମୋଦନ

ଭୁବନେଶ୍ୱର,୧୬।୯ (ନି.ପ୍ର): ବାଲେଶ୍ୱର ଜିଲ୍ଲାରେ ଜାତୀୟ ରାଜପଥ ୧୬ରେ ଭାୟା ବାଲିଆପାଳ,ପନ୍ତେଇ ଓ ଜଳେଶ୍ୱର ଦେଇ ପଶ୍ଚିମବଙ୍ଗ ସୀମାରେ ସୁବର୍ଣରେଖା ନଦୀ ଉପରେ ଉଚ୍ଚ ସ୍ତରୀୟ ସେତୁ ନିର୍ମାଣ ପାଇଁ ରାଜ୍ୟ କ୍ୟାବିନେଟ ନିଷ୍ପତି ଗ୍ରହଣ କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ ବୈଠକରେ ଏ ସମ୍ପର୍କରେ ସର୍ବନିମ୍ନ ଟେଂଡରକୁ କାର୍ଯ୍ୟାରମ୍ଭ ପାଇଁ ଅନୁମୋଦନ ଦିଆ ଯାଇଛି। ପ୍ରସ୍ତାବିତ ସେତୁର ଦୈର୍ଘ୍ୟ ୯୯୩.୧୨ ମିଟର ଓ ପ୍ରସ୍ଥ ୬୨.୦୬ ମିଟର ହେବ। ଏଥିଲାଗି ୧୩୮ କୋଟି ୭୪ ଲକ୍ଷ ୪୮ ହଜାର ଟଙ୍କା ବ୍ୟୟବରାଦ କରାଯାଇଛି ଏବଂ ଏହାର ନିର୍ମାଣ କାର୍ଯ୍ୟ ୩୦ ମାସ ମଧରେ କାର୍ଯ୍ୟ ଶେଷ କରାଯିବ। ପ୍ରସ୍ତାବିତ ସେତୁଟି ବାଲିଆପାଳ ଓ ଭୋଗରାଇ ବ୍ଲକ ମଧ୍ୟରେ ସିଧା ସଂଯୋଗ ସ୍ଥାପନା କରିବା ସହିତ ସୁବର୍ଣରେଖା ମାଉଥ ପୋର୍ଟ. ଚନ୍ଦନେଶ୍ୱର, ଭୂଷଣ୍ଡେଶ୍ୱର, ଆଦି ଅର୍ଥନୈତିକ ଓ ସାଂସ୍କୃତିକ ସମ୍ପନ୍ନ ସ୍ଥାନ ଗୁଡିକୁ ସଂଯୋଗ କରିବ। ଏହି ଅଂଚଳରେ ଆର୍ଥିକ ଉନ୍ନତିରେ ସହାୟକ ହେବ। ରାଜ୍ୟ କ୍ୟାବିନେଟ ଏଲଏଣ୍ଡଟି ଜିଓର ସର୍ବନିମ୍ନ ନିବିଦା ୧୩୮,୭୪,୪୮.୨୧୦.୦୦କୁ କାର୍ଯ୍ୟାରମ୍ଭ ପାଇଁ ଅନୁମୋଦନ କରିଛି।

# ଝିଅର ତଂଟି ଚିପି ହତ୍ୟା କରିବା ପରେ ଫାଶି ଝୁଲାଇ ଦେବା ଅଭିଯୋଗରେ ସାବତ ମା ଗିରଫ

ବାରିପଦା,୧୬।୯ (ନି.ପ୍ର): ପାରିବାରିକ କଳହକୁ କେନ୍ଦ୍ର କରି ସାବତ ମା ୧୧ ବର୍ଷିୟା ନାବାଳିକା ଝିଅର ତଂଟି ଚିପି ହତ୍ୟା କରିବା ପରେ ଫାଶି ଝୁଲାଇ ଦେଇଥିଲା। ଏହିଭଳି ଅଭାବନୀୟ ଓ ଦୁଃଖଦାୟକ ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲା ଖୁଂଟା ଥାନା ଅନ୍ତର୍ଗତ ବାରହାଗଡ଼ିଆ ଗ୍ରାମରେ। ଉକ୍ତ ଗ୍ରାମର କାହ୍ନୁ ଟୁଡୁଙ୍କ ପ୍ରଥମ ସ୍ତ୍ରୀ ମରିଯିବା ପରେ ସୁମିତ୍ରା ଟୁଡୁଙ୍କୁ ଦ୍ୱିତୀୟ ବିବାହ କରିଥିଲା। ତେବେ ପ୍ରଥମ ସ୍ତ୍ରୀଙ୍କ ନାବାଳିକା ଝିଅ ସହ ଦ୍ୱିତୀୟ ସ୍ତ୍ରୀ ସୁମିତ୍ରାଙ୍କ ଭଲ ସମ୍ପର୍କ ରହିନଥିଲା। ବିଭିନ୍ନ ସମୟରେ ଉଭୟଙ୍କ ମଧରେ ମନାନ୍ତର ହେଉଥିବା ବେଳେ ସେପ୍ଟେମ୍ବର ୧୪ ଘରେ କେହି ନ ଥିବାର ସୁଯୋଗ ନେଇ ଦ୍ୱିତୀୟ ସ୍ତ୍ରୀ ସୁମିତ୍ରା ଟୁଡୁ ନାବାଳିକା ଝିଅର ତଂଟି ଚିପି ହତ୍ୟା କରିଥିଲା। ଏହାପରେ ଏକ ଶାଢ଼ିରେ ତାର ବେକକୁ ବାନ୍ଧି ଘର ଭିତରେ ଝୁଲାଇ ଦେଇଥିଲା। ପରବର୍ତି ସମୟରେ ଝିଅକୁ ଖୁଂଟା ଡ଼ାକ୍ତରଖାନାକୁ ନେଇ ଯାଇଥିବା ବେଳେ ଡ଼ାକ୍ତର ରିସିଭ ଡେଥ ଘୋଷଣା କରିଥିଲେ। କାହ୍ନୁ ଟୁଡୁ ଭୁବନେଶ୍ୱରରେ କାମ କରୁଥିବା ବେଳେ ଝିଅର ମୃତ୍ୟୁ ଖବର ଶୁଣି ଗ୍ରାମକୁ ଫେରିବା ପରେ ଦ୍ୱିତୀୟ ସ୍ତ୍ରୀ ସୁମିତ୍ରା ତାକୁ ମାରି ଦେଇଥିବାର ଖୁଂଟା ଥାନାରେ ଅଭିଯୋଗ କରିବା ପରେ ଥାନା ଅଧିକାରୀ ସ୍ୱର୍ଣ୍ଣଲତା ମିଞ୍ଜ ଅଭିଯୁକ୍ତ ସୁମିତ୍ରାଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ସେ ତଂଟି ଚିପି ହତ୍ୟା କରିଛି ବୋଲି ନିଜର ଅପରାଧ ସ୍ୱିକାର କରିଥିଲା ଏବଂ ପୁଲିସ ହତ୍ୟା ଅଭିଯୋଗରେ ସୁମିତ୍ରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାର ଜଣାପଡ଼ିଛି।

# କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତଙ୍କ ପିତୃ ବିୟୋଗ, ରାଜ୍ୟ ବିଜେପିର ଶୋକ

ଭୁବନେଶ୍ୱର,୧୬।୯ (ନି.ପ୍ର): ପୂର୍ବତନ ବିଧାୟକ ତଥା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ପ୍ରଦୀପ ପୁରୋହିତଙ୍କ ପିତା ଶ୍ରୀ ରାଧେଶ୍ୟାମ ପୁରୋହିତଙ୍କ ବିୟୋଗରେ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଏବଂ ବିରୋଧୀ ଦଳ ନେତା ଶ୍ରୀ ପ୍ରଦୀପ୍ତ କୁମାର ନାଏକ ଗଭୀର ଶୋକ ବ୍ୟକ୍ତ କରିବା ସହ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରି ସ୍ୱର୍ଗତଃ ଆତ୍ମାର ସଦଗତି କାମନା କରିଛନ୍ତି। ୮୮ ବର୍ଷୀୟ ସ୍ୱର୍ଗତଃ ପୁରୋହିତ ଗତ କାଲି ବରଗଡ ଜିଲ୍ଲା ପଦ୍ମପୁର ଅନ୍ତର୍ଗତ ପାଇକମାଲ ସ୍ଥିତ ନିଜ ପୈତୃକ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଦୀର୍ଘ ୬୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ପ୍ରସିଦ୍ଧ ନୃସିଂହନାଥ ପର୍ଯ୍ୟଟନସ୍ଥଳୀକୁ ଆସୁଥିବା ତୀର୍ଥଯାତ୍ରୀଙ୍କ ଉଦ୍ଦେଶ୍ୟରେ ପାଇକମାଳଠାରେ ହୋଟେଲ ପ୍ରତିଷ୍ଠାନ କରି ସୁଲଭ ମୂଲ୍ୟରେ ଏବଂ ଚିରାଚରିତ ଖଲି ଓ ଦନାରେ ଖାଦ୍ୟ ଯୋଗାଇ ଆସୁଥିଲେ। ସ୍ୱର୍ଗତଃ ପୁରୋହିତ ତାଙ୍କ ଧର୍ମପତ୍ନୀ ସୁଲୋଚନା ପୁରୋହିତ, ପୁଅ ବିଜୟ ପୁରୋହିତ, ଗିରିଧାରୀ ପୁରୋହିତ, ରାମ ରତନ ପୁରୋହିତ, ପ୍ରଦୀପ ପୁରୋହିତ, ବୋହୁ, ନାତି ଓ ନାତୁଣୀଙ୍କୁ ଛାଡି ଇହଧାମ ତ୍ୟାଗ କରିଛନ୍ତି। ମିଷ୍ଟଭାଷୀ, ନମ୍ର, ଧର୍ମପରାୟଣ ଏବଂ ଅମାୟୀକ ବ୍ୟକ୍ତିତ୍ୱ ଭାବେ ସୁପରିଚିତ ସ୍ୱର୍ଗତଃ ପୁରୋହିତଙ୍କ ବିୟୋଗରେ ସ୍ଥାନୀୟ ଅଂଚଳରେ ଶୋକର ବାତାବରଣ ସୃଷ୍ଟି ହୋଇଛି। ଏଭଳି ଦୁଃଖଦ ସମୟରେ ପ୍ରଭୁ ଶ୍ରୀ ଜଗନ୍ନାଥ ସ୍ୱର୍ଗତଃ ପୁରୋହିତଙ୍କ ପରିବାରବର୍ଗଙ୍କୁ ଅସୀମ ଧର୍ଯ୍ୟ ଓ ସାହାସ ପ୍ରଦାନ କରିବାକୁ ଶ୍ରୀ ମହାନ୍ତି ଏବଂ ଶ୍ରୀ ନାଏକ ପ୍ରାର୍ଥନା କରିଛନ୍ତି। ଅନ୍ୟମାନଙ୍କ ମଧରେ ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, କୃଷକ ମୋର୍ଚ୍ଚା ପ୍ରଭାରୀ ତଥା ବରିଷ୍ଠ ନେତା ମନମୋହନ ସାମଲ, ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ, ଗୋଲକ ମହାପାତ୍ର, ଡ.ଲେଖାଶ୍ରୀ ସାମନ୍ତସିଂହାର ଓ ରବି ନାଏକ, କୃଷକ ମୋର୍ଚ୍ଚା ରାଷ୍ଟ୍ରୀୟ ଉପସଭାପତି ମହେଶ୍ୱର ସାହୁଙ୍କ ସମେତ ଅନ୍ୟାନ୍ୟ ନେତୃବୃନ୍ଦମାନେ ଗଭୀର ଶୋକବ୍ୟକ୍ତ କରିଛନ୍ତି।

(ପୃଷ୍ଠା ୪ର ଅବଶିଷ୍ଟାଂଶ)

## ଓଁ ବିଶ୍ୱକର୍ମଣେ ନମଃ....

ଛୋଟରୁ ବଡ ସମସ୍ତ କାରିଗର ଏହିଦିନ କର୍ମମୟ ଜୀବନରୁ ଛୁଟିନେଇ ନିଜ ନିଜର ଯନ୍ତ୍ରପାତିକୁ ପୂଜା କରନ୍ତି। ପ୍ରତ୍ୟେକ ସାଧନକୁ ଭଲରେ ଧୋଇଧାଇ ଠାକୁରଙ୍କ ପାଦତଳେ ସଜାଡି ସିନ୍ଦୂର, ଫୁଲ ସହ ମିଠା ଆଦି ଭୋଗ ଲଗାନ୍ତି। ଏହିପୂଜାର ବହୁତ ଗୁଢ ରହସ୍ୟ ଅଛି। ଦିନୁଟିଏ ଯନ୍ତ୍ରପାତିକୁ ସଫାକଲାବେଳେ ତାର ସବୁ କମି ଜଣାଯାଏ ଏବଂ ଆସନ୍ତା ବର୍ଷର ଦିନରେ ଏହିସବୁ ସାଧନର ସଦୁପଯୋଗ ହେବାର ଭରପୁର ସୁଯୋଗ ମିଳୁ ବୋଲି ବିଶ୍ୱକର୍ମା ମାହାରାଜାଙ୍କ ଚରଣରେ ପ୍ରାର୍ଥନା କରାଯାଏ। ଏବେ କିନ୍ତୁ ଓଲଟା। ଭାରତବର୍ଷର ପ୍ରଥା ପରମ୍ପରାର ମହାନତା ଏବଂ ବୈଶିଷ୍ଟତା ଠିକ୍‌ଭାବରେ ବୁଝି ନପାରି ଅନେକ ପୂଜା ଉତ୍ସବକୁ ଭକ୍ତିଠାରୁ କୋଶଦୂରରେ ଆମେ କେବଳ ନାଚ, ଗୀତ ବା ବାହ୍ୟ ଆଡମ୍ବର ଭିତରେ ସୀମିତ ରଖୁଛେ। ଆଗ ଡିଜେବାଲା ପରେ ପୂଜାପାଇଁ ବ୍ରାହ୍ମଣ ଖୋଜୁଛେ। ବିଶ୍ୱକର୍ମାଙ୍କ ଭଳି ଆମ ଭାରତ ନିର୍ମାଣର ସେହିପରି ଜଣେ ମହାତ୍ମା ହେଉଛନ୍ତି ଭାରତ ରତ୍ନ ଇଂଜିନିୟର୍ ସାର୍ ମୋକ୍ଷଗୁନ୍ଦମ୍ ବିଶ୍ୱେଶରାୟ ସେପ୍ଟେମ୍ବର ମାସ ପନ୍ଦର ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କର ଜନ୍ମତିଥିକୁ ଭାରତବାସୀ ଇଂଜିନିୟର୍ସ ଡେ ହିସାବରେ ପାଳନ କରୁଛନ୍ତି। କଲିକତାର ଗଙ୍ଗାନଦୀ ଉପରେ ବିଶ୍ୱପ୍ରସିଦ୍ଧ ହାଓଡା ପୋଲ, ଆମ ହୀରାକୁଦ ବନ୍ଧ ସହ ସାରା ଭାରତରେ ଅନେକ କୃତିର ସଫଳ ରୂପାୟନ ତାଙ୍କ ମସ୍ତିଷ୍କ ଦ୍ୱାରା ସମ୍ଭବ ହୋଇପାରିଛି। ଏମିତି ଲାଗେ ସତେ ଯେମିତି ନିଜେ ଭଗବାନ ବିଶ୍ୱକର୍ମା ସାର୍ ମୋକ୍ଷଗୁନ୍ଦମ୍ ବିଶ୍ୱେଶରାୟ ରୂପରେ କର୍ଣ୍ଣାଟକ ପରି ଦେବଭୂମିରେ ଜନ୍ମ ନେଇଥିଲେ। ତାଙ୍କ ନିକଟରେ ଭାରତ ସଦସର୍ବଦା ଋଣି ରହିବ। ଆମେ ତ ବିଶ୍ୱକର୍ମାଙ୍କୁ ଦେଖିନେ, କିନ୍ତୁ ସାର୍ ମୋକ୍ଷଗୁନ୍ଦମ୍ ବିଶ୍ୱଶରାୟଙ୍କ କର୍ମମୟ ଜୀବନକାଳ ଭିତରେ ଗଢିଥିବା ଅନନ୍ୟ କୃତିସମୂହକୁ ଦେଖି ଲାଗେ ତାଙ୍କଠାରେ ବିଶ୍ୱକର୍ମା ମହାରାଜଙ୍କର କଳା ଭରପୁର ଥିଲା। ଶେଷରେ ସମସ୍ତ ଦେଶବାସୀଙ୍କୁ ଯନ୍ତ୍ରୀ ଦିବସରେ ଅଭିନନ୍ଦନ ଏବଂ ବିଶ୍ୱକର୍ମାପୂଜାର ଅନେକଅନେକ ଶୁଭେଚ୍ଛା। ଓଁ ବିଶ୍ୱକର୍ମଣେ ନମଃ।

+ ବି.ଟେକ୍. ସିଭିଲ୍, ଏମ୍.ଟେକ୍.(ପରିବେଶ), ଏଲ୍ଏଲ୍‌ବି
ଏଲ୍-୧୭/୧୫, ପଂଚଶଖା ନଗର, ଢୁମୁଢୁମା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯,
ମୋ- ୯୪୩୯୧୨୮୦୫୦ / ୭୯୭୮୦୧୯୦୮୧, bdpanda1@gmail.com

## ପ୍ରାର୍ଥୀମାନଙ୍କର ଅପରାଧପ୍ରବଣ ପୃଷ୍ଠଭୂମି ସଂପର୍କରେ ପ୍ରଚାରପ୍ରସାର

ଭୁବନେଶ୍ୱର ,୧୬।୯ (ନି.ପ୍ର): ଭାରତ ନିର୍ବାଚନ କମିଶନଙ୍କ ପରିବର୍ତିତ ନିର୍ଦ୍ଦେଶାନୁସାରେ ଓଡ଼ିଶାର ବାଲେଶ୍ୱର ଓ ତିର୍ତୋଲ ବିଧାନସଭା ନିର୍ବାଚନ ମଣ୍ଡଳୀରେ ହେବାକୁ ଥିବା ଉପନିର୍ବାଚନରେ ଅଂଶଗ୍ରହଣ କରୁଥିବା ପ୍ରାର୍ଥୀ ଓ ରାଜନୈତିକ ଦଳମାନେ ତିନୋଟି ପର୍ଯ୍ୟାୟରେ ପ୍ରାର୍ଥୀଙ୍କର ଅପରାଧପ୍ରବଣ ପୃଷ୍ଠଭୂମି ସଂପର୍କରେ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ଜରିଆରେ ପ୍ରଚାରପ୍ରସାର କରାଇବେ ।

ପ୍ରଥମ ପର୍ଯ୍ୟାୟ ପ୍ରଚାରପ୍ରସାର ପାଇଁ ପ୍ରାର୍ଥୀ ଓ ରାଜନୈତିକ ଦଳମାନେ ନାମାଙ୍କନ ପତ୍ର ପ୍ରତ୍ୟାହାରର ପ୍ରଥମ ଚାରିଦିନ ମଧ୍ୟରେ କରାଇବେ । ଦ୍ୱିତୀୟ ପର୍ଯ୍ୟାୟ ପ୍ରଚାରପ୍ରସାର ନାମାଙ୍କନ ପତ୍ର ପ୍ରାତ୍ୟାହାରର ପଂଚମରୁ ଅଷ୍ଟମ ଦିନ ମଧ୍ୟରେ ଏବଂ ସେହିପରି ତୃତୀୟ ପର୍ଯ୍ୟାୟ ପ୍ରଚାରପ୍ରସାର ନାମାଙ୍କନ ପତ୍ରପ୍ରତ୍ୟାହାରର ନବମ ଦିନଠାରୁ ନିର୍ବାଚନ ପ୍ରଚାରର ଶେଷ ଦିନ ମଧ୍ୟରେ ଅର୍ଥାତ୍ ଭୋଟ ଗ୍ରହଣରଦୁଇଦିନ ପୂର୍ବରୁ କରାଇବେ । ଅପ୍ରତିଦ୍ୱନ୍ଦୀ ପ୍ରାର୍ଥୀମାନଙ୍କ କ୍ଷେତ୍ରରେ ମଧ୍ୟ ଅନୁରୂପ ଭାବେ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ଜରିଆରେ ପ୍ରାର୍ଥୀଙ୍କର ଅପରାଧପ୍ରବଣ ପୃଷ୍ଠଭୂମି ସଂପର୍କରେ ପ୍ରଚାରପ୍ରସାର କରାଇବା ନିମନ୍ତେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ରହିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଜୀବିକା କାର୍ଯ୍ୟକ୍ରମ...

ପୋଲିସ କମିଶନର କୋଭିଡ ନିୟମ କଡାକଡି ପାଳନ ପାଇଁ ନିଆଯାଇଥିବା ପଦକ୍ଷେପ ସଂପର୍କରେ ସୂଚନା ଦେଇଥିଲେ। ଏହି ବୈଠକରେ ଯୋଗ ଦେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ନବ ଦାସ, ମୃତ୍ୟୁଦର କମ୍ ଥିବା ସୂଚନା ଦେଇଥିଲେ । ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ସ୍ୱତନ୍ତ୍ର ରିଲିଫ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ବୈଠକ ସଂଚାଳନା କରିଥିଲେ।

### ରାଜ୍ୟରେ ଆଉ...

ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ରୋଗରେ ପାଡିତ ଥିଲେ । ପୁରୀ ଜିଲ୍ଲାର ଜଣେ ୮୦ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧ୍ୟ ମଧୁମେହ ରୋଗରେ ପୀଡିତ ଥିଲେ । ପୁରୀ ଜିଲ୍ଲାର ଜଣେ ୭୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ସମ୍ବଲପୁର ଜିଲ୍ଲାର ଜଣେ ୬୦ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ କ୍ରନିକ କିଡନି ରୋଗ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ସମ୍ବଲପୁର ଜିଲ୍ଲାର ଜଣେ ୬୨ ବର୍ଷୀୟ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି । ସେ ମଧୁମେହରେ ପୀଡିତ ଥିଲେ । ସମ୍ବଲପୁର ଜିଲ୍ଲାର ଜଣେ ୬୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗଡ ଜିଲ୍ଲାର ଜଣେ ୩୧ ବର୍ଷୀୟ ମହିଳାଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହରେ ପୀଡିତ ଥିଲେ ।

### ଗୋଟିଏ ଦିନରେ...

ଜଗତସିଂହପୁର ଜିଲ୍ଲାରେ ୧୮୮, ଯାଜପୁର ଜିଲ୍ଲାରେ ୧୬୨ . ଝାରସୁଗୁଡା ଜିଲ୍ଲାରେ ୧୨୧, କଳାହାଣ୍ଡି ଜିଲ୍ଲାରେ ୪୪ . କନ୍ଧମାଳ ଜିଲ୍ଲାରେ ୭୩, କେନ୍ଦ୍ରାପଡା ଜିଲ୍ଲାରେ ୯୯ ,କେନ୍ଦୁଝର ଜିଲ୍ଲାରେ ୮୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୮୩ ଜଣ, ମାଲକାନଗିରି ଜିଲ୍ଲାରେ ୬୪ , ମୟୁରଭଂଜ ଜିଲ୍ଲାରେ ୧୩୧ ନବରଙ୍ଗପୁରରେ ୮୬, ନୟାଗଡ ଜିଲ୍ଲାରେ ୪୭, ନୂଆପଡା ଜିଲ୍ଲାରେ ୧୧୯ ପୁରୀ ଜିଲ୍ଲାରେ ୨୮୭, ରାୟଗଡା ଜିଲ୍ଲାରେ ୮୦, ସମ୍ବଲପୁର ଜିଲ୍ଲାରେ ୧୧୪ ,ସୋନପୁର ଜିଲ୍ଲାରେ ୭୪ ତଥା ସୁନ୍ଦରଗଡ ଜିଲ୍ଲାରେ ୩୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ରାଜ୍ୟ ପୁଲରେ ୨୬୨ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

### ବନ୍ୟା କ୍ଷୟକ୍ଷତିର...

ମନ୍ତ୍ରଣାଳୟର ଯୁଗ୍ମ ସଚିବ ପ୍ରବୀଣ ବଶିଷ୍ଠଙ୍କ ନେତୃତ୍ୱରେ ଏକ ୪ଜଣିଆ ଟିମ୍ ଭଦ୍ରକରେ ପହଞ୍ଚିବା ପରେ ଜିଲ୍ଲାପାଳ ଡ. ଜ୍ଞାନ ଦାସ ଏବଂ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦୋକ ମଧୁସୂଦନ ଦାସ ବ୍ୟନାଞ୍ଚଳ ପରିଦର୍ଶନରେ ନେଇଥିଲେ। ଏହି ଦଳରେ ଜଳ ସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଅମ୍ରିଶ ପାଲସିଂ, କୃଷି ନିର୍ଦ୍ଦେଶକ ଏମ୍. ମୁଥୁକୁମାର ଏବଂ ସି.ଇ. ଏଲଏମ୍‌ବି ଯୁଗଳ କୁମାର ତ୍ରିପାଠୀ ଧାମନଗର ବ୍ଲକର ବୟାଗଡିହି, କୋଠାର ଅଞ୍ଚଳ ଯାଇ ସେଠାରେ ବନ୍ୟା ଦ୍ୱାରା ହୋଇଥିବା ଫସଲ, ରାସ୍ତାଘାଟ କ୍ଷୟକ୍ଷତିର ଆକଳନ କରିଥିଲେ। ପରେ ଫତେପୁର ନେଞ୍ଚରା ଗ୍ରାମକୁ ଯାଇ ଘରଭଙ୍ଗା ଆକଳନ କରିଥିଲେ। ସ୍ଥାନୀୟ ତହସିଲଦାର, ବିଡିଓ ଏହି କାର୍ଯ୍ୟରେ ସହଯୋଗ କରିଥିଲେ। ପରେ ଏହି ଦଳ ପାନ୍ଥନିବାସରେ ଏକ ସମୀକ୍ଷା ବୈଠକ କରିଥିଲେ। ଶ୍ରୀଯୁକ୍ତ ବଶିଷ୍ଠଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଗତ ବନ୍ୟାର ବିଭିନ୍ନ ଚିତ୍ର ପ୍ରୋଜେକ୍ଟର ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ପରେ ଏହି ଦଳ ବନ୍ୟାର କ୍ଷତି, ଏହାର ନିରାକରଣ, ବନ୍ୟା ପରବର୍ତ୍ତୀ ସମୟରେ ବନ୍ୟା ପୀଡିତଙ୍କୁ ଯୋଗାଣ ହୋଇଥିବା ସହାୟତା ଆଦି ସମ୍ପର୍କରେ ପଚାରି ବୁଝିଥିଲେ। ଏହି ବୈଠକରେ ଜିଲ୍ଲାପାଳ ଡ. ଦାସ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ୟାମଭକ୍ତ ମିଶ୍ର, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଦାସଙ୍କ ସହିତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ ଜରିଆରେ ଓଡିଶା ରାଜ୍ୟ ଆଶାସାଥୀ ସଂଘର ଦାବିପତ୍ର ପ୍ରଦାନ

ରାୟଗଡ,୧୬।୯ (ନି.ପ୍ର): ଭାରତୀୟ ମଜୁଦର ସଂଘ ଦ୍ୱାରା ପରିଚାଳିତ ଓଡିଶା ରାଜ୍ୟ ଆଶା ସାଥୀ ସଂଘ ରାୟଗଡ ଜିଲ୍ଲା ଶାଖା ତରଫରୁ ରାୟଗଡ ଜିଲ୍ଲାପାଳଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକାଙ୍କ ଉଦ୍ଦେଶ୍ୟରେ ଏକ ୮ଦଫା ସମ୍ବଳିତ ଦାବିପତ୍ର ଅତିରକ୍ତ ଜିଲ୍ଲାପାଳ ଶରତଚନ୍ଦ୍ର ପ୍ରଧାନଙ୍କୁ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭାରତୀୟ ମଜଦୁର ସଂଘର ରାୟଗଡ ଜିଲ୍ଲା ସଭାପତି ତଥା ରାଜ୍ୟ ସଂପାଦକ ଯୋଗେଶ୍ୱର ଦାସ ଯୋଗ ଦେଇ ଓଡିଶାରେ କାର୍ଯ୍ୟରତ ଆଶାସାଥୀମାନଙ୍କ ସମସ୍ୟା ଓ ସରକାରଙ୍କ ଦ୍ୱାରା ସେମାନଙ୍କୁ କରାଯାଉଥିବା ଅବହେଳାକୁ ବରଦାସ୍ତ କରାଯିବ ନାହିଁ ଓ ଏଥିପାଇଁ ଏହିପରି ବିକ୍ଷୋଭ ଆଗାମୀ ଦିନରେ ଜାରି ରହିବ ବୋଲି କହିଛିଁ । ସେହିପରି ପ୍ରଦାନ କରାଯାଇଥିବା ୮ଦଫା ଦାବିଗୁଡିକ ମଧ୍ୟରେ ଆଶା ସାଥୀମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ କରିବା, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁସାରେ ୬ହଜାର ଟଙ୍କା ପ୍ରଦାନ କରିବା, ଆଶା ସାଥୀମାନଙ୍କର ୟୁନିଫର୍ମ ଲାଗୁ କରିବା, କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ପାଇଁ ଟ୍ରେନିଂ ଦେବା, ୧୩ବର୍ଷ ଧରି ଆଶା ଓ ଆଶା ସାଥୀ ଭାବେ କାର୍ଯ୍ୟ କରି ଆସୁଥିବାରୁ ବୀମା ଏବଂ ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନ କରିବା, ପ୍ରଧାନମନ୍ତ୍ରୀ ଘୋଷଣା କରିଥିବା ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା କାର୍ଯ୍ୟକାରୀ କରିବା, ଆୟୁଷ୍ମାନ ଭାରତ ଚିକିତ୍ସା ବୀମାକୁ ଆଶା ସାଥୀମାନଙ୍କ ପାଇଁ ଲାଗୁ କରିବା, ମହାମାରୀ କରୋନା ସମୟରେ କାର୍ଯ୍ୟ କରୁଥିବା ଆଶା ସାଥୀମାନଙ୍କୁ ପ୍ରୋତ୍ସାହନ ରାଶି ଓ ସୁରକ୍ଷା ଯୋଗାଇ ଦିଆଯିବା, ଆଦି ଦାବି ଉଲ୍ଲେଖ ରହିଛି । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ କାଳୀମନ୍ଦିର ଛକ ନିକଟରୁ କୋଭିଡ-୧୯ ଗାଇଡଲାଇନ ଅନୁସରଣ କରି ଆଶାସାଥୀମାନେ ଏକ ଶୋଭାଯାତ୍ରାରେ ବାହାରି ଦାବିପତ୍ର ପ୍ରଦାନ କରିଥିଲେ ।

## ହାତୀ ଟ୍ରେଞ୍ଚ ଖୋଳା ଅଧାପନ୍ତରିଆ

ଜଳେଶ୍ୱର,୧୬।୯ (ନି.ପ୍ର): ପ୍ରତିବର୍ଷ ଝାଡଖଣ୍ଡି ଓ ପଶ୍ଚିମବଂଗର ହାତୀ ବର୍ଷ ତମାମ ଓଡିଶାର ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକର ରାଇବଣିଆ ଅଂଚଳକୁ ଆସି ବ୍ୟାପକ କ୍ଷତି ଘଟାଇ ଆସୁଛି । ପ୍ରାରମ୍ଭିକ ସମାଧାନ ଲାଗି ବନବିଭାଗ ପକ୍ଷରୁ ପ୍ରାୟ ୪ କିମି. ଅଂଚଳରେ ହାତୀ ଟ୍ରେଞ୍ଚ ଖୋଳା ଯିବାର ସିଦ୍ଧାନ୍ତ ହୋଇଥିଲେ ହେଁ ମାତ୍ର ଅଦ୍ୟାବଧି ୨.୩୦୮ କିମି. ଖୋଳା ଯାଇଛି । ବର୍ଷ ତମାମ ହାତୀ ଗୁଡିକ ରାଇବଣିଆ,ଆମ୍ବତୁମ୍ବା, ଲୁହାପଡା, କେନ୍ଦୁଖୁଣ୍ଟା ରାସଗୋବିନ୍ଦପୁର, ବନବିହାର ରେଞ୍ଜ ଅଂଚଳରେ ରହୁଥିବା ବେଳେ କ୍ଷତି ଘଟାଇ ଆସୁଛନ୍ତି । ଚଳିତବର୍ଷ ବାହାଦୁର ମାରାଣ୍ଡି ନାମକ ଜୈନକ ଆଦିବାସୀଙ୍କୁ ହାତୀ ଦଳି ମାରିଥିବାରୁ ୪ଲକ୍ଷ ଟଙ୍କା ତାର ଉତ୍ତରାଧିକାରୀଙ୍କୁ ଦିଆଯାଇଥିବା ବେଳେ ଧାନ କ୍ଷୟକ୍ଷତି ଓ ଘରଭଂଗା ବାବଦକୁ ଅନ୍ୟ ୪ଲକ୍ଷ ଟଙ୍କା ସହାୟତା ଯୋଗାଇ ଦିଆଯାଇଥିବା ସଂପର୍କରେ ଜଳେଶ୍ୱର ରେଞ୍ଜର ସରୋଜ ମହାନ୍ତି କହିଛନ୍ତି । କିନ୍ତୁ ବାକିଥିବା ୧.୫ କିମିରୁ ଅଧିକ ଅଂଚଳରେ ହାତୀ ଟ୍ରେଞ୍ଚ ନିର୍ମାଣ ଲାଗି ସେ ଅଂଚଳର ଲୋକେ ଦାବି କରୁଛନ୍ତି । ହାତୀ ଗୁଡିକ ବ୍ୟାପକ କ୍ଷତି ଘଟାଇ ଆସୁଥିବାରୁ ଜନଅସନ୍ତୋଷ ବ୍ୟାପକ ହେବାରେ ଲାଗିଛି । ଟ୍ରେଞ୍ଚ ଖୋଳା ସଂର୍ପକରେ ବନବିଭାଗର ମତାମତ ଲୋଡିବାକରୁ ଆର୍ଥୀକ ବ୍ୟବସ୍ଥାକୁ ଲକ୍ଷ କରି ଟ୍ରେଞ୍ଚ ଖୋଳାଯିବା କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି କହିଛନ୍ତି ।

## ବଲାଙ୍ଗୀର ଜିଲ୍ଲାର କ୍ରୀଡ଼ା ଭିତିଭୂମି ଓ ଇ-ସେବା କାର୍ଯ୍ୟର ସମୀକ୍ଷା କଲେ ମନ୍ତ୍ରୀ ତୁଷାରକାନ୍ତି ବେହେରା

ଭୁବନେଶ୍ୱର,୧୬।୯ (ନି.ପ୍ର): ଇଲେକ୍ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତିବିଦ୍ୟା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ଆଜି ବଲାଙ୍ଗୀର ଜିଲ୍ଲା ଗସ୍ତରେ ଆସି ଜିଲ୍ଲାର ବିଭିନ୍ନ କ୍ରୀଡ଼ା ଭିତିଭୂମି ଓ ଜନସାଧାରଣଙ୍କୁ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ଇ-ସେବା କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ଆଜି ପୂର୍ବାହ୍ନରେ ମନ୍ତ୍ରୀ ଶ୍ରୀ ବେହେରା ବଲାଙ୍ଗୀର ସର୍କିଟ ହାଉସଠାରେ ଜିଲ୍ଲାପାଳ ଚଂଚଳ ରାଣୀ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କ ସହ ଜିଲ୍ଲାର କ୍ରୀଡ଼ା ଭିତିଭୂମି, ସମସ୍ତ ଷ୍ଟାଡିୟମର ସ୍ଥିତି, ସ୍ପୋର୍ଟ ହଷ୍ଟେଲରେ ଦିଆଯାଉଥିବା ଖାଦ୍ୟପେୟ ଓ ଖେଳାଳୀ ମାନଙ୍କ ତାଲିମ ନେଇ ଆଲୋଚନା କରିଥିଲେ । ଏଥି ସହିତ ଜିଲ୍ଲା, ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ ଜନସାଧାରଣଙ୍କୁ ଇ-ସେବା ପ୍ରଦାନ, ଜିଲ୍ଲାବାସୀଙ୍କୁ ନିରନ୍ତର ଇଂଟରନେଟ ସୁବିଧା ଯୋଗାଣ ବିଷୟରେ ଆଲୋଚନା କରିଥିଲେ । ସରକାରୀ ସ୍ତରରେ ଓଏସଡବ୍ଲୁଏଏନର ବହୁଳ ବ୍ୟବହାର ଓ ତ୍ୱରିତ ଢ଼ଙ୍ଗରେ ଜନସାଧାରଣଙ୍କୁ ବିଭିନ୍ନ ସେବା ଯୋଗାଇଦେବା ନେଇ ମନ୍ତ୍ରୀ ଜିଲ୍ଲାପାଳ ଓ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଜିଲ୍ଲାରେ ମୋବାଇଲ ଘନତ୍ୱ ଅନୁଯାୟୀ ନେଟୱର୍କ ସେବା ପ୍ରଦାନ ଓ ନିରନ୍ତର ଇଂଟରନେଟ ସେବା ଯୋଗାଣ ନେଇ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ । ଆଜି ମନ୍ତ୍ରୀ ଶ୍ରୀ ବେହେରା ଇନଟିଗ୍ରେଟେଡ଼ ଇଣ୍ଡୋର ଷ୍ଟାଡିୟମ ପରିଦର୍ଶନରେ ଯିବା ସହ ଖେଳାଳୀ ମାନଙ୍କ ସହ ସେମାନଙ୍କ କ୍ରୀଡ଼ା ଅଭ୍ୟାସ ବିଷୟରେ ଆଲୋଚନା କରିଥିଲେ । ଏଥି ସହିତ ମନ୍ତ୍ରୀ ଶ୍ରୀ ବେହେରା ଜିଲ୍ଲାର ବିଭିନ୍ନ କ୍ରୀଡ଼ା ସଙ୍ଘ ସହିତ କ୍ରୀଡ଼ା ଭିତିଭୂମି ଓ ତାଲିମ ସୁବିଧା ବିଷୟରେ କଥା ହୋଇଥିଲେ । ଅପରାହ୍ନରେ ମନ୍ତ୍ରୀ ବଲାଙ୍ଗୀର ଜିଲ୍ଲା ଷ୍ଟାଡିୟମ ପରିଦର୍ଶନରେ ଯାଇ କ୍ରୀଡ଼ା ଭିତିଭୂମିର ତଦାରଖ କରିଥିଲେ । ବର୍ତମାନର କୋଭିଡ୍ ବିପର୍ଯ୍ୟୟ ସମୟରେ ମୁଖ୍ୟମନ୍ତ୍ରୀଙ୍କ ୫-ଟି ମନ୍ତ୍ରକୁ ସଫଳ କରିବା ପାଇଁ ମନ୍ତ୍ରୀଙ୍କ ଏହି ଗସ୍ତ ବେଶ୍ ସହାୟକ ହେବ ବୋଲି ଜିଲ୍ଲାର ବୁଦ୍ଧିଜୀବି ମାନେ ଆଶା ରଖିଛନ୍ତି । ଆସନ୍ତା କାଲି ମନ୍ତ୍ରୀ ଶ୍ରୀ ବେହେରା ସୋନପୁର ଜିଲ୍ଲା ଯିବାର କାର୍ଯ୍ୟକ୍ରମ ରହିଛି।

## "ଓଡିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ-୨୦୨୦" ଉଚ୍ଚ ଶିକ୍ଷା ବିରୋଧୀ: ବିଜେପି

ଭୁବନେଶ୍ୱର, ୧୬ ସେପ୍ଟେମ୍ବର – ରାଜ୍ୟ ସରକାର କ୍ଷମତାର ଅପବ୍ୟବହାର କରି ସମସ୍ତ କ୍ଷେତ୍ରରେ ନିଜର ଆଧିପତ୍ୟ ଜାହିର୍ କରିବାର ଅପଚେଷ୍ଟା କରୁଛନ୍ତି । କିଛିମାତ୍ର ମୁଷ୍ଟିମେୟ ପ୍ରଶାସନିକ ଅଧିକାରୀଙ୍କ ସହାୟତାରେ ତରବରିଆ ଭାବେ ଏ ସମସ୍ତ କାର୍ଯ୍ୟ ହେଉଛି । ଏହାର ସଦ୍ୟତମ ଉଦାହରଣ ହେଲା "ଓଡିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ-୨୦୨୦" । ଗତ ସେପ୍ଟେମ୍ବର ୪ ତାରିଖରେ ରାଜ୍ୟ ସରକାର ତରବରିଆ ଭାବେ ଏହି ଅଧିନିୟମକୁ ମଞ୍ଜୁରୀ ପ୍ରଦାନ କଲେ । ଏପରିକି ଏହି ଅଧିନିୟମ ପ୍ରସଙ୍ଗରେ କୌଣସି ବୁଦ୍ଧିଜିବୀ, ଶିକ୍ଷାବିତ୍, ବିଶିଷ୍ଟ ନାଗରିକ, ହିତକ୍ଷାଙ୍କିଙ୍କ ସହ ଆଲୋଚନା ମଧ୍ୟ କରିଲେ ନାହିଁ । ଅନ୍ୟ ପଟେ ଏହି ଅଧିନିୟମ ପାସ୍ ନ ହେଉଣୁ ରାଜ୍ୟର ଶିକ୍ଷା ସଚିବ ବିଶ୍ୱବିଦ୍ୟାଳୟଗୁଡିକର ଦୈନନ୍ଦନୀୟ କାର୍ଯ୍ୟରେ ହସ୍ତକ୍ଷେପ କରିବା ଆରମ୍ଭ କରିଦେଇଛନ୍ତି । ଏହା ଦ୍ୱାରା ବିଶ୍ୱବିଦ୍ୟାଳୟର ସ୍ୱାୟତ୍ୱତା କ୍ଷୁର୍ଣ୍ଣ ହେବା ସହ କୁଳାଧିପତିଙ୍କ ମର୍ଯ୍ୟାଦାର ହାନି ହେଉଛି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଏହା ଦ୍ୱାରା ରାଜ୍ୟରେ ଉଚ୍ଚ ଶିକ୍ଷାର ମାନ ହ୍ରାସ ପାଇବ ବୋଲି ରାଜ୍ୟ ସାଧାରଣ ସଂପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି । ବିଶ୍ୱବିଦ୍ୟାଳୟମାନଙ୍କରେ କୁଳପତି ଚୟନ ପ୍ରକ୍ରିୟା ରାଜ୍ୟପାଳଙ୍କ ଦ୍ୱାରା ସ୍ଥିର ହୋଇଥିବା ସର୍ଚ୍ଚ କମିଟି ଜରିଆରେ ହୋଇଥାଏ । ଏଥିରେ ଶିକ୍ଷା ସଚିବଙ୍କ ଭୂମିକା ଆଦୌ ନାହିଁ । ମାତ୍ର "ଓଡିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ-୨୦୨୦" ପାସ୍ ହେବା କ୍ଷଣି ୪ ତାରିଖ ଦିନ ରାଜ୍ୟର ଶିକ୍ଷା ସଚିବ ତତ୍‌କ୍ଷଣାତ୍ ରାଜ୍ୟପାଳଙ୍କୁ ପତ୍ର ଲେଖି ବିଶ୍ୱବିଦ୍ୟାଳୟମାନଙ୍କରେ କୁଳପତି ପଦ ପାଇଁ ଆବେଦନକାରୀଙ୍କ ଦରଖାସ୍ତଗୁଡିକୁ ଦେବା ପାଇଁ କହିଥିଲେ । ଏହାର ୩ ଦିନ ପରେ ଅର୍ଥାତ ୭ ତାରିଖ ଦିନ ଶିକ୍ଷା ସଚିବ ଓପିଏସସିକୁ ପତ୍ର ଲେଖି ବିଶ୍ୱବିଦ୍ୟାଳୟମାନଙ୍କରେ ଖାଲି ପଡିଥିବା ଅଧ୍ୟାପକ ପଦପଦବୀ ଦରଖାସ୍ତକୁ ଅନୁଧ୍ୟାନ କରି ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଲେ । ଶିକ୍ଷା ସଚିବ ଗତ କାଲି ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟର ରେଜିଷ୍ଟାର ଏବଂ କଂଟ୍ରୋଲର (ଅର୍ଥ)ଙ୍କୁ ପତ୍ର ଲେଖି ଆଜି ଅନୁଷ୍ଠିତ ହେବାକୁ ଥିବା ବୈଠକରେ ଭିଡିଓ କନଫରେନ୍ସ ଜରିଆରେ ବାଧ୍ୟତା ଭାବେ ଯୋଗ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ଉକ୍ତ ଅଧିନିୟମରେ ସବୁ ନିୟମକୁ କାର୍ଯ୍ୟକାରୀ କରାଯିବାକୁ ନେଇ ଆଲୋଚନା ହେବାର ସ୍ଥିର ହୋଇଛି । ଆସନ୍ତା ୨୯ ତାରିଖ ଦିନ ବିଧାନସଭା ଅଧିବେଶନରେ ଆଲୋଚନା ନକରି ରାଜ୍ୟ ସରକାର କାହିଁକି ତରବରିଆ ଓ ଜୋରଜବରଦସ୍ତ ଭାବେ "ଓଡିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ-୨୦୨୦"କୁ କାର୍ଯକାରୀ କରିବାକୁ ପ୍ରଚେଷ୍ଟା କରୁଛନ୍ତି ବୋଲି ଡ.ସାମନ୍ତସିଂହାର ପ୍ରଶ୍ନ କରିଛନ୍ତି । ଡ,ସାମନ୍ତସିଂହାର କହିଛନ୍ତି ଯେ, ଶିକ୍ଷକ ଓ ଅଣଶିକ୍ଷକମାନଙ୍କୁ ପ୍ରକ୍ରିୟା ଅନୁସାରେ ନିଯୁକ୍ତି ଦେବା ହେଉଛି ବିଶ୍ୱବିଦ୍ୟାଳୟମାନଙ୍କର ମୌଳିକ ସ୍ୱାଧୀନତା ଏବଂ ଏଥି ସହ ଉନ୍ନତମାନର ଶିକ୍ଷା ପ୍ରଦାନ କରିବାର ସ୍ୱାଧୀନତା ରହିଛି । ପ୍ରଶାସନିକ ଅଧିକାରୀମାନେ ବିଶ୍ୱବିଦ୍ୟାଳୟର ଦାୟୀତ୍ୱ ନେଲେ ସୁଚାରୁ ରୂପେ କାର୍ଯ୍ୟ ସଂପାଦନା ହେବାର ବଡ ପ୍ରଶ୍ନବାଚୀ । ଏହା ସହ ଅନୁଷ୍ଠାନର ମୁଖ୍ୟ ଜଣେ ପ୍ରଶାସନିକ ଅଧିକାରୀ ହେଲେ, ରାଜନୈତିକ ହସ୍ତକ୍ଷେପ ଓ ଚାପ କାରଣରୁ ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷାର ମାନ ହ୍ରାସ ପାଇବ ବୋଲି ଡ.ସାମନ୍ତସିଂହାର କହିଛନ୍ତି । ରାଜ୍ୟର ସମସ୍ତ ଶିକ୍ଷାବିତ୍, ବୁଦ୍ଧିଜୀବି, ବିଶିଷ୍ଟ ନାଗରିକ, ହିତକ୍ଷାଂକୀମାନେ ଏହି "ଓଡିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ-୨୦୨୦"କୁ ବିରୋଧ କରୁଥିବାବେଳେ, ତରବରିଆ ଏବଂ ଜୋରଜବରଦସ୍ତ ଭାବେ ଏହାକୁ କାର୍ଯ୍ୟକାରୀ କରାଇ ରାଜ୍ୟ ସରକାର ନିଜର ଉଚ୍ଚ ଶିକ୍ଷା ବିରୋଧୀ ବାର୍ତାକୁ ସ୍ପଷ୍ଟ କରିଛନ୍ତି । ରାଜ୍ୟରେ ଉଚ୍ଚ ଶିକ୍ଷାର ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟସରକାର ଏହି ଅଧିନିୟମକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଡ.ସାମନ୍ତସିଂହାର ଦାବୀ କରିଛନ୍ତି ।

## କରୋନାରେ ୨୪ ଘଂଟାରେ ଭୁବନେଶ୍ୱରରେ ୩୬୨ ଆକ୍ରାନ୍ତ: ସୁସ୍ଥ ହେଲେ ୪୦୬ ଜଣ ଆକ୍ରାନ୍ତ

ଭୁବନେଶ୍ୱର,୧୬।୯ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜଧାନୀ ଭୁବନେଶ୍ୱରରୁ ୩୬୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବିଏମସି ପକ୍ଷରୁ ଟୁଇଟ କରି ଏହି ସୂଚନା ଦିଆ ଯାଇଛି । ବିଏମସି ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜିର ସଂକ୍ରମିତଙ୍କ ମଧ୍ୟରେ ସଂଗରୋଧରୁ ୭୬ ଜଣ ଥିବା ବେଳେ ଅନ୍ୟ ୨୮୬ ଜଣ ସ୍ଥାନୀୟ ସଂକ୍ରମଣ ଯୋଗୁଁ ଆକ୍ରାନ୍ତ ହୋଇଛନ୍ତି । ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି । ବିଏମସି ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଆଜି ଭୁବନେଶ୍ୱରର ସଂଗରୋଧରୁ ଚିହ୍ନଟ ସମସ୍ତ ୭୬ ଜଣ ଆକ୍ରାନ୍ତ ପୂର୍ବରୁ ଚିହ୍ନଟ ହୋଇଥିବା ପଜିଟିଭ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଛନ୍ତି । ଏଥିରେ ଏକ ଘରୋଇ ହସ୍ପିଟାଲରୁ ୧୦ ଜଣ, ଖଣ୍ଡଗିରିରୁ ୭ ଜଣ, ଅନ୍ୟ ଜିଲ୍ଲାରୁ ୬ ଜଣ, ନୟାପଲ୍ଲୀରୁ ୬ ଜଣ କରୋନା ଆକ୍ରାନ୍ତ ଅଛନ୍ତି । ସ୍ଥାନୀୟ ସଂକ୍ରମଣ ଯୋଗୁଁ ଆଜି ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ ଏକ ଘରୋଇ ହସ୍ପିଟାଲରୁ ୧୮ ଜଣ ଅଛନ୍ତି । ସେହିପରି ଜଣ ୨ ପୁଲିସ କର୍ମଚାରୀ ମଧ୍ୟ କରୋନା ଆକ୍ରାନ୍ତ ହୋଇଥିବା ଜଣାଯାଇଛି । ନୟାପଲ୍ଲୀରୁ ୧୩ ଜଣ, ବରମୁଣ୍ଡାରୁ ୮ ଜଣ, ପଟିଆ ରେଳ ଷ୍ଟେସନ ନିକଟରୁ ୮ ଜଣ, ସୁନ୍ଦରପଦାରୁ ୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଅନ୍ୟ ପକ୍ଷରେ ଆଜି ଭୁବନେଶ୍ୱରରୁ ମୋଟ ୪୦୬ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଥିରେ ନୟାପଲ୍ଲୀରୁ ସର୍ବାଧିକ ୧୮ ଜଣ, ୟୁନିଟ-୨ ଓ ୟୁନିଟ-୩ରୁ ୧୫ ଜଣ, କଳିଙ୍ଗ ନଗର ଅଂଚଳରୁ ୧୬ ଜଣ, ବରମୁଣ୍ଡା ଏଚବି କଲୋନିରୁ ୯ ଜଣ ଅଛନ୍ତି । ଉଲ୍ଲେଖନୀୟ ଯେ ଭୁବନେଶ୍ୱରରେ ଏପର୍ଯ୍ୟନ୍ତ ୧୭ ହଜାର ୨୯୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏଥିରୁ ୧୨ ହଜାର ୬୯୪ ଜଣ ସୁସ୍ଥ ହୋଇଥିବା ବେଳେ ୪ ହଜାର ୫୨୪ ଜଣ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି । କିନ୍ତୁ ୬୪ ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି ।

## ଆଜି ଚିହ୍ନଟ ହେଲେ ଆଉ ନୂଆ ୫୫ ଆକ୍ରାନ୍ତ

ଭଦ୍ରକ,୧୬।୯ (ନି.ପ୍ର): ଭଦ୍ରକ ଜିଲ୍ଲାରୁ ଆଜି ଆଉ ନୂଆ ୫୫ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲ୍ଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ଏବେ ୪୧୩୯ ହୋଇଛି। ଅନ୍ୟପକ୍ଷରେ ଆଉ ୩୪ ଆକ୍ରାନ୍ତ ସୁସ୍ଥ ହେବା ପରେ ମୋଟ ସୁସ୍ଥଙ୍କ ସଂଖ୍ୟା ୩୩୧୨ ହୋଇଛି। ଏବେ ଆଉ ୮୧୭ ଜଣ ଆକ୍ରାନ୍ତ ଆକ୍ଟିଭ ଅଛନ୍ତି। ସୂଚନା ଅନୁଯାୟୀ ନୂତନ ଆକ୍ରାନ୍ତଙ୍କ ମଧ୍ୟରେ ବାସୁଦେବପୁର ବ୍ଲକରୁ ୩ଜଣ, ବାସୁଦେବପୁର ପୌରପାଳିକାରୁ ୩ଜଣ, ଭଦ୍ରକ ବ୍ଲକରୁ ୯ଜଣ, ଭଦ୍ରକ ପୌରପାଳିକାରୁ ୧୨, ବନ୍ତ ବ୍ଲକରୁ ୭ଜଣ, ଭଣ୍ଡାରିପୋଖରୀ ବ୍ଲକରୁ ୧୩ଜଣ, ଧାମନଗର ବ୍ଲକରୁ ୨ଜଣ, ତିହିଡି ବ୍ଲକରୁ ୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆଜି ସୁଦ୍ଧା ଜିଲ୍ଲାରୁ ମୋଟ ୬୫ ହଜାର ୮୭୬ ନମୁନା ପରୀକ୍ଷା ହୋଇଛି।

## ମହାତ୍ମା ଗାନ୍ଧୀଙ୍କ ଗ୍ରାମ ସ୍ୱରାଜକୁ କାର୍ଯ୍ୟକାରୀ କରିବାରେ ଦୋଳଗୋବିନ୍ଦ ଥିଲେ ଅଗ୍ରଣୀ ନେତା - ନିରଞ୍ଜନ ପଟ୍ଟନାୟକ

ଭୁବନେଶ୍ୱର ,୧୬।୯ (ନି.ପ୍ର): ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ ଦୋଳଗୋବିନ୍ଦ ପ୍ରଧାନଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକ ଆଜି ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ପାଳିତ ହୋଇଯାଇଛି । ପୂର୍ବାହ୍ନରେ ପଣ୍ଡିତ ବିନୋଦ ବିହାରୀ ଦାଶଙ୍କ ଦ୍ୱାରା ଆର୍ଯ୍ୟ ଭବନ ଠାରେ ବୈଦିକ ଶାନ୍ତି ଯଜ୍ଞ କରାଯିବା ସହ ୯ ଘଂଟା ସମୟରେ ବୁଦ୍ଧ ମନ୍ଦିର ଠାରେ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ସାମୂହିକ ଦୀପଦାନ କାର୍ଯ୍ୟକ୍ରମକୁ ଯୋଗଗୁରୁ ନାରାୟଣ ଚନ୍ଦ୍ର ନନ୍ଦ ଉଦ୍‌ଘାଟନ କରିଥିଲେ । କୋଳଥିଆ ସ୍ମୃତିବନ ଠାରେ ବିଶିଷ୍ଟ ସମାଜସେବୀ ସୀତାବଲ୍ଲଭ ମହାପାତ୍ର ଓ ପୂର୍ବତନ ଡିନ୍ ପ୍ରଫେସର ବୁଦ୍ଧଦେବ ମିଶ୍ର ବୃକ୍ଷ ପୂଜା କରିଥିଲେ । ସ୍ୱର୍ଗତଃ ପ୍ରଧାନଙ୍କ ଦ୍ୱାରା ପ୍ରତିଷ୍ଠିତ ମହାତ୍ମା ଗାନ୍ଧୀ ଅହିଂସା ଐତିହ୍ୟ ପ୍ରତିଷ୍ଠାନ ପକ୍ଷରୁ ସଭାପତି ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଜୁମ୍ ଭିଡିଓ ଯୋଗେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ସନ୍ଥ ଶ୍ରୀମଦ୍ ବାବା ବଳିଆ କହିଲେ ଯେ ଛାତ୍ର ଜୀବନରୁ ବାନର ସେନାରେ ଯୋଗଦେଇ ସେ ବ୍ରିଟିଶ ସରକାର ଦ୍ୱାରା ବନ୍ଦୀ ହେଲେ । ଜେଲ୍‌ରେ ରହିବା ସମୟରେ ସେ ବହୁତ କିଛି ଶିକ୍ଷା କଲେ, ଯାହାକୁ ସେ ତାଙ୍କ ଜୀବନକାଳରେ ପ୍ରୟୋଗ କରି ନିରୋଗୀ ଜୀବନଯାପନ କରିପାରିଥିଲେ । ମୁଖ୍ୟ ଅତିଥି ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ କହିଲେ ଯେ, ସେ ଜଣେ ସ୍ୱାଧିନତା ସଂଗ୍ରାମୀ ଭାବେ ଗାନ୍ଧୀଜୀଙ୍କ ଗ୍ରାମ ସ୍ୱରାଜ ଆନ୍ଦୋଳନକୁ ସେ ନିଜ ଅଂଚଳରେ ଠିକଣା ଭାବେ ପ୍ରୟୋଗ କରିଥିଲେ । ମା'ଘରର ସଭାନେତ୍ରୀ ରତ୍ନପୂର୍ଣ୍ଣା ମହାନ୍ତି ମୂଲ୍ୟବୋଧ ରାଜନୀତିର ପ୍ରତୀକ ଥିଲେ ବୋଲି କହିଥିଲେ । ଉତ୍କଳ ମେଲ୍‌ର ମୁଖ୍ୟ ସଂପାଦକ ପୀତବାସ ମିଶ୍ର ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ ସେମାନଙ୍କ ତ୍ୟାଗ ଉପରେ ଆମେ ଭୋଗ କରୁଛୁ । ପ୍ରତିଷ୍ଠାନର କାର୍ଯ୍ୟକାରୀ ସଭାପତି ଶିକ୍ଷାବିତ୍ ଡଃ ବଦ୍ରିନାଥ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ସ୍ୱର୍ଗତଃ ପ୍ରଧାନଙ୍କ ପୁତ୍ର ପୁଷ୍ପରାଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ଓ ପୂର୍ବତନ ଅଧ୍ୟକ୍ଷ ଡଃ ଆର୍ତତ୍ରାଣ ମିଶ୍ର ଏକ ଭଜନ ଗାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଇଂ. ବିବେକାନନ୍ଦ ପାତ୍ର, ବାସ୍ତୁବିତ୍ ଡଃ ମନୋଜ ଲେଙ୍କା, ଡଃ ସୌରେନ୍ଦ୍ର କୁମାର ମହାପାତ୍ର, ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, ଅଧ୍ୟାପକ ପ୍ରଣବ ପାଟ୍ଟଯୋଶୀ ଓ ଡଃ ରଶ୍ମି ଦାସ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । କାର୍ଯ୍ୟକ୍ରମକୁ ଦେବରାଜ ପ୍ରଧାନ, ପୃଥ୍ୱୀରାଜ ପ୍ରଧାନ ଓ ପ୍ରଜ୍ଞାରାଜ ପ୍ରଧାନ ପରିଚାଳନା କରିଥିଲେ ।

## ରୋଗୀଙ୍କ କଟକ ଏବଂ ଭୁବନେଶ୍ୱରକୁ ଯିବା ଉପରେ ରାଜ୍ୟ ସରକାର ପ୍ରତିବନ୍ଧକ ଲଗାଇ ନାହାନ୍ତି : ମୁଖ୍ୟଶାସନ ସଚିବ

ଭୁବନେଶ୍ୱର,୧୬।୯ (ନି.ପ୍ର): ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ କହିଛନ୍ତି ଯେ ରାଜ୍ୟ ସରକାର ରୋଗୀଙ୍କ କଟକ ଏବଂ ଭୁବନେଶ୍ୱରକୁ ଯିବା ଉପରେ ପ୍ରତିବନ୍ଧକ ଲଗାଇ ନାହାନ୍ତି । ଶ୍ରୀ ତ୍ରିପାଠୀ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି । ସେ ଏହି ଟ୍ୱିଟରେ ସ୍ପଷ୍ଟ କରିଛନ୍ତି ଯେ ଉପଯୁକ୍ତ ଡାକ୍ତରୀ ପରାମର୍ଶ ଓ ଉପକରଣ ସହ ରୋଗୀ ମାନେ ଯାତ୍ରା କରିବାକୁ ସୁନିଶ୍ଚିତ କରିବା ପାଇଁ ରେଗୁଲେଟ କରିବା ପାଇଁ ଉଦ୍ଦିଷ୍ଟ । ବିଭିନ୍ନ ଜିଲ୍ଲାରୁ ଡାକ୍ତରୀ ପରାମର୍ଶ କ୍ରମେ ଆସୁଥିବା ଆକ୍ରାନ୍ତ ମାନେ ଉପଯୁକ୍ତ ଚିକିତ୍ସା ଉପକରଣ, ଅକ୍ସିଜେନ ସିଲିଣ୍ଡର ଆଣିବା ଆବଶ୍ୟକ । ଅତୀତରେ ଅବହେଳା ଓ ଦାୟିତ୍ୱହୀନତା ପାଇଁ ଅନେକ ଗୁରୁତର ସମସ୍ୟା ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି ।

## କେନ୍ଦ୍ରର ଶ୍ରମିକ ବିରୋଧୀ ଓ ଶ୍ରମକୋଡ୍ ବାତିଲ୍ କରିବା ନେଇ ଏଆଇସିସିଟିୟୁ ପକ୍ଷରୁ ବିକ୍ଷୋଭ

ଭୁବନେଶ୍ୱର,୧୬।୯ (ନି.ପ୍ର): ଏଆଇସିସିଟିୟୁ ପକ୍ଷରୁ ଶ୍ରମିକ ବିରୋଧୀ ଓ ଶ୍ରମ କୋଡ଼ ବାତିଲ୍ କରିବା ନେଇ ଭୁବନେଶ୍ୱରରେ ବିକ୍ଷୋଭ ପ୍ରଦର୍ଶନ ହୋଇଯାଇଛି। ସେପ୍ଟେମ୍ବର ୧୬ରୁ ୨୮ ତାରିଖ ପର୍ଯ୍ୟନ୍ତ ଶ୍ରମିକ ଅଧିକାର ଅଭିଯାନ ଏଆଇସିସିଟିୟୁ ପକ୍ଷରୁ ଦେଶବ୍ୟାପୀ କରାଯିବ। ସରକାର ୮ ଘଂଟା କାର୍ଯ୍ୟ ଦିବସକୁ ୧୨ ଘଂଟାକୁ ବାତିଲ୍ କରିବା, ଶ୍ରମ କୋଡ୍‌କୁ ବାତିଲ୍ କରିବା ଓ ଶ୍ରମିକମାନଙ୍କ ଅଧିକାରକୁ ସୁରକ୍ଷା ଦେବା ସହିତ ମୋଦି ସରକାରର ଶ୍ରମିକ ବିରୋଧୀ ଓ ଜନବିରୋଧୀ ନୀତି ସମ୍ପର୍କରେ ବ୍ୟାପକ ଅଭିଯାନ କରାଯିବ ବୋଲି ଏଆଇସିସିଟିୟୁର ରାଜ୍ୟ ସାଧାରଣ ସମ୍ପାଦକ ମହେନ୍ଦ୍ର ପରିଡ଼ା ପ୍ରକାଶ କରିଛନ୍ତି। ଅପରପକ୍ଷରେ ଦେଶର ଲାଭଜନକ ଉଦ୍ୟୋଗକୁ କର୍ପୋରେଟ କମ୍ପାନୀ ହାତକୁ ଟେକିଦେବା, ରେଳବାଇର ଘରୋଇକରଣ କରାଯିବା ଏହି ଅଭିଯାନ ମାଧ୍ୟମରେ ଶ୍ରମଜୀବି ଜନଗଣଙ୍କୁ ଅବଗତ କରାଇବା ସହିତ ମୋଦି ସରକାରଙ୍କ ଜନବିରୋଧୀ ନୀତି ବିରୁଦ୍ଧରେ ଏକ ଶକ୍ତିଶାଳୀ ଶ୍ରମଜୀବି ଆନ୍ଦୋଳନ ଗଢି ତୋଳିବାକୁ ଏଆଇସିସିଟିୟୁର କାର୍ଯ୍ୟକାରୀ ସଭାପତି ତଥା ପ୍ରାକ୍ତନ ବିଧାୟକ ରାଧାକାନ୍ତ ସେଠି ଆହ୍ୱାନ ଦେଇଛନ୍ତି। ଏହି ପ୍ରତିବାଦରେ ଏଆଇସିସିଟିୟୁର ଉପସଭାପତି ବଂଶୀଧର ପରିଡ଼ା, ସମ୍ପାଦକ ମାନସ ପ୍ରଧାନ, ସଫେଇ କର୍ମଚାରୀ ସଂଗଠନର ଶଙ୍କର ନାୟକ ଓ ଉପେନ୍ଦ୍ର ସାହୁ ଉପସ୍ଥିତ ରହି ଅଭିଯାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

# ବଡ଼ଭାଇର ଆକ୍ରମଣରେ ସାନଭାଇ ଗୁରୁତର

କୋରେଇ,୧୬।୯ (ନି.ପ୍ର): ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅନ୍ତର୍ଗତ ଶଙ୍ଖଚିଲା ଫାଣ୍ଡି ଅଧିନରେ ଥିବା ଜହ୍ନା ପଂଚାୟତର ଛୋଟରାୟପୁର ଗ୍ରାମର ହରିଜନ ସାହିରେ ଏକ ଅଭାବନୀୟ ଘଟଣା ଘଟିଛି । ବଡ଼ଭାଇ ଓ ତାର ପରିବାରର ମରଣାନ୍ତକ ଆକ୍ରମଣରେ ସାନଭାଇ ଗୁରୁତର ଭାବେ ଆହତ ହୋଇ କଟକ ବଡ଼ ଡ଼ାକ୍ତରଖାନାରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି । ଏ ନେଇ ସାନଭାଇର ପତ୍ନୀ ଶଙ୍ଖଚିଲା ଫାଣ୍ଡିରେ ଏକ ଏତଲା ଦେବାପରେ ପୁଲିସ ମାମଲାର ଛାନଭିନ୍ କରୁଛି । ମିଳିଥିବା ସୂଚନାନୁସାରେ ଉକ୍ତ ସାହିର କୈଳାସ ମଲିକଙ୍କ ତିନି ପୁଅ କାର୍ତ୍ତିକ, ରଞ୍ଜନ ଓ କେଶବଙ୍କ ମଧ୍ୟରୁ ରଞ୍ଜନ ଆଠ ଦଶ ବର୍ଷ ହେଲା ଘରଠାରୁ ଅଲଗା ହୋଇ ରହୁଅଛି । ତେବେ ବିଭିନ୍ନ କାରଣକୁ ନେଇ ରଞ୍ଜନ ଓ ତାର ପତ୍ନୀ ମାମିକୁ ଦୁଇ ଭାଇ କାର୍ତ୍ତିକ ଓ କେଶବ ଗଣ୍ଡଗୋଳ କରିଆସୁଥିଲେ ମଧ୍ୟ ଗ୍ରାମର ମୁରବୀ ଓ ସ୍ଥାନୀୟ ଫାଣ୍ଡିରେ ସମାଧାନ ହୋଇଛି । ମାତ୍ର ଗତ ୯ ତାରିଖ ଦିନ ରଞ୍ଜନର ମାଆ ରେବତୀ ଓ ତାର ବିବାହିତା ଭଉଣୀ ରୀତା ସହିତ ତାର ପତ୍ନୀ ମାମିର କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା । ଏ ନେଇ ରଞ୍ଜନ ତାର ଭଉଣୀ ଓ ମାଆକୁ ଗଣ୍ଡଗୋଳରୁ ନିବୃତ ରହିବାକୁ ବାରଣ କରିଥିଲା । ପରେ ସଂଧ୍ୟାରେ ରଞ୍ଜନର ଦୁଇ ଭାଇ କାର୍ତ୍ତିକ ଓ କେଶବ ଘରକୁ ଫେରିବା ପରେ ସମସ୍ତ ଘଟଣା ସମ୍ପର୍କରେ ଅବଗତ ହେବାପରେ ଦୁଇ ଭାଇ, ଭଉଣୀ ଓ ମାଆ ମିଶି ରଞ୍ଜନକୁ ଏକ ଠେଙ୍ଗା ଓ ପନିକି ସାହାଯ୍ୟରେ ମୁଣ୍ଡକୁ ପିଟିଥିଲେ । ସ୍ୱାମୀକୁ ନିର୍ଦ୍ଦୟ ଭାବେ ପିଟୁଥିବାର ଦେଖି ମାମି ବଂଚାଇବାକୁ ଦୌଡ଼ି ଆସିବାରୁ ତାକୁ ମଧ ନିର୍ଘାତ ମାଡ଼ ମାରିବା ସହିତ ସଂଜ୍ଞାହୀନ ଅବସ୍ଥାରେ ପାଖ ବିଲରେ ଫୋପାଡ଼ି ଦେଲେ । ଏମାନଙ୍କର ଗଣ୍ଡଗୋଳ ଶୁଣି ପାଖ ପଡ଼ୋଶୀ ମାନେ ଦୌଡ଼ି ଆସିବାରୁ ଦୁଇ ଭାଇ ଓ ପରିବାର ଲୋକେ ରଞ୍ଜନ ଓ ମାମୀକୁ ଛାଡ଼ି ପଳାଇଲେ । ପରେ ଗ୍ରାମବାସୀଙ୍କ ସହାୟତାରେ ତାକୁ ଯାଜପୁର ରୋଡ଼ ମୁଖ୍ୟ ଚିକତ୍ସାଳୟରେ ଭର୍ତ୍ତି କରାଯିବା ପରେ ଡ଼ାକ୍ତର ତାକୁ କଟକ ବଡ଼ ମେଡ଼ିକାଲକୁ ରେଫର କରିଥିଲେ । ସେଠାରୁ ଡ଼ିସଚାର୍ଜ ହୋଇ ଫେରିବା ପରେ ମାମୀ ତାଙ୍କ ସ୍ୱାମୀ ରଞ୍ଜନ ଓ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଦେଢଶୁର କାର୍ତ୍ତିକ, ଦିଅର କେଶବ, ଶାଶୂ ରେବତୀ ଓ ନଣନ୍ଦ ରୀତା ନାମରେ ଶଙ୍ଖଚିଲା ଫାଣ୍ଡିରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ପୁଲିସ ଘଟଣାର ତଦନ୍ତ ଚଳାଇଛି ।

## ରାଇବଣିଆ ଥାନାର ଥାନା ଅଧିକାରୀଙ୍କ ସହିତ ୭ କୋରନା ପଜେଟିଭ୍

ଜଳେଶ୍ୱର,୧୬।୯ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକର ରାଇବଣିଆ ଥାନାରେ ଭାରପ୍ରାପ୍ତ ଥାନା ଅଧିକାରୀଙ୍କ ସହିତ ୭ଜଣ କରୋନ ପଜେଟିଭ୍ ସଂକ୍ରମିତ ହୋଇଥିବାରୁ ଥାନାକୁ କ୍ୟାରାଣ୍ଟାଇନ୍ ଘୋଷଣା କରାଯାଇଛି । ୨ ଦିନ ଧରି ଥାନାକୁ କେହି ଆସୁନଥିବା ବେଳେ ଆସନ୍ତା ଦିନରେ କାହାକୁ ନ ଯିବାକୁ ପରାମର୍ଶ ଦିଆଯାଇଛି । ଅନ୍ୟପକ୍ଷରେ ସେମାନଙ୍କୁ ସଂଗରୋଧରେ ୧୪ ଦିନ ରହିବାକୁ ପରାମର୍ଶ ଦିଆଯାଇଛି । ଅନ୍ୟପକ୍ଷରେ ସେ ଅଂଚଳର କୌଣସି ଅଭିଯୋଗର ନ୍ୟାୟ ମିଳିପାରୁନଥିବାରୁ ଅନ୍ୟତ୍ର ଏକ ଅସ୍ଥାୟୀ ଥାନା ସ୍ଥାପନ କରି ଅସ୍ଥାୟୀଭାବେ କାର୍ଯ୍ୟ ତୁଲାଇବାକୁ ଦାବି ହୋଇଛି ।

## ପୂର୍ବତଟ ରେଳପଥ ପକ୍ଷରୁ ବ୍ୟାପକ ଭାବେ ସ୍ୱଚ୍ଛତା ପକ୍ଷ ପାଳନ

ଭୁବନେଶ୍ୱର,୧୬।୯ (ନି.ପ୍ର): ୧୬ ରୁ ୩୦ ସେପ୍ଟେମ୍ବର ପର୍ଯ୍ୟନ୍ତ ଭାରତୀୟ ରେଳବାଇ ପକ୍ଷରୁ ସ୍ୱଚ୍ଛତା ହିଁ ସେବା ପକ୍ଷ ଦେଶସାରା ପାଳନ କରାଯାଉଅଛି । ଏଥିପାଇଁ ପୂର୍ବତଟ ରେଳପଥ ବ୍ୟାପକ ଭାବେ ସ୍ୱଚ୍ଛତା ପକ୍ଷ ପାଳନ କରି ରେଳ ଷ୍ଟେସନ ପରିସର, ଟ୍ରେନ, କାର୍ଯ୍ୟାଳୟ, ୱାର୍କଶପ, ମରାମତି ଡିପୋ, ରେଳବାଇ ସ୍ୱାସ୍ଥ୍ୟ କେନ୍ଦ୍ର ଓ ବାସସ୍ଥଳୀ ଅଂଚଳମାନଙ୍କରେ ପରିଚ୍ଛନ୍ନତା ପ୍ରତି ବ୍ୟାପକଭାବେ ସ୍ୱତନ୍ତ୍ର ଧ୍ୟାନ ଦେଉଅଛି । ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଶ୍ରୀ ବିଦ୍ୟା ଭୂଷଣ ଆଜି ପୂର୍ବାହ୍ଣରେ ରେଳସଦନରୁ ଭରଚୁଆଲ ମାଧ୍ୟମରେ ରେଳପଥ ଅଧିକାରୀ ଓ କର୍ମଚାରୀମାନଙ୍କୁ ଶପଥ ପାଠ କରାଇ ସ୍ୱଚ୍ଛତା ନିମନ୍ତେ ପ୍ରତି ସପ୍ତାହରେ ଦୁଇ ଘଂଟା ଶ୍ରମଦାନ କରିବା ସହିତ ନିଜେ ଅଳିଆ ନଫିଙ୍ଗିବା କିମ୍ବା କାହାକୁ ଏହା ନକରିବା ପାଇଁ ପ୍ରବର୍ତ୍ତାଇବା; ନିଜଠାରୁ, ନିଜ ପରିବାରରୁ, ନିଜ ଅଞ୍ଚଳରୁ ଏବଂ କାର୍ଯ୍ୟସ୍ଥଳରୁ ପରିଚ୍ଛନ୍ନତା ଆରମ୍ଭ କରିବା ସହିତ ଅନ୍ୟମାନଙ୍କୁ ଏଥିପ୍ରତି ପ୍ରବର୍ତ୍ତାଇବାକୁ ଶପଥ ପାଠ କରାଇଥିଲେ ଯାହା ଫଳରେ ଦେଶକୁ ପରିଷ୍କାର ପରିଚ୍ଛନ୍ନତା ରଖାଯାଇପାରିବ ।

# ତେଲ ଟ୍ୟାଙ୍କରରେ ଗଞ୍ଜେଇ ଚୋରା ଚାଲାଣ : ପ୍ରେସ ବିବୃତି ମାଧ୍ୟମରେ ବିଷଦ ସୂଚନା ପ୍ରଦାନ କଲେ ଏସପି

**୬୨ଟି ପ୍ୟାକେଟ ଗଂଜେଇ ଥିଲା, ୧୬୧୮କେଜି ୪୦୦ ଗ୍ରାମ ଗଂଜେଇ, ଆନୁମାନିକ ୧ କୋଟି ଟଙ୍କାର ଗଞ୍ଜେଇ ଜବତ**




ରାୟଗଡା ,୧୬।୯ (ନି.ପ୍ର): ରାୟଗଡା ଥାନା ପୋଲିସ ଦ୍ୱାରା ଆରଟିଓ ଅଫିସରେ ଅଟକାଇ ଯାଇଥିବା ଏକ ତେଲ ଟ୍ୟାଙ୍କରରୁ ବିପୁଳ ପରିମାଣର ଗଂଜେଇ ଜବତ କରାଯାଇଛି । ଉକ୍ତ ତେଲ ଟ୍ୟାଙ୍କରରୁ ୬୨ଟି ବସ୍ତାରୁ ୧୬୧୮କେଜି ୪୦୦ଗ୍ରାମର ଗଂଜେଇ ଜବତ କରିଛି ରାୟଗଡ ଥାନା ପୋଲିସ । ଏହି ଘଟଣାରେ ସଂପୃକ୍ତ ଟ୍ୟାଙ୍କର ଗାଡି ଡ୍ରାଇଭର ରାମ କୁମାର ଓରଫ ଶିବଶଙ୍କର ଯାଦବଙ୍କୁ ପୋଲିସ ଆଜି କୋର୍ଟ ଚାଲାଣ କରିଥିବା ନେଇ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଡଃ.ଶର୍ବଣା ବିବେକ ଏମ.ପ୍ରେସ୍ ବିବୃତି ମାଧ୍ୟମରେ ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତ ଡ୍ରାଇଭର ରାମ କୁମାରର ମନିପର୍ସରୁ ୭୦୦୦ଟଙ୍କା ଜବତ କରାଯାଇଛି । ଅଭିଯୁକ୍ତ ରାମ କୁମାରର ଘର ବିହାର ରାଜ୍ୟର ପାଟନା ଜିଲ୍ଲା ନଦିଥରା ଥାନା ଅନ୍ତର୍ଗତ ଜେଠୁଲି ଗ୍ରାମ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି । ରାୟଗଡ ଆଂଚଳିକ ପରିବହନ ଅଧିକାରୀ ଦିଲ୍ଲିପ କୁମାର ଦଳେଇଙ୍କ ଲିଖିତ ଅଭିଯୋଗ ପରେ ରାୟଗଡ ଥାନା କେସ ନମ୍ବର ୨୯୨ ପ୍ରକାରେ ୟୁ/ଏସ ୨୦(ବି)( ।)(ସି)୨୫/୨୯ ଅଫ୍ ଏନଡିପିଏସ୍ ଏକ୍ଟ ୧୯୮୫ ଆଇପିସି ଧାରାରେ ଅଭିଯୁକ୍ତ ଡ୍ରାଇଭର ରାମ କୁମାରକୁ କୋର୍ଟ ଚାଲାଣ କରାଯାଇଛି । ପ୍ରକାଶ ଥାଉ କି,ଗତ ଶନିବାର ଦିନ ରାୟଗଡ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ଦଳେଇ ରାୟଗଡ-କେରଡା ମୁଖ୍ୟ ରାସ୍ତାର ଜଗନ୍ନାଥପୁର ନିକଟରେ ଗାଡିଗୁଡିକୁ ଯାଞ୍ଚ କରୁଥିବା ବେଳେ ଆନ୍ଧ୍ରପ୍ରଦେଶର ବିଜୟୱାଡାରୁ ବିହାର ରାଜ୍ୟର ପାଟନାକୁ ଯାଉଥିବା ଏକ ଟାଟା ତେଲ ଟ୍ୟାଙ୍କର (ଏନଲଏ୦୩ଏ-୫୬୯୫) ଗାଡିକୁ ଅଟକାଇ କାଗଜପତ୍ର ମାଗିଥିଲେ । ତେବେ ଗାଡି ଡ୍ରାଇଭର ସଠିକ୍ ଥିବା କୌଣସି କାଗଜପତ୍ର ନ ଦେଖାଇବାରୁ ଜୋରିମାନା ବାବଦକୁ ଆରଟିଓ ଶ୍ରୀ ଦଳେଇ ଟ୍ୟାଙ୍କରକୁ ନିଜ କାର୍ଯ୍ୟାଳୟରେ ଅଟକାଇ ରଖିଥିଲେ । ତେବେ ଦୁଇ ଦିନ ପରେ ଆରଟିଓଙ୍କ କାର୍ଯ୍ୟାଳୟ ପରିସରରେ ଗଂଜେଇ ବାସ୍ନା ହେଉଥିବାରୁ ଟ୍ୟାଙ୍କରକୁ ସନ୍ଦେହ କରି ଭଲ ଭାବରେ ଦେଖାଯାଇଥିଲା । ପରେ ଟ୍ୟାଙ୍କର ଭିତରେ ବହୁ ପ୍ୟାକେଟ୍ ?ଗୁଡିକ ରହିଥିବା ଦେଖିବାକୁ ମିଳିଥିଲା । ତୁରନ୍ତ ଆର୍‌ଟିଓ ଶ୍ରୀ ଦଳେଇ ଏ ନେଇ ରାୟଗଡା ଥାନାକୁ ଜଣାଇଥିଲେ । ଖବର ପାଇ ରାୟଗଡ ଥାନା ଏସ.ଆଇ.ସୌମ୍ୟରଂଜନ ପତି ଟ୍ୟାଙ୍କରକୁ ଛାନଭିନ କରି ଦେଖିବା ପରେ ଡ୍ରାଇଭର ରାମ କୁମାର ଓ ଗାଡିକୁ ଥାନାକୁ ଆଣିଥିଲେ । ମଙ୍ଗଳବାର ଦିନ କାର୍ଯ୍ୟ ନିର୍ବାହୀ ମାଜିଷ୍ଟ୍ରେଟ ସୁନୀଲ ଖରାଙ୍କ ଉପସ୍ଥିତିରେ ଟ୍ୟାଙ୍କରରୁ ୬୨ଟି ଗଂଜେଇ ପ୍ୟାକେଟ ବାହାର କରାଯାଇ ଓଜନ କରାଯାଇଥିବା ବେଳେ ଏଥିରୁ ୧୬୧୮ କେଜି ୪୦୦ଗ୍ରାମର ଗଂଜେଇ ଜବତ ହୋଇଛି ଏବଂ ଏହାର ଆନୁମାନିକ ମୂଲ୍ୟ ପାଖାପାଖି ଏକ କୋଟି ଟଙ୍କାର ହୋଇପାରେ ବୋଲି ପୋଲିସ ଅନୁମାନ କରିଛି ।

## ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ସେବା ସପ୍ତାହର ତୃତୀୟ ଦିବସ

ଭୁବନେଶ୍ୱର,୧୬।୯ (ନି.ପ୍ର): ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କୁ ଜନ୍ମଦିନର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ନିରାମୟ ଓ ଦୀର୍ଘଜୀବନ କାମନା କରି ବିଜେପି କାର୍ଯ୍ୟକର୍ତ୍ତାମାନେ ଗତ ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ ସେବା ସପ୍ତାହ ପାଳନ କରୁଛନ୍ତି । ଏହି ଅବସରରେ ଆଜି ମହିଳା ମୋର୍ଚ୍ଚା ଓ ସାଂସ୍କୃତିକ ପ୍ରକୋଷ୍ଠ ତରଫରୁ ବିଜେପି କାର୍ଯ୍ୟକର୍ତ୍ତାମାନେ ରାଜ୍ୟର ସମସ୍ତ ବସ୍ତି ଏବଂ ଡାକ୍ତରଖାନାକୁ ଯାଇ ଫଳ, ମାସ୍କ ଓ ସାନିଟାଇଜର ବିତରଣ କରିଛନ୍ତି । ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ସ୍ମୃତି ପଟ୍ଟନାୟକ ଆଜି କଟକ ସହରର ବିଭିନ୍ନ ବସ୍ତି ଓ ଡାକ୍ତରଖାନାକୁ ଯାଇ ଫଳ, ମାସ୍କ ଓ ସାନିଟାଇଜର ବଂଟନ କରିଛନ୍ତି । ସେହିପରି ରାଜ୍ୟର ବିଭିନ୍ନ ସ୍ଥାନରେ ବିଜେପି କାର୍ଯ୍ୟକର୍ତ୍ତାମାନେ କୋଭିଡ୍-୧୯ ଗାଇଡଲାଇନକୁ ପାଳନ କରି ବଂଟନ କାର୍ଯ୍ୟ କରିଛନ୍ତି । ଆସନ୍ତା କାଲି ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ । କେନ୍ଦ୍ରୀୟ ନିଷ୍ପତି ଅନୁଯାୟୀ ସେବା ସପ୍ତାହ ଅବସରରେ ଆଜି ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବାଲେଶ୍ୱର, ମୟୁରଭଂଜ, କେନ୍ଦୁଝର, ଭଦ୍ରକ, ଯାଜପୁର, ଜଗତସିଂହପୁର, କଟକ, ପୁରୀ, ନୟାଗଡ, ଖୋର୍ଦ୍ଧା, ଦେବଗଡ, ସମ୍ବଲପୁର, ସୁନ୍ଦରଗଡ, ଝାରସୁଗୁଡା, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି, ସୋନପୁର, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ରାୟଗଡା, ଗଜପତି, ଗଂଜାମ, କନ୍ଧମାଳ, ନୂଆପଡା, ଅନୁଗୁଳ, ଢେଙ୍କାନାଳ ଜିଲ୍ଲାର ପ୍ରତ୍ୟେକ ବସ୍ତି ଓ ଡାକ୍ତରଖାନାରେ ଫଳ, ମାସ୍କ, ସାନିଟାଇଜର ଆଦି ବଂଟନ କରାଯାଇଛି । ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତିଙ୍କ ଅନୁରୋଧକ୍ରମେ ସପ୍ତାହବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ସେବା ସପ୍ତାହ କାର୍ଯ୍ୟକ୍ରମରେ ପାର୍ଟୀର ସମସ୍ତ ସାଂସଦ, ବିଧାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ, ସମସ୍ତ ନିର୍ବାଚିତ ଜନ ପ୍ରତିନିଧିମାନଙ୍କ ସହ ପାର୍ଟୀର ସମସ୍ତ ପଦାଧିକାରୀ ଓ କାର୍ଯ୍ୟକର୍ତ୍ତାମାନେ କୋଭିଡ୍-୧୯ ନୀତିନିୟମକୁ ପାଳନ ସହ ଯୋଗଦାନ କରୁଛନ୍ତି ।

# ଭଟ୍ଟର ହସ୍‌ପିଟାଲରେ ରୋଗୀ କଲ୍ୟାଣ ସମିତି ଓ ଡାଏଟ୍ କମିଟି ବୈଠକ

**ମାତୃ ଓ ଶିଶୁ ମଂଗଳ କାର୍ଯ୍ୟାଳୟର ନିର୍ମାଣରେ ବ୍ୟାପକ ଅନିୟମିତା ଯୋଗୁଁ ଅସନ୍ତୋଷ**

ଜଳେଶ୍ୱର,୧୬।୯ (ନି.ପ୍ର): ଆଜି ବୁଧବାର ପୂର୍ବାହ୍ନରେ ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲର ଜିକେ ଭଟ୍ଟର ସିଏଚ୍‌ସିର ରୋଗୀ କଲ୍ୟାଣ ସମିତି ଓ ଡାଏଟ୍ କମିଟିର ମିଳିତ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ବିଧାୟକ ଅଶ୍ୱିନୀ ପାତ୍ର ଅଧ୍ୟକ୍ଷତା କରି କର୍ମୀମାନଙ୍କୁ ସ୍ୱାଗତ ଜଣାଇଥିଲେ । ୫ କୋଟି ଟଙ୍କା ବ୍ୟୟରେ ଜିଲାରେ ପ୍ରଥମ ନିର୍ମାଣ ହୋଇଥିବା ମାତୃ ଓ ଶିଶୁ ମଂଗଳ ଚିକିତ୍ସାଳୟ ନିର୍ମାଣରେ କେତେକ ଅନୀୟମିତତା ନେଇ ସଭ୍ୟମାନେ ଅସନ୍ତୋଷ ବକ୍ତ କରିଥିଲେ । ୩୦ଟି ଏ.ସି ମଧ୍ୟ ମାତ୍ର ୨ଟି ଚାଲୁ ଅବସ୍ଥାରେ ଥିବା ୨୮ଟି ପାଇଖାନାର କାର୍ଯ୍ୟ ତୃଟିପୂର୍ଣ୍ଣ ଥିବାର ବିଧାୟକ ଓ ଅନ୍ୟ କର୍ମକର୍ତ୍ତା ବୁଲି ଦେଖିବା ସହିତ ଚଳିତମାସ ଏହା ସମାଧାନ ଲାଗି ଉପସ୍ଥିତ ଥିବା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପୁରୁଣା ବିଲ୍ଡିଂ ୨ଟି ବ୍ୟାଟେରୀ କିଣିବା, ଷ୍ଟାଫ୍‌କ୍ୱାଟରକୁ ରାସ୍ତା ମରାମତି, କ୍ୱାଟର ମରାମତି, ପରିସରରୁ ଟ୍ରାନ୍ସଫରମର ସ୍ଥାନାନ୍ତର ଓ ସିଏସି ପରିସରରେ ବସିଥିବା ୨ଟି ଜେନେରେଟରର ସେଡ୍ ନିର୍ମାଣ ଲାଗି ଜିଲାପାଳ ଅର୍ଥ ଯୋଗାଇବା ସଂପର୍କରେ ଆଲୋଚନା ହୋଇଥିଲା । ବିଧାୟକ ଶ୍ରୀ ପାତ୍ର, ପୌରପାଳ ଅଜୟ ମହାପାତ୍ର, ବିଡିଓ ଦିପ୍ତିରଂଜନ ସେଠୀ, ସିଡିପିଓ ଦିପ୍ତିମୟୀ ପୋଥାଳ, ପୂର୍ବ ଏସ୍‌ଡିଓ ଇଂ ଅଶୋକ ପଣ୍ଡା, ନିହାର ରଂଜନ ବେହେରା, ନେସ୍କୋ ନିର୍ବାହି ଅଧିକାରୀ ସମ୍ୟରଂଜନ ନାୟକ, ଏସ୍‌ଡିଓ ଜିପିଏସ୍ ସସ୍ମିତା ସାମନ୍ତ, ମେଡିକାଲ ଅଫିସର ବିନୋଦ କୁମାର ପ୍ରଧାନ, ଜେଇ ପୂର୍ଣ୍ଣତୟା ସାହୁ, ପିଏଚ୍‌ଡି ଜେଇ ରତନ କୁମାର ମାଝି ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କମିଟି ସଦସ୍ୟ ଡ. ରମାକାନ୍ତ ଭଂଜ, ଅଶୋକ ପାତ୍ର, ଗିତାଞ୍ଜଳି ସାମନ୍ତ. ପୁଷ୍ପପ୍ରିୟା କାମିଲା, ଶଂକର ଘୋଷ, ଅବନୀ ଚାନ୍ଦ, ବିଜୟ କାମିଲା, ଫକୀର ମୋହନ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂହଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ଶଶୀକାନ୍ତ ଜେନା, ବନମାଳୀ ଜେନା ପ୍ରମୁଖ ପରିଚାଳନା କରିଥିଲେ ।

# ବାଲିଆପାଳର ଆଦର୍ଶ ଶିକ୍ଷକ ବେଣୁଧର ପ୍ରଧାନ ପରଲୋକ : ଆଖିରୁ ଲୁହ ଗଡାଇଲେ ତାଙ୍କ ଶବଧାରରେ ଶହ ଶହ ଛାତ୍ର



ବାଲିଆପାଳ,୧୬।୯ (ନି.ପ୍ର): ବାଲିଆପାଳ ଅଞ୍ଚଳର ଆଦର୍ଶ ଶିକ୍ଷକ ତଥା ବାଲିଆପାଳ ପ୍ରାଥମିକ ବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବେଣୁଧର ପ୍ରଧାନଙ୍କ ୭୪ ବର୍ଷ ବୟସରେ ବୁଧବାର ମୃତ୍ୟୁଘଟିଛି । ଆଦର୍ଶ ଶିକ୍ଷକଙ୍କ ମୃତ୍ୟୁ ଖବର ପାଇ ଦିନ ତମାମ ତାଙ୍କ ବାସଭବନକୁ ତାଙ୍କର ଶହ ଶହ ଛାତ୍ରମାନେ ଶେଷ ଦର୍ଶନ କରିବା ପାଇଁ ଅପେକ୍ଷା କରି ରହିଥିଲେ । ଦୀର୍ଘ ଦିନ ଧରି ଅସୁସ୍ଥ ଥିବା ବେଳେ ଏକ ସପ୍ତାହ ତଳେ ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର ଉତ୍କଳ ହସପିଟାଲକୁ ନିଆଯାଇଥିଲା । ସ୍ୱର୍ଗତ ପ୍ରଧାନ ଦୀର୍ଘ ଦିନ ଧରି ପେଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ । କରୋନା ପରୀକ୍ଷାରେ ନେଗେଟିଭ ଆସିବା ପରେ ତାଙ୍କର ଗୁରୁତ ରୋଗର ଚିକିତ୍ସା କରାଯାଉଥିଲା । ମାତ୍ର ବୁଧବାର ସକାଳେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ସନ୍ଧ୍ୟାରେ ତାଙ୍କର ମରଶରୀର ବାଲିଆପାଳ ଚକବ୍ରହ୍ମସ୍ଥିତ ବାସଭବନରେ ପହଞ୍ଚିବା ପରେ ଛାତ୍ରଛାତ୍ରୀ, ଅଭିଭାବକ, ପରିବାର ବର୍ଗ, ଶୁଭେଚ୍ଛୁ ଓ ଗ୍ରାମବାସୀମାନେ ଶେଷ ଦର୍ଶନ କରିଥିଲେ । ବିରାଟ ଶବାଧାରରେ ଶହ ଶହ ଛାତ ତଥା ଗ୍ରାମବାସୀମାନେ ବାଲିଆପାଳ ଗୁନାପୁରସ୍ଥିତ ମୁକ୍ତିଦ୍ୱାରାକୁ ଅନ୍ତିମସଂସ୍କାର ପାଇଁ ନିଆଯାଇଥିଲା । ବଡପୁତ୍ର ପଶୁପତି ମୁଖାଗ୍ନି ଦେଇଥିଲେ । ସ୍ୱର୍ଗତ ଆଦର୍ଶ ଶିକ୍ଷକ ଶ୍ରୀ ପ୍ରଧାନ ବାଲିଆପାଳ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ୩୦ ବର୍ଷ ଧରି ଶିକ୍ଷକତା କରି ଅବସର ଗ୍ରହଣ କରିଥିଲେ । ତାଙ୍କର ହଜାର ହଜାର ଛାତ୍ରଛାତ୍ରୀମାନେ ବହୁ ଉଚ୍ଚ ପଦ ପଦବୀରେ ରହିଛନ୍ତି । ସେ ଜଣେ ଛାତ୍ର ବତ୍ସୋଳ, ମିଷ୍ଟଭାଷୀ ଓ ନିଜର ପାଠ ପଢା ଶୈଳୀରେ ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କୁ ବାନ୍ଧି ରଖିଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ନିଜର ଆଦର୍ଶ ଶିକ୍ଷକଙ୍କୁ ହରାଇ ମ୍ରିୟମାଣ ହୋଇପଡିଥିଲେ ଛାତ୍ର ଓ ଅଭିଭାବକମାନେ । ତାଙ୍କ ଶେଷ ଦର୍ଶନ କରିବା ପାଇଂ ବାଲିଆପାଳ ସରପଞ୍ଚ ମଧୁସୂଦନ ବାରିକ, ସମିତି ସଦସ୍ୟ ଗିରିଶ ଚନ୍ଦ୍ର ପାତ୍ର, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ଅମୂଲ୍ୟ କର, ପ୍ରାଥମିକ ଶିକ୍ଷକ ସଂଘର ସଭାପତି ପ୍ରଭାତ ରଞ୍ଜନ ସାହୁ, ସଂପାଦକ ଆଦିତ୍ୟ ରାଉତ, ଶିକ୍ଷକ ସଞ୍ଜୀବ ପାତ୍ର, ଧନଞ୍ଜୟ ଦେ, ତାଙ୍କ ଛାତ୍ର ତଥା ବରିଷ୍ଠ ସାମ୍ବାଦିକ ଅଜୟ କୁମାର ସାହୁ, ବିଜୁ ଜନତା ଦଳ ବାଲିଆପାଳ ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଦାସ, ଛାତ୍ର ନଜିର ଖାଁ, କାଳୀଚରଣ ଗିରି, ଲକ୍ଷ୍ମୀକାନ୍ତ ବାରିକ, ହିଂମାଂଶୁ ଜେନା, ଅଜୟ ଗିରି, ଡାକ୍ତର ଦେବବ୍ରତ ଦଣ୍ଡପାଟ ପ୍ରମୁଖ ଶେଷ ଦର୍ଶନ କରି ନିଜର ଆଦର୍ଶ ଶିକ୍ଷକଙ୍କୁ ହରାଇ ଅଶ୍ରୁଳଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ପୁତ୍ର ତଥା କୃଷି ବିଭାଗର ଉଚ୍ଚପଦସ୍ଥ ଅଫିସର କାର୍ତ୍ତିକ ଓ ଧନଞ୍ଜୟ ତଥା ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

# ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟ ସହର ରୂପେ ଗଢ଼ିବା ପାଇଁ ପୁରୀ ପୌରପାଳିକା ଦ୍ୱାରା ଲୋଗୋ ଏବଂ ଟ୍ୟାଗ ଲାଇନ ପ୍ରତିଯୋଗିତାର ଆୟୋଜନ

ପୁରୀ,୧୬।୯ (ନି.ପ୍ର):ସ୍ୱଚ୍ଛ ପୁରୀ ପ୍ରୟାସ ମାଧ୍ୟମରେ ପୁରୀ କୁ ବିଶ୍ୱ ସ୍ତରୀୟ ଐତିହ୍ୟ ସହର ରୂପେ ଗଢ଼ିବା ପାଇଁ ଜନସାଧାରଣ ଙ୍କ ଯୋଗଦାନ ଏବଂ ଏ ସମ୍ବନ୍ଧ ରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟ ରେ ପୁରୀ ପୌରପାଳିକା ସୃଜନଶୀଳ ସହରବାସୀଙ୍କ ମଧ୍ୟରେ ଏକ ଲୋଗୋ ଏବଂ ଟ୍ୟାଗ ଲାଇନ ପ୍ରତିଯୋଗିତା ର ଆୟୋଜନ କରିଅଛି । ଆଜି ସେପ୍ଟେମ୍ବର ୧୬ ତାରିଖରୁ ଏଥିରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ପୁରୀ ବାସୀ ଙ୍କ ଠାରୁ ପ୍ରବେଶିକା ଆହ୍ୱାନ କରାଯାଉଛି । ଏବଂ ପ୍ରବେଶିକା ଦାଖଲର ଶେଷ ତାରିଖ ସେପ୍ଟେମ୍ବର ୨୫ ରଖାଯାଇଛି । ଏଥିରେ ଅଂଶ ଗ୍ରହଣ କରିବା ପାଇଁ କୌଣସି ବୟସ ସୀମା କିମ୍ବା ପ୍ରବେଶ ଶୁଳ୍କ ରଖାଯାଇ ନାହିଁ । କିନ୍ତୁ ଜଣେ ବ୍ୟକ୍ତି କେବଳ ଗୋଟିଏ ପ୍ରବେଶିକା ଦାଖଲ କରିପାରିବେ । ଇଂରାଜୀ କିମ୍ବା ଓଡିଆ ଭାଷାରେ ଟ୍ୟାଗ ଲାଇନ ଲେଖାଯାଇ ପାରେ । ଏବଂ ଉଭୟ ବିଭାଗରେ ବିଜେତା ଙ୍କୁ ୧୦,୦୦୦ ଟଙ୍କା ନଗଦ ପୁରସ୍କାର ଦିଆଯିବ । ଏତଦ୍‌ବ୍ୟତୀତ ପ୍ରତ୍ୟେକ ୱାର୍ଡ ର ୧୦ ଜଣ ଶ୍ରେଷ୍ଠ ପ୍ରତିଯୋଗୀ ମାନଙ୍କୁ ୫୦୦ ଟଙ୍କା ଲେଖାଏଁ ଦିଆଯିବ । ଏହି ପ୍ରତିଯୋଗିତା ଅନଲାଇନ ରେ ହେବ । ଏବଂ ପ୍ରତିଯୋଗୀ ମାନେ ଲିଙ୍କ କୁ ଯାଇ ନିଜ ନାମ ପଞ୍ଜିକୃତ କରିବା ସହ ନିଜ ଲୋଗୋ କିମ୍ବା ଟ୍ୟାଗ ଲାଇନ ପ୍ରେରଣ କରିପାରିବେ । ଉକ୍ତ ୱେବସାଇଟ ରେ ପ୍ରତିଯୋଗିତା ସମ୍ବନ୍ଧୀୟ ସମସ୍ତ ସୂଚନା ଓ ସର୍ତ୍ତାବଳୀ ବିସ୍ତୃତ ଭାବରେ ଦିଆଯାଇଛି । ଜନସାଧାରଣ ଙ୍କ ମଧ୍ୟରେ ଏହି ପ୍ରତିଯୋଗିତା ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ସକାଶେ ପୁରୀ ପୌରପାଳିକା ତରଫରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ଏଥିପାଇଁ ସୋସିଆଲ ମିଡିଆ ଏବଂ ଲିଫ୍ ଲେଟ ଓ ପ୍ରଚାର ପତ୍ର ଆଦି ର ଉପଯୋଗ କରାଯାଉଅଛି । ଆଜି ଏ ସମ୍ବନ୍ଧରେ ସୂଚନା ଦେଇ ପୁରୀ ପୌରପାଳିକା ନିର୍ବାହୀ ଅଧିକାରୀ ଶ୍ରୀ ବିଜୟ କୁମାର ଦାସ ଏକ ଭିଡିଓ ବାର୍ତ୍ତା ଜାରି କରି ବହୁ ସଂଖ୍ୟା ରେ ଏହି ଦୁଇ ପ୍ରତିଯୋଗିତା ରେ ଅଂଶ ଗ୍ରହଣ ପାଇଁ ପୁରୀ ସହର ବାସୀ ଙ୍କୁ ଅପିଲ କରିଛନ୍ତି । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ, କୋଭିଡ୍-୧୯ ମହାମାରୀ ପରିପ୍ରେକ୍ଷୀରେ ସହରର ପରିଚ୍ଛନ୍ନତା ଓ ସହରବାସୀ ଙ୍କ ସ୍ୱାସ୍ଥ୍ୟ ରକ୍ଷା ପାଇଁ ପୁରୀ ପୌରପାଳିକା ଦ୍ୱାରା ନିଆଯାଇଥିବା ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଲୋଗୋ ଏବଂ ଟ୍ୟାଗ ଲାଇନ ର ସୃଜନ ନିମନ୍ତେ ପ୍ରତିଯୋଗିଙ୍କୁ ପ୍ରେରଣା ଯୋଗାଇପାରେ । ଏକ ସ୍ୱାଧୀନ ବିଚାରକ ମଣ୍ଡଳୀ ପ୍ରତିଯୋଗିତାର ବିଚାର କରିବେ ଏବଂ ପ୍ରତିଯୋଗୀ ଙ୍କ କୃତୀ ରେ ଥିବା ସୃଜନଶୀଳତା, ସରଳତା ଏବଂ ଜନସାଧାରଣ ଙ୍କ ଅବଚେତନ ରେ ସକାରାତ୍ମକ ପ୍ରଭାବ ପକାଇ ପାରୁଥିବା ବିନ୍ଦୁ ଗୁଡିକୁ ଚୟନ ବେଳେ ଗୁରୁତ୍ୱ ଦେବେ ।

# ଆଜି ପୁଣି ୨୮୭ ନୂତନ ପଜିଟିଭ ଚିହ୍ନଟ

ପୁରୀ,୧୬।୯ (ନି.ପ୍ର): ଆଜି ଚିହ୍ନଟ ୨୮୭ ନୂତନ ପଜିଟିଭଙ୍କୁ ମିଶାଇ ପୁରୀ ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୭୧୩୦ରେ ପହଞ୍ଚିଛି । ଇତି ମଧ୍ୟରେ ପୁରୀ ଜିଲ୍ଲାରେ ୨୮ ଜଣ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଥିବାବେଳେ ଜିଲ୍ଲାରେ ଆଜି ସୁଦ୍ଧା ୨୬ ଟି କଣ୍ଟେନମେ ଜୋନ୍ ରହିଛି । କେବଳ ପୁରୀ ମ୍ୟୁନିସପାଲିଟିରେ ୨୪୦୩ଜଣ ପଜିଟିଭ ଚିହ୍ନଟ କରାଯାଇଥିବାବେଳେ ୬୭୦ଜଣ ସକ୍ରିୟ ସଂକ୍ରମିତ ଚିକିତ୍ସାଧିନ ଅଛନ୍ତି । ଆଜି ସୁଦ୍ଧା ପୁରୀ ଜିଲ୍ଲାର ପିପିଲି ବ୍ଲକରେ ୪୩୭ଜଣ କରୋନା ପଜିଟିଭଙ୍କୁ ଚିହ୍ନଟ କରାଯାଇଥିବାବେଳେ ୧୨୫ ଜଣ ସକ୍ରିୟ ସଂକ୍ରମିତ ଚିକିତ୍ସାଧିନ ଅଛନ୍ତି । ସେହିପରି ପୁରୀସଦର ବ୍ଲକରୁ ଚିହ୍ନଟ ୮୦୪ପଜିଟିଭ ମଧ୍ୟରୁ ୨୩୮ ସକ୍ରିୟ ସଂକ୍ରମିତ ଓ ଗୋପ ବ୍ଲକରେ ୪୧୧ଚିହ୍ନଟ ପଜିଟିଭଙ୍କ ମଧ୍ୟରୁ ୧୭୦ଜଣ ସକ୍ରିୟ ସଂକ୍ରମିତ ଚିକିତ୍ସାଧିନ ଅଛନ୍ତି । କାକଟପୁର ବ୍ଲକର ଚିହ୍ନଟ ୩୯୨ପଜିଟିଭଙ୍କ ମଧ୍ୟରୁ ୧୨୮ ସକ୍ରିୟ ସଂକ୍ରମିତ ଚିକିତ୍ସାଧିନ ଥିବାବେଳେ ନିମାପଡ଼ା ବ୍ଲକରେ ଚିହ୍ନଟ ୫୬୩ପଜିଟିଭଙ୍କ ମଧ୍ୟରୁ ୧୪୬ ସକ୍ରିୟ ସଂକ୍ରମିତ ଚିକିତ୍ସାଧିନ ଅଛନ୍ତି । ଅସ୍ତରଙ୍ଗ ବ୍ଲକରେ ଚିହ୍ନଟ ୩୦୮ଜଣ ପଜିଟିଭଙ୍କ ମଧ୍ୟରୁ ୧୦୭ଜଣ ସକ୍ରିୟ ସଂକ୍ରମିତ ଚିକିତ୍ସାଧିନ ଅଛନ୍ତି । ସେହିପରି ସତ୍ୟବାଦୀ ବ୍ଲକରେ ୪୧୯ଟି ପଜିଟିଭ ଚିହ୍ନଟ କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୩୯ଜଣ, ଡେଲାଙ୍ଗ ବ୍ଲକରେ ୧୮୬ଜଣଙ୍କୁ ଚିହ୍ନଟ କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୩୯ ଜଣ ସକ୍ରିୟ ସଂକ୍ରମିତ ଚିକିତ୍ସାଧିନ ଅଛନ୍ତି । କଣାସ ବ୍ଲକରେ ୪୩୩ଟି ପଜିଟିଭ ଚିହ୍ନଟ କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୩୯ଜଣ ସକ୍ରିୟ ସଂକ୍ରମିତ ଚିକିତ୍ସାଧିନ ଅଛନ୍ତି । ସେହିପରି ବ୍ରହ୍ମଗିରିର ଚିହ୍ନଟ୪୯୬ପଜିଟିଭଙ୍କ ମଧ୍ୟରୁ ୧୧୭ ସକ୍ରିୟ ସଂକ୍ରମିତ ଚିକିତ୍ସାଧିନ ଅଛନ୍ତି । କୃଷ୍ଣପ୍ରସାଦ ବ୍ଲକରେ ୨୪୨ପଜିଟିଭ ଚିହ୍ନଟ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୨୫ଜଣ ସକ୍ରିୟ ସଂକ୍ରମିତ ଚିକିତ୍ସାଧିନ ଅଛନ୍ତି । କୋଣାର୍କ ଏନ୍‌ଏସିର ଚିହ୍ନଟ ୪ଜଣ ପଜିଟିଭ ଓ ନିମାପଡ଼ା ଏନ୍‌ଏସିର ଚିହ୍ନଟ ୨୪ କରୋନା ଆକ୍ରାନ୍ତ ସୁସ୍ଥହୋଇ ଘରକୁ ଫେରିଥିବାବେଳେ ପିପିଲି ଏନ୍‌ଏସିର ଚିହ୍ନଟ ୮ ଜଣ ପଜିଟିଭ୍‌ଙ୍କ ମଧ୍ୟରୁ ୨ଜଣ ସକ୍ରିୟ ସଂକ୍ରମିତ ଚିକିତ୍ସାଧିନ ଅଛନ୍ତି ।

# କରୋନାରେ ଦେଶରେ ଗତ ୨୪ ଘଂଟାରେ ୯୦,୧୨୩ ନୂଆ ମାମଲା, ୧,୨୯୦ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୧୬।୯ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୯୦,୧୨୩ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଗତ ୨୪ ଘଂଟା ମଧ୍ୟରେ ୧,୨୯୦ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୦,୨୦,୩୬୦ ରେ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୯,୯୫,୯୩୩ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୮୨,୦୬୬ ଜଣ ମୃତ୍ୟୁ ବରଣ କରିଛନ୍ତି ।

# ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ ବିରୁଦ୍ଧରେ ସ୍ୱାକ୍ଷରତା ଅଭିଯାନ ଆରମ୍ଭ କଲା ଏବିଭିପି

ଭୁବନେଶ୍ୱର,୧୬।୯ (ନି.ପ୍ର): ଗତ କିଛି ଦିନ ତଳେ ରାଜ୍ୟ ସରକାରଙ୍କ ଦ୍ୱାରା ଓଡ଼ିଶା ବିଶ୍ୱ ବିଦ୍ୟାଳୟ ସଂଶୋଧନ ଅଧାଦେଶ ଅଣାଯାଇଥିଲା । ଏହି ଅଧାଦେଶ ବିଶ୍ୱ ବିଦ୍ୟାଳୟର ସ୍ୱାୟତତାକୁ ପ୍ରଶ୍ନ କରିବା ସହିତ କୁଳାଧିପତିଙ୍କ କ୍ଷମତାକୁ ହାନି ପହଂଚାଉଥିବା ନେଇ ଅଭିଯୋଗ ହୋଇଛି । ଏହି ଅଧାଦେଶ ରାଜ୍ୟ ସରକାରଙ୍କ କ୍ୟାମ୍ପସ ରାଜନୀତିକରଣ ଓ ଦୁର୍ନୀତିର ଗଳାବାଟ ଖୋଲିବା ପାଇଁ ଚକ୍ରାନ୍ତ ବୋଲି ମଧ ଅଭିଯୋଗ ହୋଇଛି । ଏହି ନିଷ୍ପତିକୁ ରାଜ୍ୟର ବିଭିନ୍ନ ଶିକ୍ଷାବିତ୍ ଓ ସଂସ୍ଥା ବିରୋଧ କରିବା ସମୟରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଏହି ଆନ୍ଦୋଳନର ନେତୃତ୍ୱ ନେଇଛି । ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଅନଲାଇନ ମାଧ୍ୟମରେ ଏହି ବିଶ୍ୱ ବିଦ୍ୟାଳୟ ସଂଶୋଧନ ଅଧ୍ୟାଦେଶକୁ ଖାରଜ କରିବା ପାଇଁ ପିଟିସନ ସ୍ୱାକ୍ଷର ଅଭିଯାନ ଆରମ୍ଭ କରିଛି । ତେବେ ଆଗାମୀ ଦିନରେ ଛାତ୍ର ସମାଜ ଏହି ନିଷ୍ପତିର ବିରୁଦ୍ଧରେ ଆନ୍ଦୋଳନ କରିବେ ଓ ଏହାର ନେତୃତ୍ୱ ଅଖିଳ ଭାରତୀୟ ବିଦ୍ୟାର୍ଥ୍ୟ ପରିଷଦ କରିବ ବୋଲି ରାଜ୍ୟ ସମ୍ପାଦକ ଶଶୀକାନ୍ତ ମିଶ୍ର କହିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo